





ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com


ବାଲେଶ୍ୱର ❑ ରବିବାର ୦୯ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 09 MARCH 2025
Vol.No. 36 ■ No.65 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# କର୍ଣ୍ଣାଟକରେ ଲଜ୍ଜା: ଇସ୍ରାଏଲ ପର୍ଯ୍ୟଟକଙ୍କ ସମେତ ଦୁଇ ମହିଳାଙ୍କୁ ଗଣଦୁଷ୍କର୍ମ

## ମାରପିଟ ପରେ ଓଡିଶାର ଯୁବକଙ୍କୁ ହତ୍ୟା !



ବେଙ୍ଗାଲୁରୁ, ୦୮/୩: କର୍ଣ୍ଣାଟକରୁ ଆସିଛି ଏକ ଛାତିଥରା ଘଟଣା ଯାହା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି ଆଉ ଏ ଲଜ୍ଜାଜନକ ଘଟଣା ପାଇଁ ସାରା ବିଶ୍ୱରେ ଭାରତ ପୁଣି ଥରେ ନିନ୍ଦିତ ହୋଇଛି । କର୍ଣ୍ଣାଟକରେ ଇସ୍ରାଏଲ ଯୁବତୀଙ୍କୁ ଗଣଦୁଷ୍କର୍ମ ହୋଇଥିବା ନେଇ ସାଙ୍ଘାତିକ ଅଭିଯୋଗ ହୋଇଛି । ଇସରାଏଲ ଯୁବତୀଙ୍କ ସମେତ ଦୁଇ ଜଣ ଯୁବତୀଙ୍କୁ ଦୁର୍ବୃତ୍ତ ଗଣଦୁଷ୍କର୍ମ କରିଛନ୍ତି । ଏଥିସହ ସେମାନଙ୍କ ସାଥିରେ ଥିବା ୩ ଜଣ ପୁରୁଷ ବନ୍ଧୁଙ୍କୁ ମଧ୍ୟ ମାଡ ମାରି ହ୍ରଦକୁ ଫିଙ୍ଗି ଦେଇଛନ୍ତି ଦୁର୍ବୃତ୍ତ । ତେବେ ନିଖୋଜ ୩ ଜଣ ପୁରୁଷ ବନ୍ଧୁଙ୍କ ଭିତରୁ ଜଣଙ୍କ ମୃତଦେହ ଆଜି ଉଦ୍ଧାର ହୋଇଛି । ମୃତକ ଜଣଙ୍କ ଓଡିଶାର ହୋଇଥିବା ବେଳେ ତାଙ୍କ ଘର ଓଡିଶାର କେଉଁ ଜିଲ୍ଲାରେ ତାହା ସ୍ପଷ୍ଟ ଜଣାପଡିନି । ସେପଟେ ମିଳିଥିବା ସୂଚନା ଅନୁସାରେ ଗୁରୁବାର ପ୍ରାୟ ରାତି ୧୧ରୁ ସାଢେ ୧୧ଟା ଭିତରେ ସାନପୁର ହ୍ରଦ ନିକଟରେ ଏଭଳି ଭୟଙ୍କର କାଣ୍ଡ ଘଟିଛି । ଇସ୍ରାଏନ ଯୁବତୀ ଏବଂ ସେ ଯାହାଙ୍କ ଘରେ ରହୁଥିଲେ ସେ ଯୁବତୀଙ୍କ ସମେତ ଅନ୍ୟ ୩ ଜଣ ପୁରୁଷ ବନ୍ଧୁ ହ୍ରଦ କୂଳରେ ମସ୍ତି କରୁଥିଲେ । ଏହି ସମୟରେ ବାଇକରେ ୩ ଜଣ ଆସି ସେମାନଙ୍କୁ ପେଟ୍ରୋଲ୍ ପମ୍ପ କଥା ପଚାରିଲେ । ଯୁବତୀ ଜଣଙ୍କ ଆଖପାଖରେ କୌଣସି ପେଟ୍ରୋଲ୍ ପମ୍ପ ନଥିବା ସହିବା ପରେ ଦୁର୍ବୃତ୍ତମାନେ ସେମାନଙ୍କୁ ଟଙ୍କା ମାଗିଥିଲେ ଏବଂ ଏମାନେ ଟଙ୍କା ଦେବାକୁ ରାଜି ନହେବାରୁ ଗଣ୍ଡଗୋଳ ଏବଂ ମାରପିଟ ପରିସ୍ଥିତି ସୃଷ୍ଟି ହୋଇଥିଲା । ୩ ଦୁର୍ବୃତ୍ତ ୩ ଜଣ ପୁରୁଷ ବନ୍ଧୁଙ୍କୁ ଧକ୍କାମାରି ହ୍ରଦରେ ପକାଇ ଦେଇଥିଲେ ଏବଂ ୨ ଯୁବତୀଙ୍କ ସହ ଗଣଦୁଷ୍କର୍ମ କରିଥିବା ସୂଚନା ମିଳିଛି । ଘଟଣା ପରେ କର୍ଣ୍ଣାଟକ କାଣ୍ଡ ସାରା ଭାରତର ଛବିକୁ ବିଶ୍ୱ ଦରବାରରେ ଲଜ୍ଜିତ କରିଥିବା ବେଳେ ଘଟଣାକେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ କରୁଛି ।

# ଅଚ୍ୟୁତଙ୍କ ପୁରୁଣା ଫନ୍ଦି: ପିଲା ଓ ଅଭିଭାବକଙ୍କୁ ଢାଲ କରି ଗଣମାଧ୍ୟମକୁ ଟାର୍ଗେଟ୍ ଅଭିଯୋଗ





ଭୁବନେଶ୍ୱର, ୦୮/୩ (ନି.ପ୍ର): କିଟ୍ ପ୍ରତିଷ୍ଠାତ ଅଚ୍ୟୁତ ସାମନ୍ତ କିଟ୍ ଓ କିସ୍ କେଳେଙ୍କାରୀ ବିରୋଧରେ ଅଭିଯୋଗ ବାବାଦରେ ବିଲକୁଲ୍ ମୁହଁ ଖୋଲିନାହାଁନ୍ତି ବରଂ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଢାଲ କରି ତାଙ୍କରି ମୁହଁରେ ଗଣମାଧ୍ୟମକୁ ଟାର୍ଗେଟ୍ କରୁଥିବାର ଅଭିଯୋଗ ହୋଇଛି। ଏଇ କ୍ରମରେ ଓଟିଭି ଉପରେ ମିଥ୍ୟା ଦୋଷାରୋପର ଅଭିଯାନ ଆରମ୍ଭ ହୋଇଯାଇଛି। ଭାଇରାଲ୍ ହେଉଛି କିସ୍ ଆଦିବାସୀ ଅଭିଭାବକ ସଂଘ ପ୍ୟାଡରେ ଓଟିଭି ବିରୋଧରେ ବିକ୍ଷୋଦ୍ଗାରର ଚିଠି। ଏଣେ ବରିଷ୍ଠ ସାମ୍ବାଦିକ ଓ ଆରଟିଆଇ କର୍ମୀ କହିଛନ୍ତି ଯେବେ ବି ଅଚ୍ୟୁତଙ୍କ ବେଆଇନ୍ କାମର ଚିଠା ଖୋଲେ, ସେତେବେଳେ ଢାଲ ହୁଅନ୍ତି କିସ୍ ପିଲା ଓ ଅଭିଭାବକ। ତାସହିତ ସାମ୍ନାକୁ ଆସି ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ଯବାବ ଦେବାକୁ ଅଚ୍ୟୁତଙ୍କୁ ଚ୍ୟାଲେଞ୍ଜ୍ ଦେଇଛନ୍ତି ଆରଟିଓ କର୍ମୀ। ନିଜ ମୁହଁରେ ତୁଣ୍ଡିବାନ୍ଧି ପ୍ରାୟୋଜିତ ସଂଘ ଜରିଆରେ ତୁଚ୍ଛା ଦୋଷାରୋପ ପାପ ଘୋଡ଼ାଇବାକୁ ପୁଣି ଭାବନାର ଖେଳ, ଆଦିବାସୀଙ୍କୁ ଢାଲ। ଯାହାର ସଦ୍ୟତମ ଉଦାହରଣ କିସ୍ ଆଦିବାସୀ ଅଭିଭାବକ ସଂଘ ପ୍ୟାଡରେ ଜାରି ହୋଇଥିବା ଏ ଚିଠି, ଯାହାକି ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ଯେଉଁଥିରେ କିଟ୍ ଓ କିସ ମିଛ ଅବଦାନର ଢୋଲପିଟା ସାଙ୍ଗକୁ ସଂସ୍ଥା କେଳେଙ୍କାରୀର ସତ ଖବର ଲୋକଙ୍କ ସାମ୍ନାକୁ ଆଣୁଥିବା ଓଟିଭି ବିରୋଧରେ କୁତ୍ସାରଟନା, ରାଜରାସ୍ତାକୁ ଓହ୍ଲାଇବାର ଧମକ ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ ଓଟିଭି ଓ ଏହାର ପ୍ରତିଷ୍ଠାତା ବୈଜୟନ୍ତ ପଣ୍ଡା ସର୍ବଦା କିସ୍, କିଟ୍ ଓ ଅଚ୍ୟୁତ ସାମନ୍ତଙ୍କ ବିରୋଧରେ ମନଗଢ଼ା, ଅସତ୍ୟ ଓ ଉଦ୍ଦେଶ୍ୟମୂଳକ ଖବର ପ୍ରସାରଣ କରି ବଦନାମ୍ କରି ଚାଲିଛନ୍ତି।

▶▶ପୃଷ୍ଠା ୭

## ଡମ୍ପର ଧକ୍କାରେ ତିନିଜଣଙ୍କ ମୃତ୍ୟୁ

ବାଡମୋର, ୦୮/୩ :ଜିଲ୍ଲାର ଧୋରୀମନ୍ନା ଥାନାର ଲୁଖୁ ଭାଖରୀ ଗ୍ରାମ ନିକଟରେ ଶୁକ୍ରବାର ରାତିରେ ଥର ଭର୍ତ୍ତୀ ଡମ୍ପର ସଡକ କଡରେ ଚାଲୁଥିବା ଚାରିଜଣ ଲୋକଙ୍କୁ ଧକ୍କା ଦେଇଛି । ଦୁର୍ଘଟଣାରେ ତିନିଜଣଙ୍କ ମୃତ୍ୟୁ ଘଟିଛି ।ଏମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଉଛି ।ଦୁର୍ଘଟଣାରେ ଜୀବନ ହରାଇଛନ୍ତି ପତି ପତ୍ନୀ ଏବଂ ନାତି ।ଗୁଡାମାଲାନୀ ଡୀଏସପି ସୁଖରାମ ବିଶ୍ନୋଇ କହିଛନ୍ତି ଯେ ଯେଉଁଠାରେ ଏହି ଦୁର୍ଘଟଣା ଘଟିଛିସେହି ସ୍ଥାନ ହେଉଛି ଜାତୀୟ ରାଜଥ -୬୮ ,ଯାହା କାଣ୍ଡଲା ପୋର୍ଟରୁ ଜ୍ଞାବ ଅଭିମୁଖେ ଯାଇଥାଏ।

# ଓଡ଼ିଶାରେ ମିଶିବା ଆମର ଭୁଲ: ଜୟନାରାୟଣ ମିଶ୍ର



ଭୁବନେଶ୍ୱର, ୦୮/୩ (ନି.ପ୍ର): ଉତ୍କଳ, କୋଶଳ ଓ କଳିଙ୍ଗ ଏକତ୍ର ଓଡ଼ିଶା ଭାବେ ପରିଚିତ। କଟକ, ପୁରୀ ଓ ବାଲେଶ୍ୱରକୁ ନେଇ ଉତ୍କଳ ଗଠିତ। ନିୟମିତ ଭାବେ କଳିଙ୍ଗ ଓ କୋଶଳକୁ ପଛୁଆ ରଖିବା ଏକ ମାନସିକତାରେ ପରିଣତ ହୋଇଛି। କୋଶଳର ଅର୍ଥ, ଖଣି, ପାଣି, ଜଙ୍ଗଲ ଓ ଚାଷକୁ ବ୍ୟବହାର କରୁଥିଲେ ମଧ୍ୟ ଶୋଷଣ କରାଯାଉଛି। ସର୍ବଦା ବିବାଦରେ ରହୁଥିବା ବିଜେପିର ବରିଷ୍ଠ ନେତା ଜୟନାରାୟଣ ମିଶ୍ର ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କ ବୟାନକୁ ନେଇ ବିବାଦ ଦେଖାଦେଇଛି। ଓଡ଼ିଶାରେ ମିଶିବା ଆମର ଭୁଲ୍ ବୋଲି କହିଛନ୍ତି ଜୟନରାୟଣ। ସମ୍ବଲପୁରରେ ଆୟୋଜିତ 'ସୁଭଦ୍ରା' ସଭାରେ ଏଭଳି ବୟାନ ଦେଇଛନ୍ତି ଜୟନାରୟାଣ। ସେ କହିଛନ୍ତି ଉତ୍କଳ କହିଲେ କେବଳ କଟକ, ପୁରୀ ଓ ବାଲେଶ୍ୱରକୁ ବୁଝାଏ। ଉତ୍କଳ, କୋଶଳ ଓ କଳିଙ୍ଗ ମିଶି ଓଡ଼ିଶା ହୋଇଛି। ଓଡ଼ିଶାରେ ମିଶିବା ଆମର ଭୁଲ ହୋଇଛି ବୋଲି କହିଛନ୍ତି ଜୟନାରାୟଣ। ଆମକୁ ଶୋଷଣ କରାଯାଉଛି ବୋଲି ଅଭିଯୋଗ କରିବା ସହ ଖାଲି ଉତ୍କଳର ଜୟଗାନ ହେଉଛି। କୋଶଳ କି କଳିଙ୍ଗର ଜୟଗାନ ହେଉନାହିଁ ବୋଲି କହିଛନ୍ତି। ତେବେ ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଉତ୍କଳ, କୋଶଳ ଓ କଳିଙ୍ଗ ଏକତ୍ର ଓଡ଼ିଶା ଭାବେ ପରିଚିତ। କଟକ, ପୁରୀ ଓ ବାଲେଶ୍ୱରକୁ ନେଇ ଉତ୍କଳ ଗଠିତ। ନିୟମିତ ଭାବେ କଳିଙ୍ଗ ଓ କୋଶଳକୁ ପଛୁଆ ରଖିବା ଏକ ମାନସିକତାରେ ପରିଣତ ହୋଇଛି। କୋଶଳର ଅର୍ଥ, ଖଣି, ପାଣି, ଜଙ୍ଗଲ ଓ ଚାଷକୁ ବ୍ୟବହାର କରୁଥିଲେ ମଧ୍ୟ ଶୋଷଣ କରାଯାଉଛି। ଏପରିକି ଚାକିରି ବାକିରିରେ ମଧ୍ୟ ସମାନ ଅବସ୍ଥା ରହିଛି।

▶▶ପୃଷ୍ଠା ୭

## ଜେଲ ଗଲେ ଏସଟିଏ ଜଏଂଟ କମିଶନର ପ୍ରଦୀପ ମହାନ୍ତି

ଭୁବନେଶ୍ୱର, ୦୮/୩ (ନି.ପ୍ର): ପରିବହନ ବିଭାଗର କୋଟିପତି ଜଏଂଟ କମିଶନର ପ୍ରଦୀପ କୁମାର ମହାନ୍ତିଙ୍କ ଘରେ ଭିଜିଲାନ୍ସ ରେଡ ଘଟଣାରେ ପ୍ରଦୀପଙ୍କ ସହ ପରିବାରର ଅନ୍ୟ ୩ ଜଣଙ୍କ ନାଁରେ ଭିଜିଲାନ୍ସ ମାମଲା ରୁଜୁ କରିଛି। ଗତକାଲି ତାଙ୍କୁ ଭିଜିଲାନ୍ସ ଗିରଫ କରିଥିବା ବେଳେ ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଭିଜିଲାନ୍ସ ଏସପି ଏଲ. ଦିବ୍ୟା କହିଛନ୍ତି ତଦନ୍ତ ସମୟରେ ପ୍ରଦୀପ ମହାନ୍ତିଙ୍କ ଠାରୁ ପାଖାପାଖି ୧୮ ଲକ୍ଷ ଟଙ୍କାର ନଗଦ କ୍ୟାସ ଓ ୨ କେଜିରୁ ଉର୍ଦ୍ଧ୍ୱ ସୁନା ଅଳଂକାର ଓ ସୁନା ବିସ୍କୁଟ ମିଳିଥିଲା।

▶▶ପୃଷ୍ଠା ୭

## ମାର୍ଚ୍ଚ ୧୦ରେ ରାଜଧାନୀରେ ବିଶାଳ ଶିକ୍ଷକ ସମାବେଶ

ଭୁବନେଶ୍ୱର, ୦୮/୩ (ନି.ପ୍ର): ବିଭିନ୍ନ ସମସ୍ୟା ନେଇ ହଜାର ହଜାର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବ୍ୟାନରରେ ଆଗାମୀ ମାର୍ଚ୍ଚ ୧୦ ତାରିଖରେ ରାଜଧାନୀର ରାଜରାସ୍ତାରେ ଏକ ବିଶାଳ ଶିକ୍ଷକ ସମାବେଶ ସଂଗଠିତ କରିବାକୁ ଯାଉଛନ୍ତି ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଜଣାଇଛନ୍ତି । ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା ଏବଂ ଅବସର ନେଉଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ ପ୍ରଦାନ କ୍ଷେତ୍ରରେ ସରକାର ଅହେତୁକ ବିଳମ୍ବ କରୁଥିବା ପ୍ରତିବାଦରେ ଏ ସମାବେଶ ଅନୁଷ୍ଠିତ ହେଉଛି ବୋଲି ସମନ୍ୱୟ ସମିତି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ଲୋକସଭା ଆସନ ସୀମା ପୁନର୍ଗଠନ ନେଇ ଦୁଇଭାଗ ହୋଇପାରେ ଜାତୀୟ ରାଜନୀତି

## ମାର୍ଚ୍ଚ ୨୬କୁ ୭ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ବୈଠକ ପାଇଁ ଡାକିଲେ ଷ୍ଟାଲିନ



ନୂଆଦିଲ୍ଲୀ, ୦୮/୩ :୨୦୨୬ରେ ହେବାକୁ ଥିବା ସୀମା ପୁର୍ନଗଠନ ପ୍ରକିୟାକୁ ନେଇ ଚାଲିଥିବା ବିତର୍କ ଧିରେଧିରେ ଦକ୍ଷିଣ ରାଜ୍ୟଗୁଡିକ ଏକାଠି ହେଲେଣି । ଏହି ସମ୍ପର୍କରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡି ଏକାଠି ହେବା ପାଇଁ ଷ୍ଟାଲିନଙ୍କ ଆହ୍ୱାନକୁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ସମର୍ଥନ କରିଛନ୍ତି ।

▶▶ପୃଷ୍ଠା ୭

# ଆସିଲା 'ସୁଭଦ୍ରା' ୨ୟ କିସ୍ତି: ପ୍ରାୟ ୧ କୋଟି ମହିଳାଙ୍କ ଖାତାକୁ ଆସିଲା ଟଙ୍କା



ବ୍ରହ୍ମପୁର , ୦୮/୩ (ନି.ପ୍ର): ମହିଳା ଦିବସରେ ମହିଳାଙ୍କ ପାଇଁ ଖୁସିର ଖବର । ଖାତାକୁ ଗଲା ସୁଭଦ୍ରା ଟଙ୍କା । ଏକାକାଳୀନ କୋଟିଏ ଖାତାକୁ ଗଲା ସୁଭଦ୍ରା ଟଙ୍କା । ବ୍ରହ୍ମପୁର ସମାବେଶରେ ସୁଭଦ୍ରାର ୨ୟ କିସ୍ତି ପଠାଇଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ସଭାରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହ, ପ୍ରଭାତୀ ପରିଡ଼ାଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ ଏବଂ ସ୍ଥାନୀୟ ବିଧାୟକମାନେ ଉପସ୍ଥିତ ରହିଥିଲେ । ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଗତ ସେପଟ୍ମେର ୧୭ ତାରିଖରେ ରାଜ୍ୟରେ ସୁଭଦ୍ରା ଯୋଜନା ଆରମ୍ଭ କରିଥିଲେ । ଏଯାଏଁ ୫ଟି ପର୍ଯ୍ୟାୟରେ ୧ କୋଟି ୬୪ ହଜାର ମହିଳା ପ୍ରଥମ କିସ୍ତି ସହାୟତା ରାଶି ପାଇଥିଲେ । ଶନିବାର ସେମାନେ ପୁଣି ୫ ହଜାର ଟଙ୍କା ପାଇଛନ୍ତି । ଗୋଟିଏ ଦିନରେ ଏହି ୧ କୋଟି ୬୪ ହଜାର ହିତାଧିକାରୀଙ୍କ ଖାତାକୁ ଦ୍ୱିତୀୟ କିସ୍ତି ଟଙ୍କା ପଠାଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅପିଲ କ୍ରମେ ଶୁକ୍ରବାର ସୁଭଦ୍ରା ହିତାଧିକାରୀମାନେ ଘରର ମୁଖ୍ୟ ଦ୍ୱାରରେ ମା'ସୁଭଦ୍ରାଙ୍କ ନାଁରେ ସନ୍ଧ୍ୟାରେ ଦୀପ ଜାଳିଛନ୍ତି ।

▶▶ପୃଷ୍ଠା ୭

# ଫ୍ୟୁଚର ବାଲେଶ୍ୱର ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ





ବାଲେଶ୍ୱର, ୦୮/୩ (ନି.ପ୍ର): ଆଜି ବାଲେଶ୍ୱରର ଅଗ୍ରଣୀ ସାମାଜିକ ସଂଗଠନ ଫ୍ୟୁଚର ବାଲେଶ୍ୱର ତରଫରୁ ସ୍ଥାନୀୟ ଷ୍ଟେସନ କ୍ଲବ ସଦ୍ଭାବନା ଗୃହରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକା ତଥା ଗାଳ୍ପିକ ଡ. ଝରଣା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ତଥା ଅବସରପ୍ରାପ୍ତ ଅଧ୍ୟାପିକା ଡ. ପ୍ରଭାତନଳିନୀ ମହାପାତ୍ର, ଧ୍ୱନି ପ୍ରତିଧ୍ୱନି ଖବରକାଗଜ ଓ ସାଗରିକା ପତ୍ରିକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ଫକୀରମୋହନ ସ୍ୱୟଂଚାଳିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପ୍ରଫେସର ଡ. ମୌସୁମୀ ଦାସ ପଟ୍ଟନାୟକ, ସେଣ୍ଟ ଜୋନ୍ସ ନର୍ସିଂ କଲେଜର ଅଧ୍ୟକ୍ଷା ଜେନିଫର ବାରି ଓ ଆଇନଜୀବୀ ଜ୍ୟୋସ୍ନା ମହାନ୍ତି ମାନେ ସମ୍ମାନୀୟ ଅତିଥି ଭାବରେ ଯୋଗଦାନ କରି ଭାବଗର୍ଭକ ବକ୍ତବ୍ୟ ରଖିବା ସହ ଆଜି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଉତ୍ତର ଓଡ଼ିଶାର ପ୍ରାଣକେନ୍ଦ୍ର ବାଲେଶ୍ୱରରେ ସାଂପ୍ରତିକ ମହିଳା ମାନଙ୍କର ବହୁବିଧ ସମସ୍ୟାକୁ ଦୃଷ୍ଟିରେ ରଖି ସେ ସମସ୍ତ ସମସ୍ୟାର ନିରାକରଣ ସକାଶେ ବାଲେଶ୍ୱରରେ ଏକ ମହିଳାଥାନା ପ୍ରତିଷ୍ଠା କରାଯିବା ସହ ନ୍ୟାୟ ପାଇବା ପାଇଁ ମହିଳାମାନେ ବହୁସମୟ ଅପେକ୍ଷାରତ ହେଉଥିବାରୁ ଏକ ଅତିରିକ୍ତ ପରିବାର ଅଦାଲତ ଜଜ୍‌କୁ ଅବସ୍ଥାପିତ କରିବା ପାଇଁ ସରକାରଙ୍କ ଠାରେ ଦାବି କରାଯାଉଛି ।

▶▶ପୃଷ୍ଠା ୭

# ଭାରତ ସୀମାରେ ଚୀନ୍ ବୁଡ଼ା ଜାହାଜ : ଆଲର୍ଟରେ ନୌସେନା

ନୂଆଦିଲ୍ଲୀ, ୦୮/୩ : ଭାରତ ଓ ଚୀନ କେବଳ ପଡ଼ୋଶୀ ନୁହଁନ୍ତି, ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ । ଉଭୟ ଦେଶ ଦକ୍ଷିଣ ଏସୀୟ ଅଞ୍ଚଳର ଅନ୍ୟ ଦେଶମାନଙ୍କୁ ନିଜ ପାଖରେ ରଖିବାକୁ ଚେଷ୍ଟା କରୁଛନ୍ତି । ଯାହାଦ୍ୱାରା ସେମାନଙ୍କ ରଣନୀତିକ ଶକ୍ତି ସହିତ ବାଣିଜ୍ୟ ଓ କୂଟନୈତିକ ସମ୍ପର୍କ ମଧ୍ୟ ସୁଦୃଢ଼ ହୋଇପାରିବ । କିନ୍ତୁ ଦକ୍ଷିଣ ଏସୀୟ ଦେଶ ମାନଙ୍କରେ ଅନ୍ତର୍ଭୁକ୍ତ ମାଳଦ୍ୱୀପର ଭାରତ ସହ ସମ୍ପର୍କ କିଛି ଦିନ ହେବ ଉତ୍ଥାନପତନ ଦେଇ ଗତି କରୁଛି । ମାଳଦ୍ୱୀପର ରାଷ୍ଟ୍ରପତି ମହମ୍ମଦ ମୁଏଜୁ ଚୀନ୍ ପ୍ରତି ଅଧିକ ଆଗ୍ରହୀ । ଏବେ ମାଳଦ୍ୱୀପରୁ ଏକ ଖବର ସାମ୍ନାକୁ ଆସିଛି, ଯାହା ଭାରତର ଚିନ୍ତା ବଢ଼ାଇବ ବୋଲି କୁହାଯାଉଛି । ଡ୍ରାଗନ୍ ଏହାକୁ ସର୍ଚ୍ଚ ଜାହାଜ ଭାବେ ବ୍ୟବହାର କରିଥାଏ । ନିକଟରେ ଏକ ରିପୋର୍ଟ ସାମ୍ନାକୁ ଆସିଥିଲା ଯେଉଁଥିରେ ଦାବି କରାଯାଇଥିଲା ଯେ ଏହି ଡ୍ରାଗନ୍ ଜାହାଜ ଜାନୁଆରୀ ୨୦୨୪ରେ ପ୍ରାୟ ଏକ ମାସ ପର୍ଯ୍ୟନ୍ତ ମାଳଦ୍ୱୀପରେ ରହିଥିଲା । ମାଳଦ୍ୱୀପରେ ଏହି ଜାହାଜ ଆସିବାକୁ ନେଇ ମଧ୍ୟ ଭାରତ ଚିନ୍ତା ପ୍ରକଟ କରିଥିଲା । ମାଳଦ୍ୱୀପ ଭାରତୀୟ କେନ୍ଦ୍ରଶାସିତ ଅଞ୍ଚଳ ଲାକ୍ଷାଦ୍ୱୀପଠାରୁ ମାତ୍ର ୭୦ ନଟିକାଲ ମାଇଲ ଦୂରରେ ଅବସ୍ଥିତ । ଏଭଳି ସ୍ଥିତିରେ ଭାରତୀୟ ସୀମାଠାରୁ ମାତ୍ର ୭୦ ନଟିକାଲ ମାଇଲ ଦୂରରେ ଥିବା ଡାଗନର ସର୍ଚ୍ଚ ଜାହାଜର ଆଗମନ ଏବଂ ଏହା ଏକ ମାସ ରହିବା ଭାରତ ପାଇଁ ଚିନ୍ତାର ବିଷୟ ହୋଇଛି । ବାସ୍ତବରେ ଦକ୍ଷିଣ ଏସୀୟ ଦେଶଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଭାରତ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ଭୂଟାନ, ମାଳଦ୍ୱୀପ ଏବଂ ଆଫଗାନିସ୍ତାନ ଅନ୍ତର୍ଭୁକ୍ତ ଅଛନ୍ତି । କିନ୍ତୁ ଭାରତର ପଡ଼ୋଶୀ ଦେଶ ଗୁଡ଼ିକୁ ନିଜ ଆଡ଼କୁ ଟାଣିବାକୁ ଚୀନ୍ କ୍ରମାଗତ ପ୍ରୟାସ ଜାରି ରଖିଛି ।

# ନୂତନ ମଙ୍ଗଳା ମନ୍ଦିର ପ୍ରତିଷ୍ଠା



ବସ୍ତା , ୦୮/୩ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ତାହାରପୁର ଗ୍ରାମରେ ନବ ନିର୍ମିତ ମା ବଡମ୍ମା ଦେବୀଙ୍କର ମନ୍ଦିର ପ୍ରତିଷ୍ଠା ଓ ନୂତନ ବିଗ୍ରହ ସ୍ଥାପନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମବାସୀ ବିରାଟ କଳସ ଶୋଭାଯାତ୍ରାରେ ବାହାରି ଆଙ୍କୋ ପଦ୍ମକିଶୋର ପୋଖରୀରୁ ପାଣି ନେଇ ଘଟ ଉତ୍ତୋଳନ କରାଯାଇ ଯଜ୍ଞ ସ୍ଥଳକୁ କଳସ ନିଆଯାଇଥିଲା । ପ୍ରଥମ ଦିନରେ ମଙ୍ଗଳାରୋ ଓ ଜଉମୁଦ କର୍ମ, ଦ୍ୱିତୀୟ ଦିନ କଳସ ଯାତ୍ରା,ନାମ ସଂକୀର୍ତ୍ତନ ଓ ଭଜନ ସମାରୋହ ଏବଂ ତୃତୀୟ ଦିନ ନୂତନ ମନ୍ଦିର ସହ ବିଗ୍ରହ ସ୍ଥାପନା, ନାମ ସଂକୀର୍ତ୍ତନ ଓ ଭଜନ ସମାରୋହ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଛି । ମୂଖ୍ୟ ପୂଜକ ସୁବଲ କୁମାର ପଣ୍ଡା, ଜୀବନ କୁମାର ପଣ୍ଡା ଏବଂ ଅନ୍ୟ ସହଯୋଗୀଙ୍କ ଦ୍ୱାରା ପୂଜା,ବିଗ୍ରହ ସ୍ଥାପନ,ମନ୍ଦିର ପ୍ରତିଷ୍ଠା ଓ ମହାଯଜ୍ଞ କାର୍ଯ୍ୟ ସମ୍ପାଦନ ହୋଇଥିଲା । ସଂକଳ୍ପରେ ସୁକାନ୍ତ ଦାସ ଓ ସାବିତ୍ରୀ ଦାସ ହୋଇଥିବା ବେଳେ ମୃତ୍ୟୁଞ୍ଜୟ ଗିରି ଓ ମାଳତୀ ବେହେରା ଘଟତ୍ତୋଳନରେ ସହଯୋଗ କରିଥିଲେ । ମନ୍ଦିର କମିଟି ପକ୍ଷରୁ ଜଗନ୍ନାଥ ଗିରି, ସୋମନାଥ ବେହେରା,ଲମ୍ବୋଦର ବେହେରା, ବିନୟ ବେହେରା, ବସନ୍ତ ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀ , ଅଞ୍ଚଳ ବାସୀ ମାନେ ପରିଚାଳନାରେ ସହଯୋଗ କରିଥିଲେ । ଉତ୍ସବରେ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ପ୍ରସାଦ ସେବନ କରିଥିଲେ । ଦେବୀଙ୍କ ବିଗ୍ରହଟି ସୋର ବଉଳଗଡ଼ିଆରୁ ଅଣାଯାଇ ସ୍ଥାପନା କରାଯାଇଥିବା ବେଳେ ମନ୍ଦିରଟି ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ହୋଇଛି । ଶ୍ରୀଧର ବୁଗୁଡି ଙ୍କ ହରିହର ଭାବ ଭକ୍ତି ଭଜନ ଗ୍ରୁପ ଦ୍ୱାରା ପ୍ରତେକ ଦିନ ଭଜନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି ।ଆସନ୍ତା କାଲି ଅନ୍ତିମ ଦିବସରେ ଝିଞ୍ଜିପୁରା ମଦନମୋହନ ଶ୍ରୀ ଜଗନ୍ନାଥ ଭାଗବତ ଟୁଙ୍ଗୀ ଦ୍ୱାରା ଭାଗବତ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟିର କର୍ମକର୍ତ୍ତା ସୂଚନା ଦେଇଛନ୍ତି । ପ୍ରତ୍ୟେକ ଦିନ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇ ଥିଲା ।



ସୁବ୍ରତ କୁମାର ମହାନ୍ତି

# ପୁରୁଷଙ୍କ ମାନସିକତା ବଦଳିବା ଦରକାର

ହଁ, ମୁଁ ପ୍ରଥମରୁ ସ୍ପଷ୍ଟ କରିଦେବାକୁ ଯାଉଛି ଏଠାରେ ଯାହା ବଖାଣୁଛି ତାହା ଆକ୍ରୋଶ ମୂଳକ ଭାବେ କାହାକୁ ଦୋଷାରୋପ କରିବା ଉଦେଶ୍ୟରେ ନୁହେଁ । ସେହିପରି କାହାକୁ ଟେକାଟେକି କରି କିଛି କହିବା ମୋର ଆଦୌ ଇଛା ନାହିଁ । ଆମ ଚାରିପାଖେ ଘଟୁଥିବା ଘଟଣା ଯାହା ଆଖିରେ ଦେଖୁଛି କାନରେ ଶୁଣୁଛି ଓ ମୋର ବୁଦ୍ଧି ବଳରେ ତାକୁ ଯେଉଁଭଳି ତଉଲିପାରିଛି ତାହାକୁ ଏଠାରେ ଉପସ୍ଥାପନ କରୁଛି । ନବବିବାହିତା ଦମ୍ପତି ପିଲାପିଲି ଚାହିଁଲେ ପୁତ୍ର ସନ୍ତାନଟିଏ ଆଗ ଖୋଜୁଛନ୍ତି । କନ୍ୟାସନ୍ତାନଟିଏ ଜନ୍ମନେଲେ ଦୁଃଖ ପ୍ରକାଶ କରୁଛନ୍ତି । କୌଣସି ଦମ୍ପତିଙ୍କର ସନ୍ତାନ ନଥିଲେ ସେମାନେ ପୋଷ୍ୟ ସନ୍ତାନ ଗ୍ରହଣ କରୁଛନ୍ତି । ଏକ୍ଷେତ୍ରରେ ମଧ ସେମାନେ ପୁଅପିଲାଟିକୁ କୋଳେଇ ନେଉଥିବା ବେଳେ କନ୍ୟା ସନ୍ତାନଙ୍କୁ ଗ୍ରହଣ କରିବାକୁ ଚାହୁଁ ନାହାଁନ୍ତି । ସତରେ ଯେମିତି କନ୍ୟା ସନ୍ତାନ ହୋଇ ଜନ୍ମ ଗ୍ରହଣ କରିବା ପାପ ଅଟେ । ଏପରିକି କନ୍ୟା ସନ୍ତାନ ଗର୍ଭରେ ବଢୁଥିବାର ଜଣିପାରିଲେ ଭ୍ରୁଣହତ୍ୟା କରିବାକୁ ପଛାଉ ନାହାଁନ୍ତି । ଏଥିପାଇଁ ସରକାର ଅଙ୍କୁଶ ଲଗାଇବା ପରେ ଏହାକିଛି ମାତ୍ରାରେ କମିଯାଇଛି । କନ୍ୟାସନ୍ତାନ ମାନଙ୍କ ପ୍ରତି ଏପରି ମନୋଭାବ ଆଜିବି ବହୁଳ ଭାବରେ ଦେଖିବାକୁ ମିଳୁଛି । ଏହା ଯେତିକି ଦୁଃଖଦାୟକ ସେତିକି ସମ୍ବେଦନଶୀଳ ଘଟଣା ଭାବରେ ମୁଣ୍ଡ ଟେକିଛି । ସେହିପରି ବିବାହ କ୍ଷେତ୍ରରେ ପୁରୁଷ ତାର ପସନ୍ଦରେ ବିବାହ କରିବ । କିନ୍ତୁ ମହିଳା ତାର ନିଜ ପସନ୍ଦରେ ବିବାହ କରିପାରିବ ନାହିଁ । କୌଣସି ମହିଳା ଯଦି ନିଜ ପସନ୍ଦରେ ବିବାହକଲେ ଏବଂ ନିଜ ଜାତି ଛାଡ଼ି ଅନ୍ୟ ଜାତିର ପୁରୁଷକୁ ଭଲପାଇଲେ ତେବେ ସେ ବହୁପ୍ରକାର ଅତ୍ୟାଚାରର ଶିକାର ହେବାରେ ଲାଗିଲେ । ସତରେ ଯେମିତି ସେ ମହାଅପରାଧ କରିପକାଇଛନ୍ତି । ଆଉ ଯଦି କୌଣସି ମହିଳା ବିବାହ ନକରି ପିଲାଜନ୍ମ କଲେ ତେବେ ତାଙ୍କୁ ଏତେମାତ୍ରାରେ ମାନସିକ ଯନ୍ତ୍ରଣା ଦିଆଯାଏ ଯେ ଶେଷରେ ସେ ବାଧ ହୋଇ ଆତ୍ମହତ୍ୟା କରିବାକୁ ପଛଘୁଂଚା ଦିଅନ୍ତି ନାହିଁ । ଏହିଭଳି ଘଟଣାରେ ପୁରୁଷ ଜାତି ସବୁବେଳେ ମହିଳା ମାନଙ୍କୁ ଦୋଷାରୋପ କରିବାରେ ଲାଗିପଡ଼ନ୍ତି । ସତରେ ଯେମିତି ବିନା ପୁରୁଷରେ ମହିଳା ଜଣକ ଆପେ ଆପେ ଗର୍ଭଧାରଣ କରିପକାଇଥିଲେ । ସେହିପରି ଜଣେ ପୁରୁଷର ସହଧର୍ମିଣୀ ମୃତ୍ୟୁବରଣ କଲେ ସେ ପୁଣିଥରେ ବିବାହ କରିପାରିବେ । ଅଥଚ ଜଣେ ମହିଳାଙ୍କର ସ୍ୱାମି ମୃତ୍ୟୁବରଣ କଲେ ସେ ସବୁଦିନ ପାଇଁ ବିଧବା ଜୀବନ ବିତାଇବେ । ଏହା କିପ୍ରକାର ବିଚାର ? ବହୁ ପୁରୁଷ ଅଳ୍ପ ବୟସର କନ୍ୟା ସନ୍ତାନ ମାନଙ୍କ ସହିତ ଶାରିରୀକ ସମ୍ପର୍କ ରଖିବାକୁ ପସନ୍ଦ କରନ୍ତି । ସତରେ ଯେମିତି ଏଇଠି ହିଁ ଲୁଚି ରହିଛି ସ୍ୱର୍ଗର ଆନନ୍ଦ । ଏହାଦ୍ୱାରା ଶିଶୁ କନ୍ୟା ମାନଙ୍କୁ ବହୁ କଷ୍ଟ ଓ ଯନ୍ତ୍ରଣା ସହିବାକୁ ପଡ଼ିଥାଏ । ଏହି ଘଟଣା ଆମ ଚାରିପଟେ ନିୟମିତ ବହୁଳ ଭାବରେ ଘଟୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । କିନ୍ତୁ ନିଜ ପରିବାର ଓ ଆତ୍ମିୟ ସ୍ୱଜନଙ୍କ ମହଲରେ ଏହା ଲୁଚି ଯାଉଥିବାରୁ ଲୋକ ଲୋଚନକୁ ଆସିପାରୁ ନାହିଁ । ଆଦିବାସୀ ଅଧୁଷିତ ଅଂଚଳ ମାନଙ୍କରେ ମହିଳାଙ୍କ ଉପରେ ଅତ୍ୟାଚାର ଖୁବ୍ ଭୟଙ୍କର ରୂପ ନେଇଥାଏ । ଡ଼ାହାଣି କହି ମହିଳାଙ୍କୁ ଚିହ୍ନଟ କରିବା ସହ ସର୍ବସାଧାରଣରେ ମାଡ଼ ମାରିବା, ପୁଣି କେତେବେଳେ ଉଲଗ୍ନ କରି ଗାଁଦାଣ୍ଡରେ ବୁଲାଇବା, ଜୋର ଜବରଦସ୍ତ ବିଷ୍ଠା ଖୁଆଇବା ସହ ପୁଣି କେତେବେଳେ ମହିଳାଙ୍କ କଟାମୁଣ୍ଡ ଧରି ଥାନାରେ ହାଜର ହେବା ଘଟଣା ଆଜିବି ଦେଖିବାକୁ ମିଳୁଛି । ଆଦିବାସୀ ମହିଳା ମାନଙ୍କୁ ଏହିଭଳି ଅତ୍ୟାଚାରର ସମ୍ମୁଖିନ ବହୁଳ ଭାବରେ ହେବାକୁ ପଡ଼ିଥାଏ । ମଣିଷ ଯେତେବେଳେ ଚନ୍ଦ୍ରପୃଷ୍ଠରେ ଘର ତୋଳିବା ପାଇଁ ସ୍ୱପ୍ନ ଦେଖୁଛି ସେତେବେଳେ ଏଇଭଳି ମାନସିକତାର କିଛି ମଣିଷ ମଧ ଆମ ଭିତରେ ଅଛନ୍ତି । ଏହା ଆଶ୍ଚର୍ଯ୍ୟ ଲାଗୁଛି । ସେହିପରି କିଛି ସାମାଜିକ ବିଧି ବ୍ୟବସ୍ଥାରେ ମଧ ମହିଳା ମାନଙ୍କୁ ବାସନ୍ଦ କରାଯାଇଛି । ଯଥା- ପରିବାରର ଦିବଂଗତ ଆତ୍ମାକୁ କେବଳ ପୁରୁଷ ଲୋକହିଁ ପିଣ୍ଡଦାନ କରିପାରିବ, ଶବଦାହ ସମୟରେ କେବଳ ପୁରୁଷ ଲୋକହିଁ ମୁଖାଗ୍ନି ଦେଇପାରିବ, ଶ୍ମଶାନ ଭୂମିକୁ ଶବ ବୋହିନେବା ସମୟରେ କେବଳ ପୁରୁଷ ଲୋକହିଁ କାନ୍ଧ ଦେଇପାରିବ, ମନ୍ଦିରରେ ପୂଜକ ଭାବରେ କେବଳ ପୁରୁଷ ଲୋକଙ୍କୁ ନିଯୁକ୍ତି ମିଳିବ । ଏକ୍ଷେତ୍ରରେ ମହିଳା ମାନେ ଅଂଶ ଗ୍ରହଣ କଲେ ସତରେ ଯେମିତି ସାତଖଣ୍ଡ ମହାଭାରତ ଅଶୁଦ୍ଧ ହୋଇଯିବ । ସତକଥାଟି କହିବାକୁ ଗଲେ ପୁରୁଷ ଲୋକମାନେ ହିଁ ଏହିଭଳି ନିୟମ କାନୁନ ତିଆରି କରି ନିଜେ ସବୁ ପ୍ରକାର ଆନନ୍ଦ ଉଠାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଖାଲି ସେତିକି ନୁହେଁ, ଜଣେ ମହିଳାଙ୍କ ସ୍ୱାମୀ ମୃତ୍ୟୁବରଣ କଲେ ସହଧର୍ମିଣୀଙ୍କ ଅନିଛା ସତ୍ୱେ ଜୋର ଜବରଦସ୍ତ ତାଙ୍କ ହାତରୁ ଶଙ୍ଖା ଭାଙ୍ଗିଦେବା, ସିନ୍ଦୁର ପୋଛିଦେବାର ନିୟମ ଆଜିବି ପ୍ରଚଳିତ ଅଛି । ସତରେ ଯେମିତି ଏଇଗୁଡ଼ିକ ପରିଧାନ କଲେ ସେ ବହୁବଡ଼ ପାପ ଅର୍ଜନ କରିବେ । ସେହିପରି ପରିବାର ନିୟନ୍ତ୍ରଣ ପାଇଁ ଅସ୍ତ୍ରପୋଚାର ସମୟରେ ପ୍ରଥମେ ମହିଳାଙ୍କୁ ଅସ୍ତ୍ରପୋଚର ପାଇଁ ପରିବାରର ଲୋକେ ବାଧ କରିଥାନ୍ତି । ଏ କ୍ଷେତ୍ରରେ ପୁରୁଷ ଲୋକ ନିଜେ ଅସ୍ତ୍ରପୋଚାର ହେବାକୁ ରାଜି ହୁଅନ୍ତି ନାହିଁ କାହିଁକି ? ଘରେ ପୁରୁଷ ଲୋକ ମଦ୍ୟପାନ କଲେ ପରିବାରରେ ବସବାସ କରୁଥିବା ଶ୍ୱଶୁର, ଶାଶୁ, ନଣନ୍ଦ, ଦିଅର ସମସ୍ତେ ମିଳିମିଶି ନବବିବାହିତା ବୋହୁକୁ ପାଠ ପଢ଼ାନ୍ତି ଓ ନିଜର ସ୍ୱାମୀକୁ ମଦ୍ୟପାନ ଛଡ଼ାଇବା ପାଇଁ ବାଧ କରନ୍ତି । ସତରେ ଯେମିତି ଏଘରକୁ ସେ ବୋହୁ ସାଜିଅସିଥିଲେ କେବଳ ଏହିକାମ ପାଇଁ । ଏତିକିରେ କଥା ଛିଡ଼ିଯାଏ ନାହିଁ, ପୁରୁଷ ଲୋକର ମଦ୍ୟପାନ ପାଇଁ ପରିବାରର ଲୋକେ ପରଘରୁ ଆସିଥିବା ବୋହୁକୁ ଦାୟି କରି ନିଜେ ସାଧୁ ବୋଲେଇ ହୁଅନ୍ତି । ପୁରୁଷ ଓ ମହିଳାଙ୍କ ମଧ୍ୟରେ ଥିବା ଏପରି ଭେଦଭାବକୁ ଦୂର କରିବା ପାଇଁ ସରକାର ନିର୍ବାଚନରେ ମହିଳା ମାନଙ୍କ ପାଇଁ କିଛି ଆସନ ସଂରକ୍ଷିତ ରଖିଛନ୍ତି । ଏହି କାରଣରୁ ଏବେ ବହୁସଂଖ୍ୟାରେ ମହିଳା ସରପଂଚ, ନାଏବ ସରପଂଚ, ସମିତିସଭ୍ୟ ଇତ୍ୟାଦି ଦେଖିବାକୁ ମିଳୁଛନ୍ତି । ଏହା ଆମ ପାଇଁ ଏକ ଖୁସିଖବର ନିଶ୍ଚୟ । କିନ୍ତୁ ଥରଟିଏ ବାସ୍ତବ ଦୁନିଆଁକୁ ଦେଖନ୍ତୁ, ମହିଳା ସରପଂଚ ନାଏବ ସରପଂଚ ଓ ସମିତି ସଭ୍ୟା ମାନଙ୍କ କ୍ଷେତ୍ରରେ ତାଙ୍କର ସ୍ୱାମୀ ମାନେ ଲଗାମ ଧରିଛନ୍ତି । ମହିଳା ମାନଙ୍କୁ ସ୍ୱାଧିନ ଭାବେ କିଛି କାମ କରିବାକୁ ଦେଉ ନାହାଁନ୍ତି । ଏଥିପାଇଁ ଆମ ସମସ୍ତଙ୍କୁ ବାରମ୍ବାର ବିଭିନ୍ନ କ୍ଷେତ୍ରରେ ଲଜ୍ଜିତ ଓ ଅପମାନିତ ହେବାକୁ ପଡୁଛି । ଶେଷରେ ପୁରୁଷ ଜାତି ତାର ମାନସିକତା ବଦଳାଇବା ସହିତ ମହିଳା ମାନଙ୍କର ହସଖୁସି ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା ଓ ସ୍ୱାଧିନ ଭାବେ ତାଙ୍କୁ ସବୁକାମ କରିବାର ସୁଯୋଗ ପ୍ରଦାନ କରିପାରିଲେ ଆଜିର ଆନ୍ତର୍ଜାତିକ ମହିଳା ଦିବସ ପାଳନର ପ୍ରକୃତ ଉଦେଶ୍ୟ ପୂରଣ ହୋଇପାରିବ । ଏହାକୁ କାର୍ଯ୍ୟରେ ପରିଣତ କରିବାକୁ ଅନୁରୋଧ ଜଣାଇ ମୁଁ ମୋର ଲିଖନିକୁ ଏଠାରେ ବିରାମ ଦେଉଛି ।

+ଉଦଳା, ମୟୂରଭଂଜ
ମୋ-୯୮୬୧୮୨୪୩୨୨

# ବେତନଟୀ କୋର୍ଟରେ ମହିଳା ସୁରକ୍ଷା ନେଇ ସଚେତନତା ଶିବିର



ବେତନଟୀ , ୦୮/୩ (ନି.ପ୍ର): ଆଜି ମହିଳା ଦିବସ ଉପଲକ୍ଷେ ଆଜି ବେତନଟୀ କୋର୍ଟ ରେ ମହିଳା ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ନେଇ ଏକ ସ୍ୱତନ୍ତ୍ର ବୈଠକ ରେ ଜେଏମଏଫସି କୋର୍ଟ ର ବିଚାରପତି ରଞ୍ଜି ନାରାୟଣୀ ମିଶ୍ର ଅଧକ୍ଷତା ରେ ଅନୁଷ୍ଠିତ ସଭାରେ ବେତନଟୀ ଓକିଲ ସଂଘ ସଭାପତି ଲମ୍ବୋଦର ମହାନ୍ତ , ସମ୍ପାଦକ ପ୍ରବୀର ବାରିକ, ବାଲେଶ୍ୱର ର ବରିଷ୍ଠ ଓକିଲ ସୁବାସ ଦାସ , ଓକିଲ ରୁପଶ୍ରୀ ବାରିକ ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅହଲ୍ୟା ସିଲେଇ ମେସିନ ର ମାଲିକଣି ବାସନ୍ତୀ ପ୍ରଧାନ ଙ୍କ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପଦ୍ମାମାଳୀ ମହିଳା ସଙ୍ଘ ର ସମ୍ପାଦିକା ପ୍ରଭାତି ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁ, ବିନୋଦିନୀ ମହାନ୍ତ, ଅନନ୍ଦିତା ସାହୁ, ଶନା ଖାତୁନ, ରଞ୍ଜିତା କର , ମମତା ଆଚାର୍ଯ୍ୟ, ମିନତୀ ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ବେତନଟୀ କୋର୍ଟ ରୁ ରବି ମହାପାତ୍ର, ମନୋଜ ଦଳେଇ , ଦେବବ୍ରତ ପରିଡ଼ା, ରଣଜିତ ଗନ୍ତାୟତ, ଦୁଖିଆ ମୁର୍ମୁ, ଅର୍ଣ୍ଣବ ଘୋଷ, ଲମ୍ବୋଦର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ପାରାଦୀପ , ୦୮/୩ (ନି.ପ୍ର): ପାରାଦୀପ ପ ଜେ ଏସ ଡ ବ୍ଲୁ ଉତ୍କଳ ଷ୍ଟିଲ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ମଧୁବନ ସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟାଳୟରେ କାମ କରୁଥିବା ଅଧିକାରୀ କର୍ମଚାରୀ ମାନଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳା ମାନେ ଅତି ଉତ୍ସାହ ସହକାରେ ପାଳନ କରିଥିଲେ । ମହିଳା ମାନେ କେବଳ ପରିବାର ମଧ୍ୟରେ ସୀମିତ ନ ରହି ରାଜ୍ୟ ତଥା ଦେଶ ଓ ବିଶ୍ୱ ସ୍ତରରେ ସେମାନଙ୍କ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।ମହିଳା ମାନଙ୍କ ପାଖରେ ସବୁ କ୍ଷେତ୍ରରେ କାର୍ଯ୍ୟ କରିବାର ଦକ୍ଷତା, ଅଭିଜ୍ଞତା ସହିତ ସକାରାତ୍ମକ ମନୋଭାବ ରହିଛି ।




କାର୍ଯ୍ୟାଳୟ ହେଉ କି ପରିବାର ମହିଳା ଓ ପୁରୁଷ ମାନଙ୍କ ମଧ୍ୟରେ କୌଣସି ଲିଙ୍ଗଗତ ପାର୍ଥକ୍ୟ ରହିବା ଉଚିତ୍ ନୁହେଁ । କେବଳ ଆଜିର ଦିନରେ ଉତ୍ସବ ପାଳନ କରିବା ସମ୍ମାନ ଦେବା ଉଚିତ୍ ନୁହେଁ, ବରଂ ସବୁ ଦିନ ସବୁ ସମୟରେ ମହିଳା ମାନଙ୍କୁ ଉଚିତ୍ ସମ୍ମାନ ଓ ଅଧିକାର ମିଳିବ ଉଚିତ୍ ବୋଲି କମ୍ପାନୀ ର ବରିଷ୍ଠ ଅଧିକାରୀ ତଥା ଅତିଥି ମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ ମହିଳା ମାନଙ୍କୁ ନେଇ ରମ୍ପ ସୋ, ମ୍ୟୁଜିକ ବଲ, ହିଡେନ ଟ୍ୟାଲେଣ୍ଟ , ଓ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା । ମ୍ୟୁଜିକ୍ ବଲ ପ୍ରତିଯୋଗିତାରେ ନମିତା ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏଥି ସହିତ ହିଡେନ ଟ୍ୟାଲେଣ୍ଟ ବିଭାଗରେ ମିତାଲି ଦାସ, ମୋନାଲିସା ରାଉତ ଓ ସସ୍ମିତା ଦାସ ବିଜୟୀ ହୋଇଥିଲେ । ସଂଗୀତ ରେ ପିଆଲି ଜେନା ପ୍ରଥମ, ନୃତ୍ୟ ରେ ରାଜଶ୍ରୀ ବିଶ୍ୱାଳ ଓ ବକ୍ତୃତା ରେ ଲୋପାମୁଦ୍ରା ଦାସ ପ୍ରଥମ ସ୍ଥାନ ଅଧିକାର କରିଥିଲେ ।ମିସ ଉତ୍କଳ ଭାବେ ପିଆଲି ପ୍ରିୟମ୍ବଦା ଜେନାଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସମସ୍ତ ପ୍ରତିଯୋଗିତାରେ ଭାଗ ନେଇ ଥିବା ମହିଳା କର୍ମଚାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ସମସ୍ତ ମହିଳା ମାନେ କେକ୍ କାଟି ପରସ୍ପରକୁ ଖୁଆଇ ମହିଳା ଦିବସର ଶୁଭେଚ୍ଛା ଜଣାଇଥିଲେ । ଏହି ଉତ୍ସବରେ ଜେ ଏସ ଡ ବ୍ଲୁ ଉତ୍କଳ ଷ୍ଟିଲର ବରିଷ୍ଠ ଅଧିକାରୀ ମାନଙ୍କ ସହିତ ସମସ୍ତ ବିଭାଗର ମୁଖ୍ୟ ଓ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ ।

# ବେତନଟୀ ଓକିଲ ସଂଘ ନିର୍ବାଚନରେ ପ୍ରାର୍ଥୀପତ୍ର ଦାଖଲ

ବେତନଟୀ , ୦୮/୩ (ନି.ପ୍ର): ସମଗ୍ର ରାଜ୍ୟରେ ମାର୍ଚ୍ଚ ୨୯ ତାରିଖ ରେ ବାରଏସୋସିଏନ ମାନଙ୍କ ର ନିର୍ବାଚନ ହେବାକୁ ଥିବା ବେଳେ ବେତନଟୀ ବାର ଏସୋସିଏସନର ନିର୍ବାଚନ ନିମନ୍ତେ ମାର୍ଚ୍ଚ ୫, ୬ ଓ ୭ ତାରିଖ ତିନିଦିନ ଧରି ପ୍ରାର୍ଥୀପତ୍ର ଦାଖଲର ଶୁକ୍ରବାର ଦିନ ଶେଷ ତାରିଖ ଥିଲା । ବିଭିନ୍ନ ପଦପଦବୀ ନିମନ୍ତେ ନିମ୍ନମତେ ପ୍ରାର୍ଥୀପତ୍ର ବାର ନିର୍ବାଚନ ଅଧିକାରୀ ଆଡଭୋକେଟ ରଣଜିତ ଗନ୍ତାୟତ ଙ୍କ ନିକଟରେ ଦାଖଲ ହୋଇଅଛି । ବାରଏସୋସିଏନ ର ସଭାପତି ନିମନ୍ତେ ଦେବବ୍ରତ ପରିଡା ଓ ସଚ୍ଚିଦାନନ୍ଦ ମହାନ୍ତି ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଉପସଭାପତି ପଦବୀ ନିମନ୍ତେ ରବିନାରାୟଣ ମହାପାତ୍ର , ହେମନ୍ତ କୁମାର ମହାନ୍ତ ଓ ମଧୁସୂଦନ ମହାନ୍ତ ସେହିଭଳି ସଂପାଦକ ପଦରେ ପ୍ରବୀର କୁମାର ବାରିକ ଓ ସହ ସଂପାଦକ ଭାବେ ହରଦତ୍ତ ମହାନ୍ତ , କୋଷାଧକ୍ଷ ଲମ୍ବୋଦର ମହାନ୍ତ ଓ ମନୋଜ କୁମାର ଦଳେଇ ଏବଂ ପାଞ୍ଚଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଧିରେନ୍ଦ୍ର ବେହେରା , ପ୍ରଫୁଲ୍ଲ କୁମାର ବେହେରା , ସଂଜୟ କୁମାର ପାତ୍ର , ଧିରଜ କୁମାର ଖଣ୍ଡେଲୱାଲ , ସତ୍ୟକାମ ପଣ୍ଡା ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି । ମାର୍ଚ୍ଚ ୯ ତାରିଖରେ ଯାଞ୍ଚ ହେବ ୧୨ ତାରିଖରେ ପ୍ରତ୍ୟାହାର ପରେ ମାର୍ଚ୍ଚ୧୩ ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଜଣାପଡିଛି ।

# ଉଦଳାରେ ଆନ୍ତର୍ଜାତିୟ ମହିଳା ଦିବସ ପାଳିତ

## ମହିଳାଙ୍କୁ ସଂରକ୍ଷିତ ଆସନ ଅନୁକମ୍ପା ନୁହେଁ ଅଧିକାର : ପ୍ରମିଳା ପଣ୍ଡା

ଉଦଳା , ୦୮/୩ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ଆଜି ମାର୍ଚ୍ଚ ୮ ତାରିଖ ଶନିବାର ଦିନ ଆନ୍ତର୍ଜାତିୟ ମହିଳା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ସ୍ଥାନୀୟ ସନ୍ଧାନ ଗୃହ ପରିସରରେ ଆୟୋଜିତ ସାଧାରଣ ସଭାରେ ନଗରପାଳ ପ୍ରମିଳା ପଣ୍ଡା ଅଧକ୍ଷତା କରି ରାଜନୀତିରେ ମହିଳା ମାନଙ୍କ ପାଇଁ ଥିବା ସଂରକ୍ଷିତ ଆସନ ଅନୁକମ୍ପା ନୁହେଁ, ଏହା ମହିଳା ମାନଙ୍କର ଅଧିକାର ବୋଲି ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ




ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସି ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ମହିଳା ମାନେ ତାଙ୍କର ଅଭିଯୋଗ କିପରି ଅବାଧ, ମୁକ୍ତ ଓ ନିର୍ଭୟରେ ଜଣାଇପାରିବେ ସେଥିପାଇଁ ପ୍ରତି ଥାନାରେ ଥିବା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ । ବ୍ରହ୍ମାକୁମାରି ଦମୟନ୍ତି ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁବାସିନି ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ନିର୍ବାହି ଅଧିକାରୀ ପ୍ରିୟ ରଂଜନ ଜେନା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତ କର୍ମଚାରି ଓ କାଉନସିଲର ବୃନ୍ଦ ମିଳିମିଶି ଯେଉଁଭଳି ସହଯୋଗ କଲେ ସେଥିପାଇଁ କୃତଜ୍ଞତା ଜଣାଇଥିଲେ । ଶେଷରେ ସଂଜୟ କୁମାର ପାଢ଼ି ଧନ୍ୟବାଦ ଅର୍ପଣ କରିଥିଲେ ।

# ଭେଡ଼ା ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାସୁଦେବପୁର, ୦୮/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିମେଦ ପଂଚାୟତର ଭେଡ଼ା ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ପାଢ଼ୀ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଶିକ୍ଷାବିତ୍ ଓ ସାହିତ୍ୟିକ ମଥୁରା ମୋହନ ବେହେରା ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଶିକ୍ଷାବିତ୍ ଶ୍ୟାମ ସୁନ୍ଦର ପଳିତା । କବି ଦିବାକର ଭୋଇ, ଶିକ୍ଷାବିତ୍ ବଂଶୀଧର ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମସ୍ତ ଅତିଥି ଓ ବକ୍ତା ଖୁବ୍ ସୁନ୍ଦର ଓ



ଆକର୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍କୁଲ୍ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ । ଏହି ଉତ୍ସବରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ଛାତ୍ର ଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଉତ୍ସବରେ ଶିକ୍ଷୟତ୍ରୀ କ୍ଷୀରାବ୍ଧୀ ତନୟା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷୟତ୍ରୀ ମୀନା ମିଶ୍ର ଧର୍ନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଶିକ୍ଷକ ଶିକ୍ଷୟତ୍ରୀ ଅନ୍ନପୂର୍ଣ୍ଣା ବେହେରା, ଅନିତା ପଣ୍ଡା, ସିପ୍ରା ସୋନାଲି ଦାସ, ସୁକାନ୍ତ କୁମାର ଜେନା, ପ୍ରଦିପ କୁମାର ପଧାନ, ବୈଲୋଚନ ଦାସ ପ୍ରମୁଖ ସହଯୋଗ କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ, ଅଭିଭାବକ ଜନ ସାଧାରଣ ଯୋଗ ଦେଇଥିଲେ ଓ ଆକର୍ଷଣୀୟ କାର୍ଯ୍ୟକ୍ରମରେ ମନ୍ତ୍ର ମୁଗ୍ଧ ହୋଇଥିଲେ ।

# ଗାୟତ୍ରୀ ମାତା ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୦୮/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ଚତର ପଦା ଠାରେ ଗାୟତ୍ରୀ ମାତା ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଶିକ୍ଷାବିତ୍ ବାବାଜୀ ଚରଣ ସାମଲ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଭଦ୍ରକର ମାନ୍ୟବର ସାଂସଦ ଅଭିମନ୍ୟୁ ସେଠି । ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଜେପି ନେତା ବାଣୀ କଲ୍ୟାଣ ମହାନ୍ତି, କବି ଓ ସାହିତ୍ୟିକ ଇଞ୍ଜିନିୟର ଅଭୟ ସୂତାର, ଶିକ୍ଷାବିତ୍ ସଂଗ୍ରାମ ମହାନ୍ତି,



ଦାମୋଦର ସଂସ୍କୃତ ଡ଼ିଗ୍ରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର୍ କୃପାସିନ୍ଧୁ ନାୟକ, ବନ୍ତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧାପକ ପ୍ରଦୀପ ନାୟକ, ବିଶ୍ୱ ହିନ୍ଦୁ ପରିଷଦ ସଦସ୍ୟ ମାନସ ମହାନ୍ତି, ନାରାୟଣ ପରିଡା, ଶ୍ରୀକାନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମସ୍ତ ଅତିଥି ଖୁବ୍ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ମହାବିଦ୍ୟାଳୟର ସୁନ୍ଦର ପରିବେଶ କୁ ପ୍ରଶଂସା କରିବା ସହିତ ଅଧାପକ ଅଧାପିକା ତଥା ଛାତ୍ର ଛାତ୍ରୀ ମାନଙ୍କ ମଙ୍ଗଳ କାମନା କରି ଥିଲେ । ମହାବିଦ୍ୟାଳୟର ଅଧକ୍ଷ କୁଶଦେବ ମଲ୍ଲିକ ସମସ୍ତ ଅତିଥି ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଖୁବ୍ ଆକର୍ଷଣୀୟ ମଞ୍ଚ ସଂଯୋଜନା କରିଥିଲେ । ଏହି ଉତ୍ସବରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ଛାତ୍ର ଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ମହାବିଦ୍ୟାଳୟ ର ପ୍ରତିଷ୍ଠାତା ବୈରାଗୀ ଚରଣ ନାୟକ ଙ୍କ ପ୍ରତିମୂର୍ତ୍ତୀରେ ସମସ୍ତ ଅତିଥି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଉତ୍ସବରେ ଅଧାପକ ଅଧାପିକା ଜ୍ୟୋତି ବିକାଶ ମିଶ୍ର, ଲକ୍ଷ୍ମୀକାନ୍ତ ମିଶ୍ର, ବଳରାମ ବେହେରା, ବାଳକୃଷ୍ଣ ସାହୁ, ଗୋଦାବରୀ ଜେନା, ନମିତା ପରିଡା, ବାଣୀଶ୍ରୀ ବିଶ୍ୱାଳ ଓ ପରିଚାଳନା କମିଟି ସଦସ୍ୟା ମୀନତି ଦାସ ଓ ଶିକ୍ଷା କର୍ମଚାରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ । ଶେଷରେ ଅଧକ୍ଷ କୁଶଦେବ ମଲ୍ଲିକ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୯ ମାର୍ଚ୍ଚ ୨୦୨୫
email :
rabibarachayan2015@gmail.com

# ରବିବାର ଚୟନ

......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

ଡ.ଭାଗବତ ବେହେରା

ଭାଗ-୯୦

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ମୋ ପିତା ଜନକ ମଧ ମହା ଆଡ଼ମ୍ବରରେ ଆସିଥିଲେ । ଦୀର୍ଘ ଚଉଦବର୍ଷ ପରେ ଝିଅ ଜୋଇଁଙ୍କୁ ଦେଖିବେ । ଦେଖିବେ ବଡ଼ଜ୍ୱାଇଁର ରାଜ୍ୟାଭିଷେକ । ଏହିଦିନ ମୋର ଅନ୍ୟ ତିନିଭଉଣୀଙ୍କ ଆନନ୍ଦ ଉଲ୍ଲାସ କହିଲେ ନସରେ । ତାଙ୍କ ପାଦ ମାଟିରେ ଲାଗୁ ନଥାଏ । ଘଡ଼ିକେ ପ୍ରହରକେ ସେମାନେ ଆସି ମୋତେ ନାନା ସମ୍ବାଦ ଦେଇ ଯାଉଥାନ୍ତି । ବଶିଷ୍ଠ, ବିଶ୍ୱାମିତ୍ର, ବାମଦେବ, ଜାବାଳ, କାଶ୍ୟପ, ଗୌତମ ଆଦି ସିଦ୍ଧ ମୁନିରଷି ମାନଙ୍କୁ ଲକ୍ଷ୍ମଣ ନିମନ୍ତ୍ରଣ କରି ଆଣିଥିଲେ ଅଯୋଧ୍ୟାକୁ । ଭାଇଙ୍କ ଅଭିଷେକ ଉତ୍ସବ ପାଇଁ ସେ ସମୁଦ୍ର, ପବିତ୍ର ନଦୀମାନଙ୍କରୁ ପାଣି ସୁବର୍ଣ୍ଣ କଳସରେ ପୂର୍ଣ୍ଣ କରି ଅଣାଇଥିଲେ । ଅଭିଷେକ ଉତ୍ସବ ଦିନ, ପ୍ରଭାତର ସୂର୍ଯ୍ୟ ପୂର୍ବଦିଗକୁ ମଣ୍ଡନ କରିବା ପୂର୍ବରୁ ଅଯୋଧ୍ୟା ନଗରୀରେ ଏକତ୍ର ବାଜି ଉଠିଥିଲା ସହସ୍ର ସହସ୍ର ଶୁଭଶଂଖ । ଏହାସହିତ ଯାଜ୍ଞିକ ବ୍ରାହ୍ମଣ ମାନେ ଆରମ୍ଭ କରି ଦେଇଥିଲେ ମଂଗଳାଷ୍ଟକ । ବେଦ ଧ୍ୱନିରେ କମ୍ପି ଉଠିଥିଲା ଅଯୋଧ୍ୟା । ସୂର୍ଯ୍ୟ ଉଦୟ ହେବାପୂର୍ବରୁ ଆରମ୍ଭ ହୋଇଯାଇଥିଲା ଶୁଭ ଯଜ୍ଞାନୁଷ୍ଠାନ । ବିଶ୍ୱାମିତ୍ରଙ୍କ ଆଦେଶାନୁସାରେ ମୋର ତିନି ଶାଶୁ ମୋ ସ୍ୱାମୀଙ୍କ ଅଂଗରେ ହଳଦୀ, ଚନ୍ଦନ, ଘୃତର ପ୍ରଲେପ ଦେଇ ସବୁ ନଦୀ ସମୁଦ୍ରର ମିଶ୍ରିତ ଜଳରେ ସ୍ନାନ କରାଇ ଦେଇଥିଲେ । ସ୍ନାନାନ୍ତେ ଅଂଗ ପୋଛି ତାଙ୍କୁ ହଳଦିଆ ପାଟବସ୍ତ୍ର ପରିଧାନ କରାଇ ଦେଇଥିଲେ । ବିଭୀଷଣ ଆଣିଥିବା ନାନା ସ୍ୱର୍ଣ୍ଣାଳଙ୍କାର ପିନ୍ଧାଇ ଦେଇଥିଲେ ମୋ ପ୍ରଭୁଙ୍କୁ । ଅନ୍ୟାନ୍ୟ ରାଜାମାନେ ଆଣିଥିବା ନାନା ହୀରା, ନୀଳାର ଅଳଙ୍କାର ଖଞ୍ଜି ଦିଆଯାଇଥିଲା ତାଙ୍କ ପାଦରୁ ମସ୍ତକ ଯାଏ । ମୋତେ ସେମିତି ମୋର ତିନିଭଉଣୀ ଏକତ୍ର ମିଳି ହଳଦୀ, ଲହୁଣୀ, ଚନ୍ଦନର ପ୍ରଲେପ ଦେଇ ପୁଷ୍ପମିଶ୍ରିତ ନଦୀ ଜଳରେ ସ୍ନାନ କରାଇ ନାନା ବେଶ ପୋଷାକରେ ସଜାଇ ଦେଇଥିଲେ । ଦର୍ପଣ ଆଗରେ ମୋତେ ଛିଡ଼ା କରାଇ ଦେଇ ଶ୍ରୁତକୀର୍ତ୍ତି, ମାଣ୍ଡବୀ କହିଥିଲେ ଅପାଲୋ, ତୁ ଆଜି ଏମିତି ସୁନ୍ଦର ଦେଖାଯାଉଛୁ ଯେ ମୋର ମନେହେଉଛି ମିଥିଳାରେ ତୋ ବିବାହଦିନ ବି ତୁ ଏତେ ସୁନ୍ଦର ଦେଖା ଯାଉନଥିଲୁ । ସତେଲୋ ଅପା ତୋ ରୂପ ଆଗରେ ଆମେ ସବୁ ଚନ୍ଦ୍ର ନିକଟରେ ଖଦ୍ୟୋତ ତୁଲ୍ୟ ଦେଖାଯାଉଛୁ । ତୋର ବିବାହ ଉତ୍ସବରେ ଯେଉଁ ରାଜା, ମହାରାଜା, ଅତିଥିମାନେ ତୋତେ ଦେଖି ନଥିବେ, ସେମାନେ ଆଜି ସଂହାସନ ବେଦୀରେ ତୋତେ ଦେଖି ନୟନ ମନକୁ ସାର୍ଥକ କରାଇନେବେ ।

ତାଙ୍କ କଥା ଶୁଣି ମୁଁ ହସିହସି କହିଥିଲି ତୁମ ମାନଙ୍କର ଦୁଷ୍ଟାମୀ ଏବେବି ସେମିତି ଅଛି ମାଣ୍ଡବୀ । ବୟସ କେତେହେଲାଣି ତୁମେ କ'ଣ ଜାଣିପାରୁ ନାହଁ ।

ମୋ କଥା ଶୁଣି ମାଣ୍ଡବୀ କହିଥିଲା ତୁ ସେ ବୟସ କଥା କହନା ଅପା । ତୋର, ଆମର ଏମିତି ଆଉ କେତେ ବୟସ ହୋଇ ଯାଇଛିକି ? ସତ କହୁଛି ଅପା ତୋତେ ଯଦି ଆଜି ସ୍ୱୟଂ କନ୍ଦର୍ପ ପତ୍ନୀ ରତିବି ଦେଖିବେ, ସେ ବି ଲାଜରେ ଆଖି ବୁଜିଦେବେ ।

ଆମର ଏହି କଥୋପକଥନ ମଧ୍ୟରେ ମାତା କୌଶଲ୍ୟା ଆସି କହିଥିଲେ ଧାର୍ଯ୍ୟସମୟ ଆସି ଉପନୀତ ହୋଇଛି ସୀତା । ବଶିଷ୍ଠ, ବିଶ୍ୱାମିତ୍ର ଆଦି ମହର୍ଷିମାନେ ଯଜ୍ଞକାର୍ଯ୍ୟ ଶେଷକଲେଣି । ଏବେ ଅଭିଷେକ ଆରମ୍ଭ ହେବ । କାଳବିଳମ୍ବ ନକରି ତୁ ଯଜ୍ଞମଣ୍ଡପ ନିକଟକୁ ଆ' । ମାଣ୍ଡବୀ, ଶ୍ରୁତକୀର୍ତ୍ତି ସୀତାକୁ ଯଜ୍ଞସ୍ଥଳକୁ ନେଇଆସ । ମୋ ଶାଶୁଙ୍କ କଥା ମାନି ସେମାନେ ମୋତେ ଯଜ୍ଞମଣ୍ଡପକୁ ନେଇ ଆସିଥିଲେ । ପୂର୍ବରୁ ମୋ ପ୍ରଭୁ ସେଠାରେ ବସିଥାନ୍ତି । ମୋତେ ତାଙ୍କ ନିକଟରେ ବସିବାକୁ ମହର୍ଷି ବଶିଷ୍ଠ ଆଦେଶ ଦେଇଥିଲେ । ମୁଁ ବସିବା ପରେ ଶଙ୍ଖ ହୁଳହୁଳିରେ କମ୍ପି ଉଠିଲା ଯଜ୍ଞସ୍ଥଳ । ନାନା ବାଦ୍ୟର ଝଙ୍କାର ସାଂଗକୁ ବେଦମନ୍ତ୍ରର ଉଚ୍ଚାରଣ, ଯଜ୍ଞରେ ଆହୁତି ପ୍ରଦାନ କାର୍ଯ୍ୟ ବିଶ୍ୱାମିତ୍ରଙ୍କ ନିର୍ଦ୍ଦେଶାନୁସାରେ ଶେଷ ହେଲା । ଆମେ ସ୍ୱାମୀ ସ୍ତ୍ରୀ ବେନି ଅଞ୍ଜଳିକୁ ଏକତ୍ର କରି ଯଜ୍ଞକୁ ଚରୁ କ୍ଷେପଣ କରୁଥାଉ । କିଛିସମୟ ପରେ ଗୁରୁଦେବ କହିଥିଲେ ମହର୍ଷି ବଶିଷ୍ଠ ଆଉ ଅଳ୍ପସମୟ ପରେ ସୂର୍ଯ୍ୟ ମାଆ କୋଳକୁ ଚାଲିଯିବେ । ଯଜ୍ଞାନୁଷ୍ଠାନ ଶେଷ ହେଲା । ଏବେ ଅଭିଷେକ କାର୍ଯ୍ୟ ଆରମ୍ଭ କର ।

ପ୍ରଜାମାନେ ଏକତ୍ର ଜୟ ରଘୁକୁଳ ତିଳକ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କର ଜୟ ଧ୍ୱନି ଦେଇ ଅଯୋଧ୍ୟାକୁ କମ୍ପାଇ ଦେଉଥା'ନ୍ତି । ଋଷିଶ୍ରେଷ୍ଠ ବିଶ୍ୱାମିତ୍ର ଆମ ଦୁହିଁଙ୍କୁ ନେଇ ଅଭିଷେକ ସିଂହାସନରେ ବସାଇ ଦେଇଥିଲେ । ଏହାପରେ ସର୍ବ ଋଷିମାନେ ଏକତ୍ରିତ ହୋଇ ଆମ ଉପରେ ଗଂଗା, ଯମୁନା, ସରସ୍ୱତୀ ଆଦି ନଦୀର ମିଶ୍ରିତ ଜଳ ସିଞ୍ଚନ କରିବା ସହିତ ଦୁର୍ବା, ଅକ୍ଷତ, ପୁଷ୍ପଚନ୍ଦନ ସିଞ୍ଚି ଅଭିଷେକର ଶୁଭାରମ୍ଭ କରିଥିଲେ । ପୂର୍ବରୁ ଇକ୍ଷ୍ୱାକୁ ବଂଶର ରାଜାମାନେ ବ୍ରହ୍ମାଙ୍କ ନିର୍ମିତ ଯେଉଁ ରତ୍ନମୁକୁଟ ଧାରଣ କରୁଥିଲେ, ଯାହାକୁ ରାଜା ରଘୁ, ମୋ ଶଶୁର ଧାରଣ କରିଥିଲେ ସେହି ରତ୍ନମୁକୁଟକୁ ମହର୍ଷିମାନେ ପିନ୍ଧାଇ ଦେଇଥିଲେ ମୋ ସ୍ୱାମୀଙ୍କ ମସ୍ତକରେ । ମୋ ମୁଣ୍ଡରେ ମଧ ଏକ ରତ୍ନମୁକୁଟ ପିନ୍ଧାଇ ଦିଆ ଯାଇଥିଲା । ପୁଷ୍ପଚନ୍ଦନ ବୃଷ୍ଟି ହୋଇ ଯାଇଥିଲା ଆମ ମସ୍ତକରେ । ଶତ୍ରୁଘ୍ନ ଆମ ପାର୍ଶ୍ୱରେ ଛିଡ଼ା ହୋଇ ଶ୍ୱେତଛତ୍ର ଧାରଣ କରିଥିଲେ । ଲକ୍ଷ୍ମଣ ପକାଇଲେ ଶ୍ୱେତଚାମର ଆଉ ହନୁମାନ ଆମ ପାଦତଳେ ବସି ଆମ ପାଦରେ ଅଜାଡ଼ି ଦେଉଥିଲେ ନାନାପୁଷ୍ପର ସମ୍ଭାର । ବାଦ୍ୟ, ନୃତ୍ୟ, ସଂଗୀତରେ ଦୁଲୁକି ଉଠୁଥାଏ ଅଯୋଧ୍ୟା । ସେଦିନର ସେ ମୁହୂର୍ତ୍ତ, ସେ ଅଭିଷେକର ଆନନ୍ଦକୁ ମୁଁ ଭାଷାରେ ବର୍ଣ୍ଣିପାରିବି ନାହିଁ ସୁଧାମୟୀ, ପ୍ରୀତିଦା । ସେ କଥା କହୁକହୁ ଆଜି ବି ମୋ ଶରୀର ପୁଲକିତ ହୋଇ ଉଠୁଛି । ମୋ ସର୍ବାଙ୍ଗରୁ ବହି ଯାଉଛି ଗମ୍‌ଗମ୍ ହୋଇ ଘର୍ମର ଧାର ।

ଏହିଭଳି ମହାଆଡ଼ମ୍ବର, ମହାର୍ଘ୍ୟ ପରିବେଶରେ ମୋ ପ୍ରଭୁଙ୍କ ରାଜ୍ୟାଭିଷେକ ଶେଷ ହୋଇଥିଲା । ସିଂହାସନରେ ବସି, ରାଜମୁକୁଟ ପିନ୍ଧିସାରିବା ପରେ ମୋ ସ୍ୱାମୀ ଓ ମୁଁ ଦୁଇଜଣ ସିଂହାସନରୁ ଓହ୍ଲାଇ ଆସି ବଶିଷ୍ଠ, ବିଶ୍ୱାମିତ୍ର, ଗୌତମ ଆଦି ମୁନିରଷିଙ୍କୁ ପ୍ରଣାମ ଜଣାଇଲୁ । ବଶିଷ୍ଠ କହିଥିଲେ ରାମ, ଆଜି ତୁମ ସିଂହାସନ ଆରୋହଣର ପ୍ରଥମ ଦିବସ । ଆଜିର ଦିନରେ ତୁମେ ଏ ଯଜ୍ଞହବିକୁ ସାକ୍ଷୀରଖି କୁହ, ଯେତେଦିନ ପର୍ଯ୍ୟନ୍ତ ତୁମେ ଏ ସିଂହାସନରେ ବସିଥିବ, ଏହାର ମର୍ଯ୍ୟାଦା ତୁମେ ରକ୍ଷା କରୁଥିବ । ରଘୁବଂଶର ଖ୍ୟାତି ଆକାଶ ପାତାଳ ସବୁଠି ବ୍ୟାପି ଯାଇଛି । ତୁମ ବଂଶର ରଘୁ, ଦିଲ୍ଲୀପ ଆଦି ରାଜାମାନେ ଜନ୍ମଗ୍ରହଣ କରି ଏ ବଂଶର ମର୍ଯ୍ୟାଦାକୁ ସସାଗରା ଧରାରେ ବ୍ୟାପ୍ତ କରି ଦେଇ ଯାଇଛନ୍ତି । ତୁମେ ସେହି ବଂଶର ଦାୟାଦ । ତୁମେ ଆଜିର ଏହି ପବିତ୍ର ଦିନରେ ଶପଥ ନିଅ, ଏ ରାଜ୍ୟକୁ ଏ ଧରାରେ ଶ୍ରେଷ୍ଠ ରାଜ୍ୟ କରି ତୋଳିବ ।

(କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ତୀର୍ଯ୍ୟକ୍ ଭାଗବତ ପାଠ

ସୁବ୍ରତ ପଟ୍ଟନାୟକ



ନମଇ ନୃସିଂହ ଚରଣ। ଅନାଦି ପରମ କାରଣ। ଯାହାର ଆଦି ମଦ୍ୟ ଅନ୍ତେ। ବିଚାର ନଘଟେ ଜଗତେ। ଇନ୍ଦ୍ରିୟ ଅର୍ଥ ନଜାଣନ୍ତି। ସତ୍ୟ ଯେ ନିତ୍ୟ ପ୍ରକାଶନ୍ତି।

+ + + ସେ ହରି ପାଦ ହୃଦେ ଧରି। ପ୍ରବନ୍ଧେ ଗୀତ ନାଦ କରି। ଅଶେଷ ଜଗତର ହିତେ। ବନ୍ଦଇ ଦାସ ଜଗନ୍ନାଥେ। ଭକ୍ତକବି ଜଗନ୍ନାଥ ଦାଶଙ୍କ ଦ୍ୱାରା ଭଣିତ ଶ୍ରୀମଭାଗବତ ପ୍ରଥମ ସ୍କନ୍ଧ, ପ୍ରଥମ ଅଧ୍ୟାୟର ପ୍ରତ୍ୟେକଟି ଧାଡ଼ି ଅଗଣିତ ଭକ୍ତଙ୍କର କେବଳ ମନ ମୋହେ ନାହିଁ, ସେମାନଙ୍କ ଆଧ୍ୟାତ୍ମିକ ଅଭିବୃଦ୍ଧିରେ ସହାୟ ହୁଏ। ଗାଁ ଗହଳିରେ ନିଷ୍ପାପର ଭାବେ ଭାଗବତ ପାଠ ହେଉଥିଲେ, ଆନନ୍ଦ ମିଳିବା ସ୍ୱାଭାବିକ।

ନିଜର ପେଟ ପାଟଣା ଏହି ସ୍ତମ୍ଭକାର ବର୍ଷ ବର୍ଷ ଧରି ନିଜର ଭିଟାମାଟି ଛାଡ଼ିଥିଲା। ବୁଢ଼ା ବୟସରେ ଫେରିଲା ପୂର୍ବ ସ୍ଥାନକୁ। ଶୁଣିବାକୁ ପାଇଲା- ରହଣିସ୍ଥାନ ନିକଟରେ ପ୍ରତି ସନ୍ଧ୍ୟାରେ ହୁଏ ଭାଗବତ ପାଠ। ଆଠ ଦଶ ଜଣ ବିବାହିତା ମହିଳା ସନ୍ଧ୍ୟାରେ ଏକାଠି ହୋଇ ଭାଗବତ ପଢ଼ନ୍ତି। ଏକଥା ଶୁଣି ଆମ ଭଳି ବୁଢ଼ାବୁଢ଼ୀ ଖୁବ୍ ଖୁସି। ଶୀତ ଋତୁରେ ସନ୍ଧ୍ୟା ଛଅରୁ ରାତି ଆଠ ଓ ଗ୍ରୀଷ୍ମ ଋତୁରେ ସନ୍ଧ୍ୟାରୁ ରାତି ନଅଟା ପର୍ଯ୍ୟନ୍ତ ଚାଲେ ଭାଗବତ ପାଠ।

ଭାଗବତ ପାଠ କରୁଥିବା ମହିଳା ଖୁବ୍ ଧନ୍ୟ। ସେମାନେ ପ୍ରତିଟି ସନ୍ଧ୍ୟାକୁ କିଭଳି ରସାଳ କରନ୍ତି, ସେ ସମ୍ପର୍କରେ ବର୍ଣ୍ଣନା କରିବାକୁ ଆମେ ଉଚିତ୍ ମଣୁଛୁ। ନିର୍ଦ୍ଦିଷ୍ଟ କେତେଜଣ ମହିଳା ଏକାଠି ହେବାପରେ ଆରମ୍ଭ ହୁଏ ଆସର। ପ୍ରଥମେ ପୃଷ୍ଠାଏ କିମ୍ବା ଚଉଠେ ହୁଏ ଭାଗବତ ପାଠ। ବାସ୍, ସେତିକିରେ ବନ୍ଧାହୁଏ ଡୋରି। ତାପରେ ଆରମ୍ଭ ହୁଏ କୀର୍ତ୍ତନ। ହିନ୍ଦି ଚଳଚ୍ଚିତ୍ର ଓ ଓଡ଼ିଆ ଆଧୁନିକ ଆଲବମ୍ ଗୀତର ସ୍ୱରକୁ ଅନୁକରଣ କରି ଚାଲେ ହରିନାମ। ଆଧୁନିକ ଭଜନ, ଜଣାଣ। ମହିଳାଙ୍କ ସହିତ ଢ଼ୋଲ, ମୃଦଙ୍ଗ, ଝାଞ୍ଜ, କରତାଳରେ ଯୋଗ ଦିଅନ୍ତି ଅନ୍ୟ କଳାକାର। ଉଦ୍ଦଣ୍ଡ କୀର୍ତ୍ତନରେ ଗାଁ ଚଉପାଢ଼ି ଫାଟି ପଡ଼େ। ସନ୍ଧ୍ୟା ସମୟଟି ଛାତ୍ରଛାତ୍ରୀଙ୍କର ପାଠପଢ଼ା ସମୟ। ପିଲାମାନଙ୍କର ପାଠପଢ଼ା, ଟିଉସନ୍, ପରୀକ୍ଷା ଆଦି ଥିଲେ ବି କୀର୍ତ୍ତନିୟା ବେଫିକର। ସେମାନଙ୍କୁ କାହିଁକି ବାରଣ କରାଯାଉନାହିଁ ବୋଲି ପ୍ରଶ୍ନ ହେବାରୁ କେତେକ ମହିଳା ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ କହିଲେ- ଭାଗବତ ଗ୍ରୁପ୍ ଗଠନ କରି ସେମାନେ ମାସକୁ ମାସ ଅନୁଦାନ ପାଉଛନ୍ତି। ସେମାନଙ୍କୁ ବ୍ୟାଙ୍କ ପାସ୍‌ବୁକ୍‌ରୁ ମାସକୁ ମାସ ଟଙ୍କା ଆସୁଛୁ। ତାଛଡ଼ା, ସେମାନେ ଯେ ଜଣେ ଜଣେ ପ୍ରଖ୍ୟାତ କଣ୍ଠଶିଳ୍ପୀ ସେଥିପାଇଁ ବି ଚାଲେ ପ୍ରତିଯୋଗୀତା। ଗାଁ ଦାଣ୍ଡରେ ଉଦ୍ଦଣ୍ଡ କୀର୍ତ୍ତନ କରି ପ୍ରଶଂସା ସାଉଁଟିବାକୁ ସେମାନେ ବ୍ୟାକୁଳ। ପ୍ରତି ସନ୍ଧ୍ୟାରେ ଘଣ୍ଟା ଘଣ୍ଟା ଧରି ଦାଣ୍ଡ ଦୁଲୁକିବା ଦ୍ୱାରା ଯେ ମେଧାବୀ ଛାତ୍ରଛାତ୍ରୀଙ୍କର ପାଠ ପଢ଼ାରେ ଅସୁବିଧା ସୃଷ୍ଟି ହେଉଛୁ, ତାହା ସେମାନେ ଚିନ୍ତା କରୁନାହାନ୍ତି। ଭଜନ କୀର୍ତ୍ତନ ଆଳରେ ଛାତ୍ରଛାତ୍ରୀଙ୍କୁ ହଇରାଣ ହରକତ କରାଯାଉଛି। ଗୀତ ଗାଉଥିବା ମହିଳାଗଣ ନିଜକୁ ଗାଁର ମୁଣ୍ଡିଆଳ ମଣୁଛନ୍ତି। କେବଳ ଗୋଟିଏ ଗାଁରେ ନୁହେଁ, କେନ୍ଦୁଝର ଜିଲ୍ଲାର ଅନେକ ଗାଁରେ ଏଭଳି ନାଚ କୀର୍ତ୍ତନ ଚାଲିଛି। ଗଣେଶ, ସରସ୍ୱତୀ ପୂଜା ମୂର୍ତ୍ତି ବିସର୍ଜନ ବେଳେ ଡିଜେ ବାଜାର ତାଣ୍ଡବ କଥା ନକହିବା ଭଲ।


ଆମେ ଅତି ବିନମ୍ରତର ସହିତ ଘୋଷଣା କରୁଛୁ- ଭାଗବତ ପାଠକୁ ଆମେ ଆଦୌ ବିରୋଧ କରୁନାହୁଁ। କୀର୍ତ୍ତନିୟା ମହିଳାଙ୍କ ସହିତ ଆମର କାଣିଚାଏ ବିଦ୍ୱେଷ ମନୋଭାବ ନାହିଁ। ଯଦି ଧିର ସ୍ୱରରେ ଘଣ୍ଟାଏ ବା ଦୁଇଘଣ୍ଟା ଭାଗବତ ପାଠ ହୁଅନ୍ତା, ପ୍ରାଣ ପ୍ରଫୁଲ୍ଲ ହୁଅନ୍ତା। ଭକ୍ତି ଭାବନା ଓ ଆଧ୍ୟାତ୍ମିକ ଶାନ୍ତି ମିଳନ୍ତା। ମାତ୍ର ତାହା ହେଉନାହିଁ। ଦୁଇ ତିନି ମିନିଟ ଭାଗବତ ପାଠ ଶେଷକରି ଦୁଇ ତିନି ଘଣ୍ଟା ଉଚ୍ଚ କଣ୍ଠରେ ଉଦ୍ଦଣ୍ଡ କୀର୍ତ୍ତନ କଲେ ସତରେ କଣ ଠାକୁର ସନ୍ତୁଷ୍ଟ ହୁଅନ୍ତି ? ଠାକୁରଙ୍କ ପ୍ରତି ଅନାବିଳ ଭକ୍ତି ଥିଲେ ସେମାନେ ନିକଟସ୍ଥ ମନ୍ଦିର କିମ୍ବା ମଠରେ ତାହା କରିପାରନ୍ତେ। ସେଥିରେ କାହାର ଆପତ୍ତି ରହନ୍ତା ନାହିଁ। କେବଳ ପିଲାମାନଙ୍କର ପାଠ ପଢ଼ା ନୁହେଁ, ବୟସ୍କ ବ୍ୟକ୍ତି। ରୋଗଗ୍ରସ୍ତ ବୁଢ଼ାବୁଢ଼ୀ ମଧ୍ୟ ଉଦ୍ଦଣ୍ଡ କୀର୍ତ୍ତନରେ ଅତିଷ୍ଠ। ଡାକ୍ତରଖାନା ଓ ସ୍କୁଲ କଲେଜ ପରିସର ନିକଟରେ ଗାଡ଼ିର ହର୍ଣ୍ଣ ବଜାଇବାକୁ ନିଷେଧ କରାଯାଉଛି। ହର୍ଣ୍ଣ ନବଜାଇବା ପାଇଁ ଟ୍ରାଫିକ୍ ସାଇନବୋର୍ଡ଼ ଲଟକା ଯାଇଛି। ଭଜନ କୀର୍ତ୍ତନ ନାଁରେ ଛାତ୍ରଛାତ୍ରୀ, ବୟସ୍କ ବ୍ୟକ୍ତି, ବୁଢ଼ାବୁଢ଼ୀ ରୋଗୀମାନଙ୍କୁ ହନ୍ତସନ୍ତ କରିବା ଦ୍ୱାରା ପ୍ରକୃତି ଧର୍ମ ଅର୍ଜନ ହୁଏନାହିଁ। ଏହା କେବଳ ନିଜର ବିଜ୍ଞାପନ। ସେଥିରେ ଆତ୍ମ ପ୍ରଚାର ହୋଇପାରେ, ମାତ୍ର ଆତ୍ମିକ ଉନ୍ନତି ଅସମ୍ଭବ। ମାତ୍ର ଗାଁ ଗହଳିର ଆତ୍ମଘୋଷିତ ଧାର୍ମିକା, ଉଚ୍ଚ ଶିକ୍ଷିତା ମହିଳାଙ୍କୁ ଏକଥା ବୁଝାଇବ କିଏ ? ହେଉ, ଆଜି ଏତିକି। ଜୟ ଜଗନ୍ନାଥ।

❤ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## କବିତା...

### ପାଖଣ୍ଡି

ରତ୍ନାକର ରାଉତ



ଦେଖ ବିପ୍ର ସର୍ବ ଦେବ ଗଣ
ସବୁଠି ପୂରି ରହିଛି କାଳିମା କଳୁଷ
ଘନ ଅନ୍ଧକାର
ସବୁଠାରେ ତମସା ଆଚ୍ଛନ୍ନ
କେଉଁଠି ଦେଖିବ ନାହିଁ
ଆଲୋକର ରେଖା ସମ
ନିର୍ମଳ ହୃଦୟ ଗୋଟେ
ଜଣେ ଭଲ ଲୋକ
ଏ କଣ ଘୋର କଳିକାଳ
କଳିର ପ୍ରଭାବ ?

ସଭିଏଁ ଭକତ ଏଠି ଧାର୍ମିକ ଧର୍ମାତ୍ମା
ଗହଳିରେ ଉଠୁଛି ପଡୁଛି ସବୁ ଧର୍ମସ୍ଥାନ
ବଢ଼ିଚାଲେ ଭକତିଂକ ସଂଖ୍ୟା ଦିନୁଦିନ
ଭକତଂକ ଭିଡ଼।

କେଉଁଠାରେ ଶାନ୍ତି ନାହିଁ
ସବୁସ୍ଥାନ ଆବିଳତା ପୂର୍ଣ୍ଣ
ତୁଣ୍ଡେ ହରି ଅଭିନୟେ ଧର୍ମର କାଣ୍ଡାରି
ହାତେ ଛୁରି ସ୍ୱାର୍ଥେ ବଂଧା ମନ
ସେ ନିମନ୍ତେ ସଂସାରରେ
ଏତେ କ୍ଲେଶ ଓ ଏତେ ଯାତନା
ଦୁଖରେ ଅଧୀର ହୁଏ, ସଭିଂକ ପରାଣ।

ମିଥ୍ୟା ବାଦ ବିସମ୍ବାଦ ହୀନ ଷଡ଼ଯନ୍ତ୍ର
ଲୋଭ ମୋହ କପଟତା କାମନା ବାସନା
କ୍ରୋଧ ହିଂସା ପ୍ରତିହିଂସା ଈର୍ଷା ଓ ଅସୂୟା
ମୋହ୍ୟମାନ କରିଛି ସଭିଂକୁ
ଅତିଶୟ ବସ୍ତୁର ଲାଳସା।

ନିଜ ଦୋଷ ଦିଶେନି କାହାକୁ
ଅନ୍ୟ ମୁଣ୍ଡେ ବୋଳିଦେଇ ଅଠା
ସଭିଏଁ ବୋଲାନ୍ତି ନିଜକୁ
ସାଧୁ ସନ୍ଥ ନିର୍ଦ୍ଦୋଷ ସଚ୍ଚୋଟ।

ସେଥିପାଇଁ ଜୀବନରେ
ଏତେପୀଡ଼ା, ଏତେ ଜଟିଳତା
ସୀମାହୀନ ଅଶାନ୍ତିରେ ଭରା ଏ ଦୁନିଆ
ସଂସାର ଜୀବନେ ତେଣୁ
ଦିନୁଦିନୁ ବଢୁଛି ସଂକଟ।

❤ ଭୁବନେଶ୍ୱର
ମୋ:୯୪୩୭୩ ୮୨୨୮୧

### ଯୁଦ୍ଧ ଫେରନ୍ତା ପ୍ରେମିକର ଗୀତ

ସୁରେନ୍ଦ୍ର ପାଣିଗ୍ରାହୀ



ପଳାଶକୁ ପରା ପର କରିଥିଲି ତୁମରି ପାଇଁ ଗୋପ୍ରିୟା
କଣ୍ଟାରଂଗିଣୀକୁ କଣ୍ଟ ଦେଇଥିଲି ହାଣିଥିଲ ମୋର ହିଆ
ହଂସିନୀ ଆଗୋ ହସିଥିଲ ଦେଇ ହରିଣୀ ଆଖିର ଛୁଆଁ
ଗାଲଭଉଁରୀର ଗୋଲାପିଗଣ୍ଡେ ବୁଡିଥିଲା ମୋ ଦୁନିଆଁ।

ଭାବେ ଭାବଦେଇ ମୋହିନୀ ରୂପରେ ମୋହିନେଲ ମୋର ମନ
ଜହ୍ନରାତିର ଜକଜକ ଦିନେ ସାଉଁଟିନେଲ ସପନ
ସମର ସାଗରେ ତୁମକଥା ଭାବି ସରିଯାଉଥିଲା ଦିନ
ଶୟନେ ସପନେ ଅବା ଜାଗରଣେ ମନାସୁଥିଲି ମିଳନ।

ଅରି ଅଗଣାରୁ ଆସିଥିଲି ଫେରି ବିଜୟର ଟୀକା ପିନ୍ଧି
ନିଂବ ତାଳଫୁଲ ହାର ଥିଲା ଗଳେ ମନ ରଖିଥିଲ ବାଂଧି
ତୁମରି ଦୁଆରେ ତାଳଘୋଡା ପରେ ତକଉଥିଲି ମୁଁ ଯେବେ
ରୁଧିରର ଧାର ବହୁଥିଲା ତାଳ ବାହୁଂଗା ବାଜି ମୋ ପାଦେ ।

ଡାକୁଥିଲି ଦାଣ୍ଡେ ଖରାରେ ସିଝି ମୁଁ ମିଳନ ପାଇଁ ଗୋ ପ୍ରିୟା
ଗୁରୁ ଗୁରୁଜନ ଭୟରେ ବ୍ୟଥିତ ବିଗଳିତ ତୁମ ହିଆ

ନଦେଖି ତୁମକୁ ବିରହରେ ମୋର ଦେହ ଉଠୁଥିଲା ଥରି
ଅଭିମାନେ କହିଥିଲି ବାରାଂଗନା ବାଟ ନେବି ଏବେ ବରି ।

ଋତୁ ଅଋତୁର ଅସହଜ ଦିନେ ଦେହର ଦହନ ଦେଇ
ଅନେଇଥିଲ ମୋ ଅମଡାବାଟକୁ ପାଷାଣୀ ଅହଲ୍ୟା ହେଇ
ଭେଳିକି ଲଗେଇ ଭୁଲିଗଲ ପୁଣି ଭସେଇ ଭାବନଇରେ
ବିଲ୍ୱମଂଗଳ ମୁଁ ଭାଳୁଥାଏ ବସି କେନ୍ଦେରା କରୁଣ ସୁରେ ।

( ବି.ଦ୍ର. : ଖ୍ରୀଷ୍ଟପୂର୍ବ ଦ୍ୱିତୀୟରୁ ପ୍ରଥମ ଶତାବ୍ଦୀ ମଧ୍ୟରେ ରଚିତ 'ତୋଲକାପିୟମ୍' ନାମକ ଏକ ଶାସ୍ତ୍ରୀୟ ତାମିଲ ବହିରେ ସ୍ଥାନିତ ଏକ କାବ୍ୟ-ପଦର ଅବଲଂବନରେ ଯୁଦ୍ଧ ଫେରଂତା ନାୟକର ପ୍ରିୟା ମିଳନ ନିମଂତେ ଉତ୍ସୁକ ଭାବନାକୁ ନେଇ ଏ କବିତାଟି ରଚିତ ।)

❤ ବରି, ବାଲେଶ୍ୱର (ମୋ) ୯୪୩୭୨୮୨୯୮୪

### ଅପେକ୍ଷା

ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ



କେବେ କାହା ଆହତ ବାକ୍ୟରେ
ଭାଙ୍ଗିପଡ଼ିଲା ବେଳେ,
ମୋତେ କୋଳେଇ ନେବାକୁ
ତମେ ନଥାଅ ପାଖରେ
ଥାଏ ଯାହା ତୁମ ଯାବତୀୟ
ଅନ୍ୟମନସ୍କତା ମୋ ପାଖେ,
ଥାଏ ମୋର ହଜାରେ ଏକ ପ୍ରଶ୍ନ,
ଯାହାର କେବଳ ହୁଁ ବୋଲି
ଗୋଟେ ସଂକ୍ଷିପ୍ତ ଉତ୍ତର,
ଖୁଉ ଲମ୍ବା ବ୍ୟବଧାନରେ।

'ଅପେକ୍ଷାର ଫଳ ମିଠା' ବୋଲି
ସହଜରେ କହିଦେଇଥିବା ମଣିଷଟା କଣ
ସତରେ ବୁଝିଥିଲା ଅପେକ୍ଷାର ଅର୍ଥ ! ଜାଣିନି
କିନ୍ତୁ ମୋତେ ଲାଗେ
ଏ ଅପେକ୍ଷାଟା ଭାରି କଷ୍ଟ !
ଗୋଟେ ଦିନର ଅପେକ୍ଷା ବି
ଗୋଟେ ବର୍ଷ ପରି ଲାଗେ,
ଆଉ ଗୋଟେ ବର୍ଷର ଅପେକ୍ଷା
ଠିକ ଗୋଟେ ଯୁଗ ପରି।

ତମେ କଣ ଜାଣ,
ତମେ ନଥିବାରେ ଭାଙ୍ଗିଯାଏ ହୃଦୟ
କାଚଘର ପରି
ଦେହ ଭୋଗୁଥାଏ ନିଶଚୁପ ଅନ୍ଧାର
ରଫଖାତା ସାରା ଲେଖାହୁଏ ଗୁଡ଼ାଏ ଅକବିତା
ମୋ ବିଛଣା ସାରା ବିଛେଇ ହେଇ ପଡେ ତମ
ଅପେକ୍ଷାର ହାହାକାର !


ଏକଥା ବି ହୁଏତ ଅଜଣା ତମକୁ
ତମ ନଥିବାରେ ତମ ଚିଠି ସବୁକୁ ମୁଁ କେମିତି
ପଢୁଥାଏ ଶହେ ଥର,
ଗୀତ ଭଳି ଶୁଣୁଥାଏ ତମ ସ୍ୱର।
ଶାସ୍ତ୍ର କହେ
ପ୍ରେମିକର ସ୍ୱର ହିଁ ବଂଶୀ ପରି ଶୁଭେ !
ତମେ ଜାଣ ?
ଆମ ପ୍ରଥମ ଦେଖାରେ ତମେ ଦେଇଥିବା ଲାଲ
ଗୋଲାପଟା ଶୁଖିଲାଣି କାହିଁ କେଉଁ କାଳୁ,
ଏବେବି ଛିଞ୍ଚୁଛି ମୁଁ ପାଣି
ତମ ସ୍ମୃତିକୁ ବଞ୍ଚେଇ ରଖିବା ଆଶାରେ !

ତମ ଅପେକ୍ଷାରେ ସହରରେ
ଅନେକ ନୂଆ କଥା ଘଟିଗଲାଣି,
ମୋ ବାଲକୋନୀ ସାରା ଏବେ ଗୋଲାପୀ
ରଙ୍ଗର ଫେବୃଆରୀ
ଝରକା ପାଖରେ ଝୁଲିଛି
ହଳେ ଛଳଛଳ ଆଖି
ସବୁ ପଛକଥାକୁ ଭୁଲି
ତମେ ଏଥର ଆସୁଛ ତ ?

❤ ସହଦେବ ଖୁଣ୍ଟା, ବାଲେଶ୍ୱର
ପିନ -୭୫୬୦୦୧
(ମୋ)୭୭୮୮୯୭୭୨୭୬

### ପ୍ରୀତିକ୍ଷେତ ଓ ପାଳଭୂତ

ପୂର୍ଣ୍ଣ ଦାସ



ନିଦ ନଥାଇ ବି ଆଖି ଦେଖୁଥାଏ
ମଧୁମତ୍ତାର ରାତି,
ବୈଶାଳୀ ନଗରବଧୂ ଲେଖୁଥାଏ
ନୀଳ ନିର୍ବାଣ ସ୍ତୁତି ।

ତୋ ନୟନ ନଭ ନୀଳ ନୀଳିମାରେ
ବାଟବଣା ଉଡାପକ୍ଷୀ,
ଯେଉଁଠି ଉଡ଼େ ବି ଅସୀମ ନୀଳରେ
ତତେ ଦେଖେ ମୟୂରାକ୍ଷୀ ।

ତୁ ଦୁଷ୍ଟ ଓଠ, ମୁଁ ନିରୀହ ଆଖି ତୋ
ସ୍ପନ୍ଦନ ଆମ ଏକ,
ତୁ କ୍ଲାନ୍ତ ନୂପୁର, ନାଟ ମଣ୍ଡପର
ମୁଁ ଦେବଦାସୀର ଭୋକ ।

ତୁଉ ରୁଗୁରୁଗୁ କଣ୍ଟାର ଦରଜ
ଭଲପାଇବାର ମୋହ,
ମୁଁ ଶୀତ ସାଉଁଳା ଗୀତର ସରାଗ
ତୋ ଆଖିର ନୀଳଲୁହ ।

କଣ୍ଟାକୁ ଯାଚି ଦେଇଛି ପାଦ ମୋ
ଲୁହକୁ ଦେଇଛି ଆଖି,
ପଥର ହେବାର କଳା ଶିଖିଗଲି
ପ୍ରେମରେ ତୋ ପଡ଼ି ସଖୀ ।

ଜହ୍ନ କୁଆଡ଼େ ସ୍ୱପ୍ନର ଠିକଣା
ଫୁଲ ତୋ ଓଠର ଗୀତ,
ତୋ ପ୍ରେମେ ସଜନୀ ପଡ଼ିଲା ଦିନୁ ମୁଁ
କ୍ଷେତଜଗା ପାଳଭୂତ ।

❤ କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର,
ଯାଜପୁର - ୭୫୫୦୧୩
(ମୋ) : ୯୩୩୭୫ ୪୮୮୯୩

# ଭଲ ସାହିତ୍ୟ ସୃଷ୍ଟି ହେଲେ ସାଧାରଣ ଲୋକେ ନିଶ୍ଚୟ ପଢ଼ିବେ : ମମତା ଦାଶ

**ମମତା ଦାଶ**

ଓଡଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ବିଗତ ଚାଳିଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସେ ଓଡିଆ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଯଥା ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ଅନୁବାଦ ଓ କବିତା କ୍ଷେତ୍ରରେ ଲେଖନୀ ଚାଳନା କରି ପ୍ରତିପାଦିତ କରିଛନ୍ତି ସ୍ୱକୀୟ ନିଷ୍ଠା । ଇଂରାଜୀରେ ମୌଳିକ ରଚନା ମଧ ତାଙ୍କୁ କମ୍ ସୁଖ୍ୟାତି ଦେଇନାହିଁ ପରନ୍ତୁ ଜଣେ ସମ୍ବେଦନଶୀଳ କବି ଭାବରେ ସେ ପାଇଛନ୍ତି ପ୍ରସିଦ୍ଧି । 'ମଣିଷ ଭିତରର ସୂକ୍ଷ୍ମ ମାନବୀୟ ପ୍ରତିକ୍ରିୟା ଜୀବିତ ଥିବା ପର୍ଯ୍ୟନ୍ତ ମଣିଷ ପାଇଁ ସାହିତ୍ୟ ଅଲୋଡା ପାଲଟିବ ନାହିଁ' ବୋଲି କଥା ରଖୁଥିବା କବିଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ମୁଁ କାହିଁକି ଓ କିମିତି ଲେଖିଲି ନିର୍ଦ୍ଦିଷ୍ଟ ଭାବରେ କହି ପାରିବି ନାହିଁ। କାରଣ ପ୍ରାୟ ନଅ, ଦଶ ବର୍ଷ ବୟସରୁ ମୁଁ ଲେଖିବା ଆରମ୍ଭ କରିଥିଲି। ମୋର ବାପା ନୂଆ ବର୍ଷର ଆରମ୍ଭରେ ଗୋଟିଏ ଡାଏରି ଦେଉଥିଲେ। ମୁଁ ପ୍ରଥମେ ସେଥିରେ ବିଦାୟୀ ବର୍ଷ ପାଇଁ ଓ ନୂଆ ବର୍ଷ ପାଇଁ ଦୁଇଟି କବିତା ଲେଖୁଥିଲି । ତାପରେ ସେ ଖାତା ଗପ ଓ କବିତାରେ ଭର୍ତ୍ତି ହୋଇ ଯାଉଥିଲା । କାହାକୁ ଦେଖାଉ ନଥିଲି । ନିଜକୁ ନିଜେ ବ୍ୟକ୍ତ କରିବାର ସେ ଇଚ୍ଛା ଧୀରେ ଧୀରେ ପଲ୍ଲବିତ ହେଲା ଓ ମୁଁ ଲେଖିଲି ଓ ପ୍ରକାଶିତ ହେଲି । ତାହା ଏକ ଦୀର୍ଘ ସର୍ଜନଶୀଳ ଯାତ୍ରା ପଥ ଛାଏଁ ଛାଏଁ ତିଆରି ହୋଇଥିଲା।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ କବିତା ଲେଖିବା ପାଇଁ କେହି ପ୍ରେରଣା ଦେଇ ନଥିଲେ। ମୋର ବାପା ବହୁତ ପତ୍ର ପତ୍ରିକା ମଗାଉଥିଲେ ଓ ମୁଁ ସେସବୁ ଆଗ୍ରହରେ ପଢୁଥିଲି। ସେସବୁ ହିଁ ମୋର ପ୍ରେରଣା। ମୁଁ ନିଜକୁ ନିଜେ ଉତ୍ସାହିତ କରୁଥିଲି। ପ୍ରାଚୀନ କବି ମାନଙ୍କର ଚମ୍ପୂ ଛାନ୍ଦ ଓଡିଶୀ ଗୀତ ମୁଁ ଗାଉଥିଲି। ସେମାନେ ମୋର ଆଦ୍ୟ ଗୁରୁ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ ବହୁତ ଥର କବିତା ପଠାଇ ନିରାଶ ହେବା ପରେ ପ୍ରଥମେ ପ୍ରଜାତନ୍ତ୍ରର ସାହିତ୍ୟ ପୃଷ୍ଠାରେ ମୋର କବିତା ପ୍ରକାଶିତ ହେଲା। ସେ ଦିନର ଆନନ୍ଦ ମୁଁ ଜୀବନରେ ଭୁଲି ପାରିବି ନାହିଁ। ମୁଁ କବି ଭାବରେ ସ୍ୱୀକୃତ ହେବାରୁ ମୋତେ ଭାରି ଉତ୍ସାହିତ ଲାଗିଥିଲା, ମୁଁ କବିତା ଲେଖିବାରେ ଏକାଗ୍ର ହେଲି। ପ୍ରଥମେ ୧୯୬୭ ମସିହାରେ ଝଙ୍କାରରେ ମୋ କବିତା ପ୍ରକାଶିତ ହେଲା ଓ ସାହିତ୍ୟ ଜଗତରେ ମୋର ସ୍ଥିତି କିଛିଟା ଦୃଢ ହେଲା ଜାଣି ମୁଁ ଗଭୀର ଭାବରେ ପୁଲକିତ ହେଲି । ଯଦିଓ ମୁଁ ବ୍ୟକ୍ତିଗତ ଦୁଃଖର କବଳରେ ପଡି ୧୯୬୮ରେ କବିତା ଲେଖା ଛାଡିଥିଲି ୧୯୭୫ପର୍ଯ୍ୟନ୍ତ। ମୋର ଏଯାଏଁ ମୋର ଦଶ ଟି କବିତା ବହି ପ୍ରକାଶିତ ହୋଇଛି। କବିତା ସମଗ୍ରର ପ୍ରଥମ ଭାଗ ଓ ସ୍ମରଣୀୟ ପ୍ରେମ କବିତା ସଙ୍କଳନ ପ୍ରକାଶିତ ହୋଇଛି । 'ଏକତ୍ର ଚନ୍ଦ୍ର ସୂର୍ଯ୍ୟ' ଓ ମାୟାନ୍ଧକାର ବହି ମୋତେ ଭଲ ଲାଗେ ଯଦିଓ ପ୍ରତ୍ୟେକଟି କବିତା ବହି ମୋର ଆଦରର ଓ ଆପଣାର।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଓଡ଼ିଆ ସାହିତ୍ୟ ରହିବ, ମୁଁ ଗଭୀର ଆଶାବାଦୀ। ଗପ ଉପନ୍ୟାସ ସାଧାରଣ ଲୋକେ କିଛି ପଢ଼ନ୍ତି । କବିତାର ପାଠକ ସଦାବେଳେ ଅଳ୍ପ। ଭଲ ସାହିତ୍ୟ ସୃଷ୍ଟି ହେଲେ ସାଧାରଣ ଲୋକେ ନିଶ୍ଚୟ ପଢିବେ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ କେବଳ ସାହିତ୍ୟ ନୁହେଁ, ଘରେ ବାହାରେ ସରକାରୀ ସ୍ତରରେ ମାତୃଭାଷାକୁ ମୂଲ୍ୟ ଦେବା ଓ ଭଲ ପାଇବା ହିଁ ମାତୃଭାଷାର ଉନ୍ନତିର ଉପାୟ। ଯେଉଁ କବିତାକୁ ପଢିବା ମାତ୍ରେ ହୃଦୟରେ, ପ୍ରାଣରେ, ଅନ୍ତରାତ୍ମାରେ ନୂଆ କିଛି ଅନୁଭବ ହୁଏ, ନୂଆ ଅବବୋଧ ଆସେ ଓ ଚେତନାରେ ଏକ ନୂତନ ଦିଗନ୍ତ ଖୋଲି ଯାଏ ତାହାକୁ ଭଲ କବିତା ବୋଲି ମୁଁ ଭାବେ। ହଁ, ସାହିତ୍ୟ ମାଧ୍ୟମରେ ମନ ଓ ପ୍ରାଣରେ ପରିବର୍ତ୍ତନ ଆଣିବା ସମ୍ଭବ।

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ଯେ ପର୍ଯ୍ୟନ୍ତ ମଣିଷ ଭିତରେ ମାନବୀୟ ଚେତନାର ଶେଷ ସୂର୍ଯ୍ୟରଶ୍ମୀର ସମ୍ଭାବନା ରହିଛି ସେ ପର୍ଯ୍ୟନ୍ତ ମୁଁ ସାହିତ୍ୟ ଭିତରେ ସମ୍ଭାବନକୁ ଦେଖି ପାରୁଛି । ଯାବତୀୟ ଅର୍ଥନୈତିକ ଓ ଟେକ୍ନୋଲୋଜିର ଆଧିପତ୍ୟ ମଣିଷ ଜୀବନଧାରାକୁ ଯେତେ ନିୟନ୍ତ୍ରିତ କଲେ ମଧ ମଣିଷ ଭିତରର ସୂକ୍ଷ୍ମ ମାନବୀୟ ପ୍ରତିକ୍ରିୟା ଜୀବିତ ଥିବା ପର୍ଯ୍ୟନ୍ତ ସାହିତ୍ୟ ମଣିଷ ପାଇଁ ଅଲୋଡା ପାଲଟିବ ନାହିଁ । ଦ୍ୱିତୀୟ ପ୍ରଶ୍ନର ଉତ୍ତରରେ କହିବି ଯଦିଓ ପରିବର୍ତ୍ତନକୁ ଆମେ ଏକ ସୁଦୃଶ୍ୟ ମାପକାଠିରେ ତୁଳନା କରିବା, ତେବେ ମୁଣ୍ଡ ହଲାଇ ସବୁଠାରୁ ବଡ 'ନା' ହିଁ କହିବି । ଗପ କିମ୍ବା କବିତା ପଢି ଏକ ଚମତ୍କାର ପରି ପାଠକର ଜୀବନ ବା କାହାର ଜୀବନ ଦୋହଲି ଯାଏନା ସତ କିନ୍ତୁ ବୁଢିଆଣୀ ଜାଲ ପରି ତାହା ଭିତରେ ଭିତରେ ଆମ ଅନ୍ତଃଚେତନାକୁ ରାହୁ ଗ୍ରାସିଲା ପରି ଗ୍ରାସ କରି ପକାଇଥାଏ।

■ ଓଡିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡ଼ିଆ ଭାଷା ଓ ସାହିତ୍ୟର ଭବିଷ୍ୟତକୁ ନେଇ ମୁଁ ନିଶ୍ଚିତ ଭାବରେ ଆଶାବାଦୀ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକର ଜୀବନରେ ପୁରସ୍କାରର କିଛି ଗୁରୁତ୍ୱ ନିଶ୍ଚୟ ରହିଛି । ଏହା ଉତ୍ସାହ ଓ ପ୍ରେରଣା ଦିଏ । କିନ୍ତୁ ପୁରସ୍କାର ନ ମିଳିଲେ ହତାଶ ହେବା ଉଚିତ ନୁହେଁ । କାରଣ ଏହା କେବେ ବି ସାହିତ୍ୟିକର ସର୍ଜନର ମୂଲ୍ୟାୟନ ନୁହେଁ କି ମାନଦଣ୍ଡ ନୁହେଁ। ଚୟନ ପ୍ରକ୍ରିୟା ଅନେକ ସମୟରେ ବିଶୁଦ୍ଧ ହୋଇ ନଥାଏ । ସାହିତ୍ୟ ମାଧ୍ୟମରେ ଜୀବନକୁ କ୍ଷମା ଦ୍ୱାରା, ବୁଝାମଣା ଦ୍ୱାରା, ଗଭୀର ଅନ୍ତର୍ଦୃଷ୍ଟି ଦ୍ୱାରା ସ୍ୱୀକାର କରିବାର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚି ପାରେ।

❤❤

## ■ ଅଳ୍ପରେ ମମତା ଦାଶ



ଜନ୍ମ- ୧୯୪୭ ଅକ୍ଟୋବର ୪
ପିତା: ଡାକ୍ତର ରାମଚନ୍ଦ୍ର ମହାପାତ୍ର
ମାତା-ପଙ୍କଜ ମାଳା ମହାପାତ୍ର
ଜନ୍ମସ୍ଥାନ - ଜଗତସିଂହପୁର

**ପ୍ରକାଶିତ ପୁସ୍ତକ:**

**ଗଳ୍ପ-**
୧- ଅନ୍ୟ ଜଗତର ସକାଳ
୨- ଅନ୍ତରାଳ ଦୃଶ୍ୟ
୩- ଅରୁନ୍ଧତୀର ସନ୍ଧ୍ୟା।
୪- ସମଗ୍ର ସଂକଳନ -ପଦ୍ମ ପୁରୁଷ

**କବିତା-**
୧. ନୈମିଷାରଣ୍ୟ(୧୯୮୧)
୨. ଏକତ୍ର ଚନ୍ଦ୍ରସୂର୍ଯ୍ୟ(୧୯୮୭ରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ)
୩. ଅବାକ୍ ସ୍ୱର୍ଗ (୧୯୮୯)
୪. ଉଜ୍ଜ୍ୱଳ ଉପବନ (୧୯୯୪)
୫. ନୀଳ ନିର୍ବାପନି୨୦୦୦)
୬. ହିରଣ୍ୟବର୍ଣ୍ଣା(୨୦୦୮)
୭. ଶୁଭ୍ରଧାରା(୨୦୧୩)
୮. ରାଗ ଲଳିତ(ପ୍ରେମ କବିତା ସଙ୍କଳନ)(୨୦୧୩)
୯. ମାୟାନ୍ଧକାର(୨୦୧୭)
୧୦. ଶୂନ୍ୟ ଚିତ୍ରାୟନ(୨୦୨୧)
୧୧. କବିତା ସମଗ୍ର (୧ମ ଭାଗ) (୨୦୨୨)
୧୨. ଭୂମିସ୍ପର୍ଶ(୨୦୨୫)


**ପ୍ରବନ୍ଧ-**
୧. ଆମ ସାହିତ୍ୟରେ ଶ୍ରୀରାଧା ବିଳାସ
୨. ଅତିକ୍ରମଣ
୩. ଅନେକ ଝରକା

**ଉପନ୍ୟାସ-**
୧. କେହି ଜଣେ ବିଶାଖା

**ଇଂରାଜୀ ମୌଳିକ ରଚନା-**
1- Makers of Indian literature Bhubaneswar behera (Central sahitya academy)
2- A moment beyond time (Anthology of poems, translated into English by the poet )

**ଅନୁବାଦ-**
୧. ତୀର୍ଥଙ୍କର(ବଙ୍ଗଳା)
୨. ତାମିଲ ଗଳ୍ପ ସଂକଳନ (ବଙ୍ଗଳା)
୩. ପ୍ରଥମ ଆଲୋକ (ବଙ୍ଗଳା)
୪. ବୋହୁ ଠାକୁରାଣୀର ହାଟ (ବଙ୍ଗଳା)

ଏଥି ସହ ୯ଟି ଆଧ୍ୟାତ୍ମିକ ପୁସ୍ତକକୁ ଇଂରାଜୀରୁ ଓଡ଼ିଆ ଅନୁବାଦ କରିଛନ୍ତି।




ଯାହା ବିନା ଜୀବନ ଅଧୁରା : କବିଙ୍କର ଦିବଂଗତ ଜୀବନସାଥୀ ଡା. ରଘୁନାଥ ଦାଶ



୨୦୧୦ରେ ଗଙ୍ଗାଧର ରଥ ଫାଉଣ୍ଡେସନ ପକ୍ଷରୁ ଭାନୁଜି ରାଓ କବିତା ପୁରସ୍କାର ପାଇବାର ସୁଅବସର...



ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ବିଷୁବ ପୁରସ୍କାର ପାଇବାର ସ୍ମରଣୀୟ ମୁହୂର୍ତ୍ତ ......



ନାତି କ୍ରିଶ୍‌ର ପ୍ରଥମ ଜନ୍ମଦିନରେ ଲଣ୍ଡନରେ କବି ଦମ୍ପତି ......



ଲଣ୍ଡନରେ ରହୁଥିବା କବଙ୍କର ସାନଝିଅ କବ ଗାଳ୍ପିକା ମୋନା, ଜ୍ୱାଇଁ କୌସ୍ତୁଭ ଓ ନାତି କ୍ରିଶ ......

# ମୋ ଝର୍କାରୁ ଆମେରିକା...

## ପ୍ରଥମ ବିଦେଶ ଯାତ୍ରା

ନନ୍ଦିତା ମହାନ୍ତି

ଭାଗ-୧୨



ଯେଉଁଠି ଇଚ୍ଛା ସେଇଠି ଗାଡି ପାର୍କ କରିବା ସେଠାରେ ଦଣ୍ଡନୀୟ ଅପରାଧ । ଆପାର୍ଟମେଣ୍ଟ ପଛ ପଟେ ରାସ୍ତାକୁ ଲାଗି ପାର୍କିଂ ଏରିଆ । ପ୍ରତ୍ୟେକ ଘର ପାଇଁ ସ୍ଥାନ ନିର୍ଦ୍ଦିଷ୍ଟ ଥାଏ। ପାର୍କିଂ ଏରିଆରେ କାରର ଚଉଡା ଅନୁସାରେ ଦୁଇଟି ସମାନ୍ତରାଳ ରେଖା ଧଳା ରଙ୍ଗରେ ଚିହ୍ନିତ ହୋଇଥାଏ । ସେତିକି ଜାଗାରେ ଗାଡି ପାର୍କିଂ କରିବାକୁ ହୁଏ । ଆଉ ଏକଥା ନିଶ୍ଚିତ କରିବାକୁ ହୁଏ ଯେ କାର ଚକ ଯେମିତି ଧଳା ଗାରକୁ ଛୁଇଁବ ନାହିଁ । ବୟସ୍କ ଓ ଭିନ୍ନକ୍ଷମଙ୍କୁ ଘର ପାଖରେ ପାର୍କିଂ ଦିଆଯାଏ ।

ମୁଁ ଏବେ ଥିଲି ଟ୍ରୟ ଟାୱାର ଆପାର୍ଟମେଣ୍ଟ ତଳେ । ପ୍ରକୃତରେ ଏହା ଏକେ ଟ୍ୱିନ ଟାୱାର ଆପାର୍ଟମେଣ୍ଟ । ଅର୍ଥାତ ସାମ୍ନା ସାମ୍ନି ଦୁଇଟି ନଭଶ୍ଚୁମ୍ବୀ, ଅର୍ଦ୍ଧବୃତ୍ତାକର ଆପାର୍ଟମେଣ୍ଟ । ଦୁଇଟି ଆପାର୍ଟମେଣ୍ଟ ମଧ୍ୟରେ ବୃତ୍ତାକାର ସଡକ । ସଡକ ପରେ, ଦୁଇଟି ଆପାର୍ଟମେଣ୍ଟ ମଧ୍ୟରେ ଏକ ସୁନ୍ଦର ବଗିଚା । ସେଠାରେ ବସିବା ପାଇଁ ବେଞ୍ଚ ମାନ ପଡିଛି । କିଛି ଲୋକ ସେଠାରେ ବସିଥିଲେ। ଆଉ କିଛି ଲୋକ ବୁଲାବୁଲି କରୁଥିଲେ ।

ମୁଁ ଗାଡିରୁ ଲଗେଜ କାଢିଲା ପରେ ଚିକୁ ଗାଡି ପାର୍କ ପାଇଁ ଗଲେ । ଯେଉଁଠି ଇଚ୍ଛା ସେଇଠି ଗାଡି ପାର୍କ କରିବା ସେଠାରେ ଦଣ୍ଡନୀୟ ଅପରାଧ । ଆପାର୍ଟମେଣ୍ଟ ପଛ ପଟେ ରାସ୍ତାକୁ ଲାଗି ପାର୍କିଂ ଏରିଆ । ପ୍ରତ୍ୟେକ ଘର ପାଇଁ ସ୍ଥାନ ନିର୍ଦ୍ଦିଷ୍ଟ ଥାଏ। ପାର୍କିଂ ଏରିଆରେ କାରର ଚଉଡା ଅନୁସାରେ ଦୁଇଟି ସମାନ୍ତରାଳ ରେଖା ଧଳା ରଙ୍ଗରେ ଚିହ୍ନିତ ହୋଇଥାଏ । ସେତିକି ଜାଗାରେ ଗାଡି ପାର୍କିଂ କରିବାକୁ ହୁଏ । ଆଉ ଏକଥା ନିଶ୍ଚିତ କରିବାକୁ ହୁଏ ଯେ କାର ଚକ ଯେମିତି ଧଳା ଗାରକୁ ଛୁଇଁବ ନାହିଁ । ବୟସ୍କ ଓ ଭିନ୍ନକ୍ଷମଙ୍କୁ ଘର ପାଖରେ ପାର୍କିଂ ଦିଆଯାଏ । ଯେତେ ଯୁବକଯୁବତୀ ଅଛନ୍ତି ତାଙ୍କର ପାର୍କିଂ ଅପେକ୍ଷାକୃତ ଟିକେ ଦୂରରେ । ଭିନ୍ନକ୍ଷମଙ୍କର ପାର୍କିଂ ଦିନ ଦିନ ଧରି ଖାଲି ରହିଲେ ମଧ ସେଠାରେ ଆଉ କେହି ପାର୍କିଂ କରିବା ନିଷେଧ। ଚିକୁ ଗାଡିର ଡିକିରୁ ଲଗେଜ ବାହାର କଲେ । ଆମେ ଲଗେଜ ଧରି ଆପାର୍ଟମେଣ୍ଟ ଭିତରକୁ ଗଲୁ । ଏଠାରେ ଭିନ୍ନକ୍ଷମ ଓ ବୟସ୍କଙ୍କର ସୁବିଧାକୁ ଦୃଷ୍ଟିରେ ରଖି ସବୁଠାରେ ରାମ୍ପର ବ୍ୟବସ୍ଥା କରା ଯାଇଥାଏ । ଆଉ ଏଥିରେ ଲଗେଜ ନେବାଆଣିବା ବି ସୁବିଧା । ଆପାର୍ଟମେଣ୍ଟ ଭିତରକୁ ଯିବା ପାଇଁ ଥିବା ମେନଗେଟ ସବୁବେଳେ ବନ୍ଦ ଥାଏ । ତାକୁ ଖୋଲିବା ପାଇଁ ସମସ୍ତଙ୍କ ପାଖରେ ଚାବି ଥାଏ । ଯାହା ଦ୍ୱାରା ସେଠାରେ ରହୁଥିବା ଲୋକଙ୍କୁ ଛାଡି ଆଉ କେହି ବାହାରର ବ୍ୟକ୍ତି ଆପାର୍ଟମେଣ୍ଟ ଭିତରକୁ ପଶି ପାରିବେନାହିଁ ।

ପନ୍ଦର ମହଲା ବିଶିଷ୍ଟ ଆପାର୍ଟମେଣ୍ଟର ତେର ମହଲାରେ ରହୁଥିଲା ଝିଅ । ଲିଫ୍ଟ ଦେଇ, କାର୍ପେଟ ପକା କରିଡୋର ପାର କରି ଆମେ ପହଞ୍ଚିଲୁ ଘରେ। ଝିଅ ସେଠାରେ ଭଡା ଘର ନେଇ ରହୁଥାଏ । ଦୁଇ ଜଣ ଚଳିଲା ପରି ଏକ ଛୋଟ ଘର ଯାହାକୁ ସେଠି ଷ୍ଟୁଡିଓ ଆପାର୍ଟମେଣ୍ଟ ବୋଲି କୁହାଯାଏ । ଯେଉଁଥିରେ ଥାଏ ଗୋଟେ ବଡ ବେଡରୁମ, ଲିଭିଂ ରୁମ, କିଚେନ କମ ଡାଇନିଙ୍ଗ ଓ ଗୋଟିଏ ବାଥରୁମ । ଛୋଟ ଘର ହେଲେ ମଧ ସୁଚାରୁ ରୂପେ ସଜ୍ଜିତ। ଦୁଇ ଜଣଙ୍କର ରୁଚିଶୀଳତା ଦେଖି ମୁଗ୍ଧ ହେଲି ମୁଁ । ସେମାନେ ଏବେ ଏବେ ଆସିଛନ୍ତି ଏଠାକୁ । ପୂର୍ବରୁ ସେମାନେ କନେକ୍ଟିକଟର ହାର୍ଟଫୋର୍ଡରେ ରହୁଥିଲେ । ହେଲେ ମାଷ୍ଟର୍ସ ପାଇଁ ଝିଅର ନ୍ୟୁଜର୍ଶୀ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିରେ ଆଡମିସନ ହେଲା ପରେ ଦୁହେଁ ଏଠାକୁ ଆସିଛନ୍ତି । ତାର ଦୁଇ ବର୍ଷର କୋର୍ସରୁ ଏବେ ଦେଢ ବର୍ଷ କଟି ସାରିଲାଣି । ତେଣୁ ତାର କ୍ଲାସ ସଂଖ୍ୟା ଟିକେ କମିଯାଇଛି । କିନ୍ତୁ ଇଣ୍ଟର୍ନସିପ ପାଇଁ ମିଡଟାଉନ, ମେନହାଟନ, ନ୍ୟୁୟର୍କରେ ଥିବା ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟକୁ ସପ୍ତାହରେ ଚାରି ଦିନ ଯିବାକୁ ପଡୁଛି ତାକୁ।



ଜିନିଷପତ୍ର ରଖିସାରିଲା ପରେ ଝିଅ ଖାଇବା କଥା ପଚାରୁଥିଲା । ମୁଁ କହିଲି ଖାଇବି ପଛେ, ଆଗ ତୁ କପେ ଭଲ ଚା' ତିଆରିକର । ସେତେବେଳକୁ ମୁଁ ଗାଧୋଇ ପଡି ଟିକେ ଫ୍ରେଶ ହୋଇଯାଏ । ସେଠି ବାଥରୁମ ନିୟମ ବି ଅନେକ। କାରଣ ବାଥରୁମର ତଳେ, ଚଟାଣରେ ପାଣି ପକାଇବାର ନିୟମ ନାହିଁ କିମ୍ବା ଇଣ୍ଡିଆନ ପାଇଖାନାର ବ୍ୟବସ୍ଥା ମଧ ନାହିଁ । ସେଠାରେ, କେବଳ କମୋଡ । ଗାଧେଇବା ପାଇଁ ଅଛି ବାଥଟବ୍ । ବାଥଟବ୍ ସାମ୍ନାରେ ଲାଗିଛି ପ୍ଲାଷ୍ଟିକ ପରଦା । ଯେମିତି ବାଥଟବ୍‌ରୁ ପାଣି ବାହାରେ ପଡିବନାହିଁ । ବାଥରୁମରେ ସବୁବେଳେ ଗରମ ଓ ଥଣ୍ଡା ପାଣି ଆସୁଥାଏ । କେବଳ ବାଥରୁମ ବୋଲି ନୁହେଁ, ଘରର ସବୁ ଟ୍ୟାପରେ ଉଭୟ ଥଣ୍ଡା ଓ ଗରମ ପାଣି ଆସେ। ଥଣ୍ଡା ପାଣି ଏଠି ବରଫ ପରି ଥଣ୍ଡା । ଥଣ୍ଡା ପାଣି ତଳେ ଦୁଇ ମିନିଟ ପାପୁଲି ରଖିଲେ ଲାଗିବ ଯେମିତି ପାପୁଲିଟି ଆଉ ନାହିଁ । ମୁଁ ଉଷୁମ ପାଣିରେ ଗାଧେଇ ପଡିଲି। ଲାଗିଲା ଯେମିତି ଦେହରୁ ମଜରା ଛାଡିଗଲା।

ମିକୁ ଓ ଚିକୁ ଦୁହେଁ ଚାହା ପିଅନ୍ତିନାହିଁ । ହେଲେ ମୋର ଚାହା ବିନା ଅଚଳ । ତେଣୁ ମୋ ପାଇଁ ଚାହାର ବ୍ୟବସ୍ଥା ହୋଇଥିଲା । ବାଥରୁମରୁ ବାହାରିଲା କ୍ଷଣି ଝିଅ ହାତକୁ ବଢେଇଦେଲା ଗୋଟେ କଫି ମଗରେ, ଗରମ ଗରମ ଚାହା । ଘର ତିଆରି ଚାହା ପିଇଲା ପରେ ମୋତେ ସତକୁ ସତ ଲାଗିଲା ଯେ ମୁଁ ଏବେ ଘରେ ପହଞ୍ଚିଯାଇଛି। ଭୁବନେଶ୍ୱରରୁ ବାହାରିବା ପର ଠାରୁ ସେଇ ଡିପ୍ ଡିପ୍ ଚାହା ପିଇ ପିଇ ବିରକ୍ତ ହୋଇ ଯାଇଥିଲା ମଣିଷ। ଗରମ ପାଣିରେ ଚିନି, ଅମୁଲଗୁଣ୍ଡ ପକେଇ, ଚାହାପତିକୁ ସେଥିରେ ବୁଡେଇଲେ ତାହା କଣ ସତରେ ଚାହାରେ ଗଣା ହୁଏ । ଛେଃ ! ଖାଣ୍ଟି କ୍ଷୀରରେ ଚିନି, ଅଦାଛେଚା, ଗୁଜୁରାଟି ଗୁଣ୍ଡ, ଚାହାପତି ପକେଇ, ତାକୁ ଭଲ ଭାବରେ ଫୁଟେଇ ଗରମ ଗରମ ଛାଣି ପିଇବାକୁ କୁହାଯାଏ ଚାହା ପିଇବା ନା ! ମନେ ମନେ ହସିଲି ମୁଁ । ମୋର କାହିଁ ହଠାତ୍ ମନେ ପଡିଗଲା ଚନେଶ୍ୱର କଥା ।

ମୁଁ ରାଉରକେଲା ମୁଖ୍ୟ ଡାକଘରେ କାମ କଲା ବେଳେ ଆମ ଅଫିସ ତଳେ, ପାଚେରୀକୁ ଲାଗି ଚାରିଟା ବାଉଁଶ କଣି ଉପରେ ଗୋଟେ ତିରପାଲ ପକେଇ ଚନେଶ୍ୱର ଗୋଟେ ଜଳଖିଆ ଦୋକାନ କରିଥିଲା । ବିହାରୀ ପିଲା, ଭାରି ଶାନ୍ତସରଳ । ଯାହା କହିଲେ ହସି ଦେବ । କାରଣ କେବଳ ଭୋଜପୁରୀ କହୁଥିବା, ବୁଝୁଥିବା ପିଲାଟିକୁ ରାଉରକେଲିଆ ଓଡିଆ ମିଶା ହିନ୍ଦୀ ବୁଝିବାରେ ଟିକେ ଅସୁବିଧା ହେଉଥିଲା ବୋଧହୁଏ । ସିଏ ବଢିଆ ଆଳୁଚପ, ସିଙ୍ଗଡା, ଡାଲିବରା ତିଆରି କରୁଥିଲା । ଆଉ ତା ହାତରେ ଏକ ଆଶ୍ଚର୍ଯ୍ୟକର ହୁନର ଥିଲା । ସିଏ ଟକ ଟକ ହୋଇ ଫୁଟୁଥିବା ଗରମ ତେଲରୁ ଡାଲିବରାକୁ କାଢି, ତାକୁ ଦୁଇ ପାପୁଲି ମଧ୍ୟରେ ଚାପି ପୁଣି ଫୁଟନ୍ତା ତେଲ ଭିତରେ ପକେଇ ଦେଉଥିଲା। ହାତରେ ଓଲଟେଇ ଦେଉଥିଲା ଛଣା ହେଉଥିବା ଆଳୁଚପ, ସିଙ୍ଗଡାକୁ । ଆଉ ତାର ହାତ ପୋଡିବା ବା ଫୋଟକା ହେବା ତ ଦୂରର କଥା ହାତରେ ଲାଲିଆ ଦାଗଟିଏ ମଧ ହେଉ ନ ଥିଲା। କାଳେ ହାତ ପୋଡିଯିବ ଭାବି ଆମେ ହାଁ ହାଁ କରି 'ଗରମ ତେଲରେ ହାତ ବୁଡାନା' କହିଲେ ସିଏ ଟିକେ ହସି ଦେଇ ତା ଭାଷାରେ କହୁଥିଲା, 'ଚିନ୍ତା ନ କରି, କୁଛ ନଇ ହୋଏ ।"

ଚନେଶ୍ୱର ଖୋପବାଲା ଚାହାଗ୍ଲାସ ଷ୍ଟାଣ୍ଡରେ ଚାହା ଆଣି ସମସ୍ତଙ୍କ ସିଟ ପାଖରେ ଦେଉଥିଲା । ତଳୁ ତିନି ତାଲାକୁ ଆସୁ ଆସୁ ଚାହା ଟିକେ ଥଣ୍ଡା ହୋଇ ଯାଇଥାଏ । ମୋତେ ଥଣ୍ଡା ଚାହା ଜମାରୁ ଭଲ ଲାଗେନାହିଁ । ମୁଁ ସବୁବେଳେ ଅଭିଯୋଗ କରେ, ତୁମେ ଚାହା ଉପରକୁ ଆଣୁ ଆଣୁ ଚାହା ଥଣ୍ଡା ହୋଇଯାଉଛି । ତାପରେ ତୁମେ ଅନ୍ୟ ସେକ୍ସନରେ ଦେଇ ସାରି ଏଠିକି ଆସୁଛ । ଏବେ ପ୍ରଥମେ ମୋତେ ଦେଇ ତାପରେ ଯାଇ ଅନ୍ୟ ସେକ୍ସନକୁ ଯିବ । ଆମ ସେକ୍ସନରେ ଥିବା ମଞ୍ଜୁ ଦିଦି ନିଜେ ଚାହା ପିଅନ୍ତିନି, ଆଉ କେହି ଚାହା ପିଇଲେ ତାକୁ ଏମିତି ଡରାନ୍ତି ଯେମିତି ଚାହା ନୁହେଁ ଆମେ ସ୍ୱଇଚ୍ଛାରେ ବିଷ ପିଉଛୁ । ମୋର ଏମିତି ଅଭିଯୋଗ ଶୁଣି ସିଏ ଚନେଶ୍ୱରକୁ ଡାକି, ବଡ ପାଟି କରି କୁହନ୍ତି , "ଶୁଣ , ଏବେ ଚାହା ଆଉ ଗ୍ଲାସରେ ଆଣିବୁନ୍ନ, ବୁଝିଲୁ । ସିଧା କେଟଲୀରେ ଆଣି ଦିଦି ପାଟିରେ ଛାଣି ଦେବୁ । ପୁରା ଗରମ ଗରମ ।" ଚନେଶ୍ୱର ମଞ୍ଜୁ ଦିଦି କଥା କେତେ ବୁଝେ କେଜାଣି , ଟିକେ ହସି ଦେଇ ଅନ୍ତର୍ହିତ ହୋଇଯାଏ ସେଠାରୁ ।

ମୁଁ ଚାହା ପିଇ ସାରିଲା ବେଳକୁ ମିକୁ ଆଉ ଚିକୁ ଦୁଇ ଜଣେ ବସିଗଲେ ମୁଁ କଣ କଣ ସବୁ ଆଣିଛି ଦେଖିବାକୁ । ଲୁଗାପଟା ସହିତ ଆରିସା ପିଠା, ମୋତିଚୁର ଲଡୁ, କ୍ଷୀର ଗଜା, ରାଶି ଲଡୁ ଆଉ ନିମକଢ ଭଜା, କଞ୍ଚା ହଳଦୀ ଇତ୍ୟାଦି ଇତ୍ୟାଦି । ଉଭୟ ନିଜ ନିଜ ଜିନିଷ ଆବୋରି ନେଉଥାନ୍ତି । ଚିକୁ କହୁଥାନ୍ତି ସବୁ ଆରିସା ପିଠା ମୋର, ମାମା ମୋ ପାଇଁ ଆଣିଛନ୍ତି। ଝିଅ ସାଙ୍ଗେ ସାଙ୍ଗେ ଉତ୍ତର ଫେରାଏ , "ଆରେ ଇଏ କି କଥା । ତୁମେ ଆରିସା ପିଠା ଭଲପାଅ । ତା ବୋଲି କଣ ମୁଁ ଗୋଟେ ହେଲେ ଖାଇ ପାରିବିନି । ସେମିତି ହେଲେ ସବୁ ମୋତିଚୁର ଲଡୁ ମୋର । ତୁମକୁ ଗୋଟେ ହେଲେ ମିଳିବନି।" ଚିକୁ ଠିଆ ହୋଇ ପଡି କହନ୍ତି, "ମୁଁ ବି ମୋତିଚୁର ଲଡୁ ଭଲପାଏ । ମୋର ବି ସେଥିରେ ଭାଗ ଅଛି। ନା , କଣ କହୁଛନ୍ତି ମାମା । ମୋର ବି ଭାଗ ଅଛି ନା ସେଥିରେ ?" ପଚାରିସାରି ଉତ୍ତର ଅପେକ୍ଷାରେ ଚହାଁନ୍ତି ମୋତେ ।

ସେମାନଙ୍କର ଏମିତି ମୃଦୁ କଳିଗୋଳ ଦେଖି ମୁଁ ମନେ ମନେ ଆହ୍ଲାଦିତ ହେଲେ ବି, ଉପରକୁ କହେ, "ଆରେ ଏମିତି କଣ ହଉଛ ଦୁଇଜଣ। ସବୁ କିଛି ଦୁଇ ଜଣଙ୍କ ପାଇଁ । ମିଳିମିଶି ଖାଇବ।"

– ନାଇଁ ମାମା, ନିମକଢ ଭଜା, କଞ୍ଚା ହଳଦୀ ସେସବୁ ମିକିର । ମୁଁ ପିତା ଖାଏନି । ତାକୁ ଖାଇଲେ କୁଆଡେ ଦେହ ଭଲ ରହେ । ସେସବୁ ସିଏ ଖାଉ ।

ସେମାନଙ୍କର ଏମିତି ତୁ' ତୁ' ମେ' ମେ' ମୋତେ ଭଲ ଲାଗେ ।

ଝିଅ ଖାଇବାରେ ଅନେକ କିଛି ତିଆରି କରିଥାଏ । ଅରୁଆ ଭାତ ସହିତ ମୁଁ ଚିଙ୍ଗୁଡି ଭଲ ପାଏ ବୋଲି ଚିଙ୍ଗୁଡି ମଲେଇକରୀ, ପାଳଙ୍ଗ ଶାଗ ପକା ଯାଇଥିବା ଗ୍ରୀନ ଚିକେନ କରି ଆଉ ତା ସହିତ ସାଲାଡ । ଆମେ ସମସ୍ତେ ଡାଇନିଙ୍ଗ ଟେବୁଲରେ ବସି ଖାଇଲୁ। ଝିଅ ମୋତେ ବାଢି ଦେଉଥାଏ, ବଳେଇ ବଳେଇ ଖୁଆଉଥାଏ । ଆଉ ଦୁଇଟି ଚିଙ୍ଗୁଡି ଖାଅ ଆଉ ଚାମୁଚେ ଭାତ ନିଅ, ଆରେ ତୁମେ ତ କିଛି ଖାଉନ । ତୁମେ ଫ୍ଲାଇଟରେ କିଛି ଖାଇପାରି ନ ଥିବ ମୁଁ ଜାଣେ । ଟ୍ରାଭେଲ ତୁମ ଦେହରେ




ଯାଏନି, ଇତ୍ୟାଦି ଇତ୍ୟାଦି। ଖାଉ ଖାଉ ମୋ ଆଖିର ଲୁହ ଭାତ, ତରକାରୀରେ ଗୋଳେଇ ହୋଇ ଯାଉଥାଏ। ଆଜି ଯାଏଁ ମୁଁ ସମସ୍ତଙ୍କୁ ରାନ୍ଧିବାଢି ଖାଇବାକୁ ଦେଇ ଆସିଛି । ବଳେଇ ବଳେଇ ଖୁଆଇଛି। ହେଲେ ଆଜି ଯାଏଁ ମୁଁ ବସିବି, ଆଉ କେହି ମୋତେ ବାଢିକି ମୁଠେ ଖାଇବାକୁ ଦେବ, ସେମିତି କେବେ ହେଇନି । ଝିଅ ଆଜି ବଡ ହେଇଯାଇଛି । ଯାହାକୁ ମୁଁ ଦିନେ ଆକାଶ, ପକ୍ଷୀ, ଗଛ, ଜହ୍ନମାମୁଁଙ୍କୁ ଦେଖେଇ ଖୁଆଉଥିଲି ସିଏ ଏବେ ମୋତେ ଖୁଆଉଛି। ଜଣେ ମାଆ ପାଇଁ ଏହା ଠାରୁ ବଡ ଉପଲବ୍ଧି ବା ଆଉ କଣ ହୋଇପାରେ ! କାଳେ କାହା ଆଖିରେ ପଡିଯିବ ବୋଲି ମୁଁ ଓଲଟ ହାତରେ ପୋଛି ପକେଇଲି ଉଦ୍ଗତ ଅଶ୍ରୁକୁ ।

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

# ଆଜିର ବିଶ୍ୱ ଶାନ୍ତି ଛାଡ଼ି ଯୁଦ୍ଧ ଆଡ଼କୁ ଦୌଡୁଛି



ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି
(ହାରିତସ୍)

ମଣିଷ ଜୀବନ ଶାନ୍ତିପ୍ରିୟ। ସେ ତାର ଜୀବନର ପ୍ରାରମ୍ଭଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଶାନ୍ତିରେ ଅତିବାହିତ କରିବାକୁ ଚାହେଁ କିନ୍ତୁ ବହୁ ସମୟରେ ନିଜ ପରିବାର, ନିଜ ଦେଶ କାଳ ପାତ୍ର ଓ ବସ୍ତୁତଃ ନିଜର ସୁରକ୍ଷା ପାଇଁ ଅଶାନ୍ତିକର ପରସ୍ପର ବିରୋଧାଚରଣ, ଆକ୍ରମଣ, ପ୍ରତିଆକ୍ରମଣ ଭଳି ଯୁଦ୍ଧ ସନ୍ତ୍ରାସର ଘନଘଟା ମଧରେ ପଶିବାକୁ ପଡ଼େ । ମନୁଷ୍ୟର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେଲା, ନିଜକୁ ଅନ୍ୟ ହିଂସାଚରଣ କରୁଥିବା ମନୁଷ୍ୟ କି ପଶୁ କୀଟ ପତଙ୍ଗ ମାନଙ୍କଠାରୁ ସୁରକ୍ଷିତ ରଖିବା ଓ ନିଜ ପରିବାର, ନିବାସ ସ୍ଥାନକୁ, ମାଟିକୁ, ମାଁକୁ ସୁରକ୍ଷା ଦେବା । ଆଦିମ ମନୁଷ୍ୟ ଯେତେବେଳେ ବଣ ଜଙ୍ଗଲରେ ନିବାସ କରି ଜଙ୍ଗଲର ଫଳମୂଳ ଖାଇ ବଞ୍ଚି ରହୁଥିଲା, ସେତେବେଳେ ବି ସିଏ ହିଂସ୍ର ପଶୁପକ୍ଷୀ, ସରୀସୃପ ମାନଙ୍କଠାରୁ ରକ୍ଷା କରିବା ପାଇଁ ବର୍ଛା, ଭାଲ, ଖଡ଼ିଶା, ଧନୁ, ତୀର ଆଦି ଅସ୍ତ୍ରଶସ୍ତ୍ରର ବ୍ୟବହାର କରୁଥିଲା । ତା'ପରେ ନିଜ ବଳ ପରାକ୍ରମ ଦ୍ୱାରା ହିଂସ୍ର ପଶୁମାନଙ୍କ ଆକ୍ରମଣକୁ ପରାହତ ନ କରି ପାରିବାରୁ ଦଳଗତ ଜୀବନ ବିତାଇ ଏସବୁକୁ ପ୍ରତିରୋଧ କରିବାରେ ଲାଗିଲା। ପରବର୍ତ୍ତୀ କାଳରେ ମନୁଷ୍ୟର ଅମାନବୀୟ ଚିନ୍ତାଧାରା ତାକୁ ନିଜ ସ୍ୱାର୍ଥର ସୁରକ୍ଷା ପାଇଁ ବହୁ ସମୟରେ ନିଜ ସୃଷ୍ଟ ଦଳ ମଧ୍ୟରେ କିମ୍ବା ଅନ୍ୟ ଦଳମାନଙ୍କ ସହ ଆକ୍ରମଣ ପ୍ରତିଆକ୍ରମଣ କରି ନିଜକୁ ତିଷ୍ଠି ରଖିଲା ତ' ଅନ୍ୟ କେଉଁଠି ଶତ୍ରୁଦଳ ଦ୍ୱାରା ପରାସ୍ତ ହୋଇ ନିଜ ଜୀବନ ବଞ୍ଚାଇବା ପାଇଁ ନିଜ ନିବାସ ଭୂମି ଛାଡ଼ି ଅନ୍ୟତ୍ର ପଳାୟନ କରି ବଳକା ସମୟତକ ବଞ୍ଚିବାକୁ ଚାହିଁଲା । ଏଇଠୁଁ ଆରମ୍ଭ ହେଲା ଶାନ୍ତିପ୍ରିୟ ମନୁଷ୍ୟର ଅଶାନ୍ତକର ଜୀବନକୁ ବଞ୍ଚାଇବାର କୌଶଳ, ଯାହା ଆଜି ଆମ ଆଗରେ ଉଭା ହୋଇଛି ଯୁଦ୍ଧ ହିଂସା ପରଶ୍ରୀକାତରତାର ଯୁଦ୍ଧରତ ପୃଥିବୀ । ଏଥିରେ କେତେଯେ ଜୀବନ ବଳି ପଡ଼ନ୍ତି, ତା'ର ସୁମାର ନାହିଁ । ମଣିଷ ଯେତେ ଶିକ୍ଷିତ, ଜ୍ଞାନୀ, ବିଜ୍ଞାନୀ ହୋଇ ଜୀବନ ବଞ୍ଚିବାର କୌଶଳମାନ ଉଦ୍ଭାବନ କରିବାରେ ଲାଗୁଛି, ସେ ସବୁ ହିଁ ପରବର୍ତ୍ତୀ କାଳରେ ଅନ୍ୟ ଦ୍ୱାରା ତା'ର ମୃତ୍ୟୁର କାରଣ ହୋଇ ଯାଉଛି । ଆଜିକାଲି ମଣିଷର ଆତ୍ମିକ ଜୀବନ ରୂପକୁ କେହି ମାତ୍ର ହିସାବକୁ ନେଇ ନ ଥାନ୍ତି ଏବେ ସବୁ ରାଷ୍ଟ୍ର ଜୀବନ । ଏବକାର ଜୀବନ ବ୍ୟକ୍ତି ସତ୍ତା ମଧ୍ୟରେ ସୀମିତ ନ ରହି ଦଳମତ, ଦେଶ, ରାଜ୍ୟ, କାଳ, ପାତ୍ର ଉପରେ ନିର୍ଭର କରୁଛି ଓ ଏହି ରାଷ୍ଟ୍ରୀୟ ଚେତନାରୁ ସୃଷ୍ଟ ଅହଂତା ବିଶେଷରେ ସାମ୍ରାଜ୍ୟବାଦର ବିସ୍ତାର ତଥା ନିଜକୁ ଶ୍ରେଷ୍ଠ, ବଡ଼, ପରାକ୍ରମଶାଳୀ ଭାବରେ ପ୍ରତିଷ୍ଠା କରିବାର ପ୍ରଚେଷ୍ଟାକୁ ନେଇ ଆରମ୍ଭ ହୋଇ ଯାଉଛି ଆକ୍ରମଣ ପ୍ରତିଆକ୍ରମଣର ପ୍ରକ୍ରିୟା, ଯାହା ତୁଚ୍ଛ କରି ଦେଉଛି ଶାନ୍ତିପ୍ରିୟ ନିରୀହ ମନୁଷ୍ୟମାନଙ୍କର ଜୀବନ ନିର୍ବାହର ଶୈଳୀକୁ ।

ଆଜି ଏ ବିଶ୍ୱରେ ଶାନ୍ତି ଖୋଜିଲେ ପ୍ରାୟତଃ ମିଳେ ନାହିଁ କହିଲେ ଚଳେ । ଶାନ୍ତି ଦୁଷ୍ପ୍ରାପ୍ୟ । ଆମେରିକା, ଋଷିଆ, ଜାପାନ, ଜର୍ମାନୀ, ୟୁରୋପ, ଏସିଆର ପ୍ରାୟ ଅଧିକାଂଶ ଭୂଖଣ୍ଡ ଆଜି ଯୁଦ୍ଧରତ । ମଣିଷର ରାଜନୈତିକ ଚିନ୍ତନ ତାକୁ ଆଜି ଏହି କୁତ୍ସିତ ଅହଂକାରୀ କରି ଦେଇଛି ଓ ତତ୍ ସଙ୍ଗେ ସଙ୍ଗେ ନିଜକୁ ଅପରଠାରୁ ଅଧିକ ପରାକ୍ରମଶାଳୀ ବୋଲି ଗଢ଼ି ତୋଳିବାର ନିଶା ସବୁଆଡ଼େ ବ୍ୟାପି ଯାଇଛି । ଏହି ହିଂସାକୁ ତ୍ୱରାନ୍ୱିତ କରି ଲକ୍ଷ ଲକ୍ଷ କୋଟି ଧନ ଜୀବନକୁ ଅକାରଣରେ ମୃତ୍ୟୁ ମୁଖକୁ ଟାଣି ନେଉଛି । ଏହା କେବଳ ଯେ, ଆଜିକାର କଥା ନୁହେଁ, କେଉଁ ଶତ ଶତ ସହସ୍ର ବର୍ଷ ଧରି ଟାଣି ନେଉଛି। କେଉଁ ଶତ ସହସ୍ର ବର୍ଷ ଧରି ଯୁଦ୍ଧସଂଘାତର ଘନଘଟା ଏ ବିଶ୍ୱର ଶତ ସହସ୍ର କୋଟି ମନୁଷ୍ୟ ଜୀବନକୁ ଅକାଳରେ ପୁଣି ବାଧ କରି ମୃତ୍ୟୁକୋଳକୁ ଠେଲି ଦେଇଛି ତା'ର ଇୟତ୍ତା ନାହିଁ । ଏହି ଶହେ ଦେଢ଼ଶହ ବର୍ଷ ତଳରୁ ଏ ଯାଏ କେତେ ଯେ, ଧନଜୀବନ ନଷ୍ଟ

ଆଜି ଏ ବିଶ୍ୱରେ ଶାନ୍ତି ଖୋଜିଲେ ପ୍ରାୟତଃ ମିଳେ ନାହିଁ କହିଲେ ଚଳେ । ଶାନ୍ତି ଦୁଷ୍ପ୍ରାପ୍ୟ । ଆମେରିକା, ଋଷିଆ, ଜାପାନ, ଜର୍ମାନୀ, ୟୁରୋପ, ଏସିଆର ପ୍ରାୟ ଅଧିକାଂଶ ଭୂଖଣ୍ଡ ଆଜି ଯୁଦ୍ଧରତ । ମଣିଷର ରାଜନୈତିକ ଚିନ୍ତନ ତାକୁ ଆଜି ଏହି କୁତ୍ସିତ ଅହଂକାରୀ କରି ଦେଇଛି ଓ ତତ୍ ସଙ୍ଗେ ସଙ୍ଗେ ନିଜକୁ ଅପରଠାରୁ ଅଧିକ ପରାକ୍ରମଶାଳୀ ବୋଲି ଗଢ଼ି ତୋଳିବାର ନିଶା ସବୁଆଡ଼େ ବ୍ୟାପି ଯାଇଛି । ଏହି ହିଂସାକୁ ତ୍ୱରାନ୍ୱିତ କରି ଲକ୍ଷ ଲକ୍ଷ କୋଟି ଧନ ଜୀବନକୁ ଅକାରଣରେ ମୃତ୍ୟୁ ମୁଖକୁ ଟାଣି ନେଉଛି ।

ହୋଇଛି, ସେ'ସବୁର ବିବରଣୀ ଖୋଜିଲେ ଇତିହାସ ହିଁ କହିବ । ଦ୍ୱିତୀୟ ପୃଥିବୀ ମହାସମର ୧୯୩୯ରୁ ଆରମ୍ଭ ହୋଇ ଛ'ବର୍ଷ କାଳ ୧୯୪୫ ଯାଏଁ ଲାଗି ରହିଥିଲା । ଏହି ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ଆଠରୁ ନଅ କୋଟି ଯାଏ ମନୁଷ୍ୟଙ୍କ ମୃତ୍ୟୁ ଘଟିଥିଲା । ସେଭଳି ମଙ୍ଗୋଲିଆ ମାନଙ୍କ ଆକ୍ରମଣଜନିତ ଯୁଦ୍ଧରେ ପାଖାପାଖି ୬୦ କୋଟି, ତାଇପାଇ ବିଦ୍ରୋହ ନେଇଛି ପ୍ରାୟ ୩ କୋଟିଙ୍କର ଜୀବନ । ଏହିଭଳି ୧୯୧୪ରୁ ୧୯୧୮ଯାଏଁ ଚାଲିଥିବା ପୃଥିବୀ ମହାସମର (ପ୍ରଥମ)ରେ ମୃତ୍ୟୁବରଣ କରିଥିଲେ ପ୍ରାୟ ତିନି କୋଟି ଜନତା । ସେହିଭଳି ଚାଇନାର ମଞ୍ଚୁ ଆକ୍ରମଣରେ ନିହତ ହୋଇଥିଲେ ପ୍ରାୟ ଦୁଇ କୋଟି ପଚାଶ ଲକ୍ଷରୁ ଅଧିକ ଲୋକ । ମେକ୍ସିକୋ ଦ୍ୱାରା ସ୍ପେନିସ୍ ଆକ୍ରମଣରେ ଏକ କୋଟିରୁ ଊର୍ଦ୍ଧ ନାଗରିକଙ୍କ ଜୀବନ, ରୁଷିଆରେ ନାଗରିକମାନଙ୍କ ବିଦ୍ରୋହ ଦମନ କରିବାରେ ଆଠ ନିୟୁତରୁ କିଛିଟା ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା । ସେଭଳି ଚାଇନାର ନାଗରିକ ବିଦ୍ରୋହକୁ ସମ୍ଭାଳି ନେବାରେ ବଳି ପଡ଼ିଥିଲେ ପାଖାପାଖି ୫ ନିୟୁତ ଲୋକ । ନେପୋଲିଅନ ଶାସନ କାଳରେ ମଧ ୫ ନିୟୁତ ପ୍ରାୟ ନିରୀହ ଜୀବନ ହରାଇବାକୁ ପଡ଼ିଥିଲା । ଏହା ଫ୍ରେଞ୍ଚ ରିଭୋଲ୍ୟୁସନ ନାମରେ ନାମିତ ହୋଇଥିଲା । ୨ୟ କଙ୍ଗୋଯୁଦ୍ଧ, ସ୍ପେନିସ୍ ଆକ୍ରମଣ, ଡେକାନ, ଭିଏତ୍‌ନାମ ଆଜି ଯୁଦ୍ଧ ବିଗ୍ରହରେ କୋଟି କୋଟି ମନୁଷ୍ୟଙ୍କୁ ଜୀବନ ହାରିବାକୁ ପଡ଼ିଛି । ଏସବୁ ହେଲା ବିଶ୍ୱସ୍ତରର କେତୋଟି ଯୁଦ୍ଧାକ୍ରମଣ, ବିଦ୍ରୋହ ଦମନ ଆଦିରେ ଅମୂଲ୍ୟ ମୂଲ୍ୟ ମନୁଷ୍ୟ ଜୀବନ ହାନିର ଘଟଣା । ଯାହା ଶୁଣିଲେ ଆମ ଜୀବନର ମୂଲ୍ୟ କେତେ ଯେ ନଗଣ୍ୟ, ତାହା ଅନୁଭବ କରି ହୁଏ । ଯୁଦ୍ଧ ବିଗ୍ରହ କାହିଁ କେଉଁ କାଳରୁ ପୃଥିବୀରେ ଲାଗି ରହିଛି । ଶାନ୍ତିକାମୀ ଜୀବନମାନଙ୍କରେ ଅଶାନ୍ତିର ବାତାବରଣ ଦିନୁ ଦିନ ଅଧିକା ମାତ୍ରାରେ ସୃଷ୍ଟି ହୋଇ ଚାଲିଛି । ଏଥିର ଶିକାର ହେଉଛନ୍ତି ସହସ୍ର କୋଟି ମନୁଷ୍ୟ ଜୀବନ । ଯୁଦ୍ଧ ବିଗ୍ରହ ବହିଃଦେଶ ଆକ୍ରମଣ ଓ ଅସହନଶୀଳତାର ଦୁର୍ଗୁଣରୁ ଆରମ୍ଭ ହୋଇ କିମ୍ବା ନିଜ ଦେଶ/ରାଜ୍ୟ ଅଭ୍ୟନ୍ତରର ଶାସକ ଓ ବିଦ୍ରୋହୀ ତଥା ବିରୋଧୀ ଗୋଷ୍ଠୀଙ୍କ ମଧ୍ୟରେ ହୋଇଥାଏ । ସଭିଏଁ ଚାହାଁନ୍ତି ଅପରପକ୍ଷ ଆମ ଅଧୀନତା ସ୍ୱୀକାର କରୁ, ଆମକୁ ପ୍ରଭୁ ବୋଲି ମାନୁ ନାହିଁ ତ ଆମେ ଆମକୁ ପ୍ରଭୁ ସ୍ୱୀକାର କରୁ ନ ଥିବା ଲୋକଙ୍କୁ ନିଜର ବଢ଼ିବା, ବଳ, ପରାକ୍ରମ, କୌଶଳ ଜ୍ଞାନକୁ କାମରେ ଲଗାଇ – ନିମିଷକରେ ସେମାନଙ୍କୁ ନିପାତ କରିବୁ । କି ଦୁଃଖ ସତରେ ଏ ସର୍ବଜ୍ଞାନ ସମ୍ପନ୍ନ ମଣିଷ ପଣିଆର ସ୍ୱଭାବ, ପଶୁଠାରୁ ବି ହୀନ । କି କଦର୍ଯ୍ୟ ସତରେ ଏ ଶାନ୍ତ ନିଳିମାମୟ ବିଶ୍ୱକୁ ଅଶାନ୍ତ କରି ସମସ୍ତଙ୍କୁ ଯୁଦ୍ଧ ସନ୍ତ୍ରାସତାର ଭୟରେ ସଜାଇ ଦେବା । ଇତିହାସର ପୃଷ୍ଠା ଓଲଟାଇଲେ ହଜାର ହଜାର ଯୁଦ୍ଧସନ୍ତ୍ରାସ ହିଂସା ଓ ସାମୁହିକ ନରହତ୍ୟାର କାହାଣୀ ମନକୁ ବେଦନାସିକ୍ତ କରାଇ ଦିଏ । ଏମିତିକି ଛୋଟ ଛୋଟ ଦେଶମାନେ ମଧ ଏହି ନରହତ୍ୟାର ସଂଘାତରୁ କୌଣସି ବେଳେ ରକ୍ଷା ପାଇ ପାରି ନାହାନ୍ତି ବରଂ ଅଧିକା କ୍ଷତିଗ୍ରସ୍ତ ହୋଇଛନ୍ତି, ବିସ୍ତାରବାଦୀ ରାଷ୍ଟ୍ରାଧିପତିଙ୍କ ତାଡ଼ନାରେ । ନାଇଜେରିଆ ଯୁଦ୍ଧରେ ଚାରି ନିୟୁତ ତଥା ୪୦ ଲକ୍ଷ, ଧର୍ମ ସମ୍ପ୍ରଦାୟ ନାଁରେ ଫ୍ରେଞ୍ଚଯୁଦ୍ଧ ନିଗ୍ରହରେ ୪ ନିୟୁତ, କୋରିଅନ ଯୁଦ୍ଧ ନିଗ୍ରହରେ ମୃତ୍ୟୁ ସଂଖ୍ୟା ୩୦ ଲକ୍ଷରୁ କିଛି କମି ନାହିଁ । ମୋଗଲମାନଙ୍କ ସାମ୍ରାଜ୍ୟ ବିସ୍ତାର, ଲୁଟ୍ ତରାଜ ଘଟଣାରେ ଉତ୍ତର ଭାରତ ତଥା ଦିଲ୍ଲୀ ଆକ୍ରମଣରେ ୩୦ ଲକ୍ଷ ରାଷ୍ଟ୍ରପ୍ରେମୀଙ୍କ ମୃତ୍ୟୁ ହୋଇଥିଲା । ବଙ୍ଗଳାଦେଶର ସ୍ୱାଧୀନତା ପାଇଁ ଜୀବନ ଦେଇଥିଲେ ପାଖାପାଖି ୩୦ ଲକ୍ଷ ବଙ୍ଗଳାଦେଶୀ । ୧୮୫୭ରେ ସଙ୍ଘଟିତ ଭାରତର ବ୍ରିଟିଶ୍ ବିରୋଧୀ ସିପାହୀ ବିଦ୍ରୋହରେ ପ୍ରାଣପାତ କରିଥିଲେ ଦେଶର ପ୍ରାୟ ୨୦ ଲକ୍ଷ ବ୍ୟକ୍ତି। ଏହା ସହିତ ଏମିତି ପ୍ରତିଦିନ ପ୍ରତି ସମୟରେ ପୃଥିବୀର ଯୁଦ୍ଧନିଗ୍ରହ, ବିଦ୍ରୋହ, ସନ୍ତ୍ରାସବାଦ ଆଦିରେ ଅଜସ୍ର ଲୋକଙ୍କ ଜୀବନ ହାନୀ ଘଟୁଛି । ଏଥିରେ କେବଳ ଯେ, ମାନବବାଦ ସଂସ୍କୃତିର ହତ୍ୟା କରାଯିବା ସହ ଯୁଦ୍ଧାନ୍ୱେଷୀ ବ୍ୟକ୍ତି ବିଶେଷଙ୍କର ଯେ ହତ୍ୟା ହେଉଛି ତା'ନୁହେଁ, ତା'ସହିତ ନିରୀହ ଶାନ୍ତିପ୍ରେମୀ ମଣିଷ ମାନଙ୍କର ବି ହତ୍ୟା କରାଯାଉଛି ନିର୍ଦ୍ୱନ୍ଦ୍ୱରେ। ଏହା ହେଉଛି ସବୁଠାରୁ ଦୁଃଖ । ଆମେ ମଣିଷ। ଈଶ୍ୱରଙ୍କ ଅମୃତ ସନ୍ତାନ । ଶାସ୍ତ୍ର କହେ ଆମେ କୁଆଡ଼େ ପ୍ରାଣୀ, କାହିଁକି ଜୀବଜଗତର ଶ୍ରେଷ୍ଠତମ ଜୀବ । କାହିଁ ଆମର ଜ୍ଞାନ, କାହିଁ ଆମ 'ପରୋପକାରାୟ ସ୍ୱର୍ଗୀୟ' ଅଭିବ୍ୟକ୍ତିର ସାଧନା । ଜନସେବା 'ବସୁଧୈବ କୁଟୁମ୍ବକମ୍' ଶାସ୍ତ୍ରୋକ୍ତିର ସତ୍ୟତା, ଅଭ୍ୟାସ ଓ ଅଧ୍ୟୟନ । ଶିକ୍ଷା ଦୀକ୍ଷା ସର୍ବଜନହିତାୟର ସଂସ୍କାର, ତାର ସଂସ୍କୃତି ସମ୍ପନ୍ନ ଉଚ୍ଚାରଣ ଓ ଅନୁଶୀଳନ ।

ଏବେ ସାରା ପୃଥିବୀ ଜର୍ଜରିତ ଅସ୍ତ୍ର ପ୍ରତିଯୋଗିତାରେ ନିଜର ସୁରକ୍ଷା ହେଉଛି ପ୍ରଥମ ମନ୍ତ୍ର । ଯାହାର ପରାକ୍ରମ ବେଶି, ସେ ହେଉଛି ଏ ମର୍ତ୍ତ୍ୟ ଭୂବନର ଶ୍ରେଷ୍ଠ କୀର୍ତ୍ତିମାନ । ଅନ୍ୟ ଦୁର୍ବଳ ରାଷ୍ଟ୍ରଙ୍କୁ କିଏ ପଚାରେ । ଏହି ଅସ୍ତ୍ରଶସ୍ତ୍ରର ପ୍ରତିଯୋଗିତା ମଣିଷକୁ ରାଷ୍ଟ୍ରବାଦୀଙ୍କୁ ବଳଶାଳୀ କରାଇ ଦିଏ । ନିଜ ଦେଶର ନାଗରିକମାନେ ଜୀବନ ବଞ୍ଚାଇବା ପାଇଁ ଦାନା ମୁଠିଏ ନ ପାଆନ୍ତୁ ପଛେ ପ୍ରଥମେ ନିଜ ସମ୍ବଳ ସର୍ବାଦୌ ବିନିଯୁକ୍ତ ହେବ ଦେଶର ପ୍ରତିରକ୍ଷା ପାଇଁ, ସୁରକ୍ଷା ପାଇଁ । ଆମ ଆଗରେ ଯୁକ୍ତରାଷ୍ଟ୍ର ଆମେରିକା ଏକ ଧନଶାଳୀ ରାଷ୍ଟ୍ର । ଯଦିଚ ଲୋକସଂଖ୍ୟାରେ ଆମ ଦେଶଠାରୁ ପଛରେ, ସେ ବ୍ୟୟ କରୁଛି ପ୍ରତିରକ୍ଷା ପାଇଁ ତା'ସମଗ୍ର ଅର୍ଜନର ୩୯ରୁ ୪୦ ଶତାଂଶ । ତା'ପଛକୁ ରହିଛି ପ୍ରତିରକ୍ଷା ତଥା ମିଲିଟାରୀ ବଜେଟ୍‌ରେ ବ୍ୟୟ କରୁଥିବା ରାଷ୍ଟ୍ର ହେଉଛି ଚୀନ୍ । ତା'ର ଯୁଦ୍ଧ ସାମଗ୍ରୀ ଓ ସୁରକ୍ଷା ପାଇଁ ବ୍ୟୟ ହେଉଛି ତା'ଅର୍ଜନର ୧୩ ଶତାଂଶ ପ୍ରାୟ । ବିଶ୍ୱରେ ଏହି ଦୁଇ ଶକ୍ତିକୁ ଛାଡ଼ି ଦେଲେ ଆଉ ଅନ୍ୟ କୌଣସି ରାଷ୍ଟ୍ରର ପ୍ରତିରକ୍ଷା ବ୍ୟୟ ଏକ ଅଙ୍କ ବିଶିଷ୍ଟ ପୁଣି ତାହା କେବଳ ମାତ୍ର ୪ ଶତାଂଶରୁ ବି କମ୍। ତୃତୀୟ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ଋଷିଆ ନିଜ ସାମଗ୍ରୀକ ଉତ୍ପାଦନର ମାତ୍ର ୩.୯ ପ୍ରତିଶତ ବ୍ୟୟ କରୁଥିବା ବେଳେ ଆମେ ଆମର ଯତ୍‌ପରୋନାସ୍ତି ଉଦ୍ୟମ କରି ସ୍ୱାଧୀନତାଠାରୁ ଆମ ପ୍ରତିରକ୍ଷା ବ୍ୟୟକୁ ବୃଦ୍ଧି କରି କରି ଏବେ ପ୍ରାୟ ୩.୬ ପ୍ରତିଶତ ବ୍ୟୟ କରି ଚତୁର୍ଥ ସ୍ଥାନରେ ପହଞ୍ଚାଇବାରେ ସଫଳ ହୋଇଛି । ତଥାପି ଯୁଦ୍ଧ ସନ୍ତ୍ରାସର ଭୟ ଏଯାଏଁ ଆମ ପିଛା ଛାଡ଼ିନି । ଏଥିରେ ବିକାଶ ସମ୍ଭବ ହେବ କେମିତି ? ଆମ ଆଗରେ ବିଶ୍ୱରୁ ଦାରିଦ୍ର୍ୟ ହଟାଇବାର ଯେଉଁ ଲକ୍ଷ୍ୟ ରହିଥିଲା, ଏବେ ତା'ଠାରୁ ବଳି ଯାଇଛି ନିଜ ରାଷ୍ଟ୍ରର ପ୍ରତିରକ୍ଷା ବ୍ୟୟ । ନିଜ ଦେଶର ଲୋକେ ବଞ୍ଚିବା ପାଇଁ ଖାଦ୍ୟ ଗଣ୍ଡିଏ ପାଆନ୍ତୁ କି ନ ପାଆନ୍ତୁ, ସେ ସବୁକୁ ଗୁରୁତ୍ୱ ନ ଦେଇ ଆଜି ସମସ୍ତେ ଚାହାନ୍ତି ଅସ୍ତ୍ର ପ୍ରତିଯୋଗିତାରେ ଆଗରେ ରହିବାକୁ । ଏଥିରେ ସୂକ୍ଷ୍ମ ଶାନ୍ତି ଆସିବ କୁଆଡୁ ?

♥ ସଂସ୍କୃତି ସଦନ, ବୟାଳୀ, ମନ୍ଦଡ଼ି, ଗଞ୍ଜାମ, ବ୍ରହ୍ମପୁର
ମୋ: ୯୩ ୩୭୯୬ ୦୬୮୮

ଦୃଷ୍ଟିକୋଣ-୬

# ମାତ୍ରାଧିକ ଆତ୍ମହତ୍ୟା ଚିନ୍ତାଜନକ ବିଷୟ



♥ ଡ. କାଳୀପଦ ପଣ୍ଡା

ମଣିଷ ଜୀବନରେ ଆତ୍ମହତ୍ୟା ଭଳି କଠୋର ନିଷ୍ପତ୍ତି ସଦା ବର୍ଜନୀୟ। ଆମ ଶାସ୍ତ୍ରପୁରାଣ ଏହାକୁ ଘୋର ପାପ ପର୍ଯ୍ୟାୟର ବୋଲି କହିଛି। କାରଣ, ଜୀବାତ୍ମା ଈଶ୍ୱରଙ୍କ ଦାନ। ତାହାକୁ ବିନାଶ କରିବାର ସାମାନ୍ୟତମ ଅଧିକାର ଆମର ନାହିଁ। ଜୀବନ ଯେ ଅଦୃଷ୍ଟ ସୃଷ୍ଟିକର୍ତ୍ତାଙ୍କ ଅମୂଲ୍ୟଦାନ, ତାହାକୁ ଉଲ୍ଲଙ୍ଘନ କରିବାର ନୈତିକ ଅଧିକାର ଅମର ନାହିଁ। ସେ ଯେବେ ଆମକୁ ଜୀବସତ୍ତାରେ ମନୁଷ୍ୟରୂପେ ଗଢ଼ିଛନ୍ତି ତାଙ୍କୁ ଅବମାନନା କରି ଅସମୟରେ ଜୀବନହାନି ଘଟାଇବା କେବେବି ଜ୍ଞାନଦୀପ୍ତ ସୁବିଚାର ନୁହେଁ। ଏଇଥିପାଇଁ ତ ଇଚ୍ଛାଧୀନ ମୃତ୍ୟୁ ଯଦି କେହି ଲୋଡ଼େ, ତେବେ ତାକୁ ନ୍ୟାୟାଳୟର ଦ୍ୱାରସ୍ଥ କିମ୍ବା ରାଷ୍ଟ୍ରମୁଖ୍ୟ ମାନ୍ୟବର ରାଷ୍ଟ୍ରପତିଙ୍କ ଅନୁମତି ଲୋଡ଼ିବାକୁ ପଡ଼େ। ତାହାପୁଣି କାହିଁକି, ସେଥିପାଇଁ ଯୁକ୍ତିଯୁକ୍ତ କାରଣ ଦର୍ଶାଇ, ଆବଶ୍ୟକୀୟ ପ୍ରମାଣପତ୍ର ପ୍ରଦାନ କରିବାକୁ ପଡ଼ିଥାଏ। ଆମ ଦେଶ ଭାରତବର୍ଷରେ ଇଚ୍ଛାଧୀନ ମୃତ୍ୟୁକୁ ଆଇନ ସମ୍ମତ କରାଯାଇନାହିଁ। ବିଶେଷ ପରିସ୍ଥିତି ସୃଷ୍ଟିହେଲେ ହିଁ, କୋଟିଏରେ ଗୋଟିଏ ଭଳି କେବେ କେମିତି ଏହା ଅନୁମୋଦନ ହୋଇଥାଏ। ତାହାପୁଣି ବହୁ ବିଳମ୍ବିତ ପ୍ରକ୍ରିୟାରେ ଅନୁମତି ପ୍ରାପ୍ତ ହୁଏ।

ତେବେ ଏଣିକି ଆମ ରାଜ୍ୟ ସମେତ ସାରା ଦେଶରେ ଆତ୍ମହତ୍ୟା ପ୍ରତିଦିନ ସଂଘଟିତ ହେଉଛି। ତାହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏମିତିକି ଦେଶରେ ଗୋଟିଏ ଦିନରେ ବି ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଭିନ୍ନ ପ୍ରାନ୍ତରରେ ଆତ୍ମହତ୍ୟା କରୁଥିବାର ବିବରଣୀ ସାମନାକୁ ଆସୁଛି। କିଏ ବିଷପିଇ, ଫାଶୀ ଦେଇ, ନଦୀକୁ ଡ଼େଇଁ, ରେଳଲାଇନ୍‌ରେ ଶୋଇପଡ଼ି ଅଥବା ଧାରୁଆ ଅସ୍ତ୍ରରେ ନିଜକୁ ନିଜେ ବିଦ୍ଧକରି ପ୍ରଭୃତି ନାନା ଉପାୟ ଅବଲମ୍ବନରେ ଜୀବନ ହାରୁଛନ୍ତି। ଅନ୍ୟପକ୍ଷରେ ଆତ୍ମହତ୍ୟାକାରୀ ନିଜେ ମରିବା ପୂର୍ବରୁ ନିଜ ପରିବାରର ବା ନିକଟତମ ଲୋକଙ୍କୁ ମଧ୍ୟ ଜଘନ୍ୟ ହତ୍ୟା କରୁଛି। ଏସବୁ କ୍ରମଶଃ ମାତ୍ରାଧିକ ହେବାକୁ ବସିଲାଣି। ପ୍ରିଣ୍ଟମିଡ଼ିଆ ଠାରୁ ବୈଦ୍ୟୁତିକ ଗଣମାଧ୍ୟମ ପର୍ଯ୍ୟନ୍ତ ସବୁଥିରେ ପ୍ରତିଦିନ ଯେଉଁ ଲୋମହର୍ଷଣକାରୀ ଆତ୍ମହତ୍ୟାର ବିବରଣୀ ସବୁ ପ୍ରକାଶ ପାଉଛି ତାହା ସମସ୍ତଙ୍କ ପାଇଁ ଗଭୀର ଚିନ୍ତାର ବିଷୟ। ଯେଉଁ କାରଣ ଦର୍ଶାଇ ଆତ୍ମହତ୍ୟାକାରୀ ଜୀବନକୁ ପରିସମାପ୍ତି କରୁଛି, ତହିଁରୁ ଅର୍ଦ୍ଧାଧିକ ଆତ୍ମହତ୍ୟା ପ୍ରେମଜନିତ। ପ୍ରେମର ବିଫଳତା, ପ୍ରତାରଣା, ପରକୀୟା ଭଳି କାରଣ ନିହିତ। ଦୈହିକ ମିଳନ ବା ଦୈହିକ କାମନାର ଚରିତାର୍ଥ ନହେବାରୁ ଜୀବନହାନି ଭଳି ଚରମ ନିଷ୍ପତ୍ତି ଯେ କେତେ ଅଜ୍ଞତାର କୁପରିଣାମ, ଏହାକୁ ସଭିଙ୍କୁ ବୁଝାଇବାର ଆବଶ୍ୟକତା ଦେଖାଦେଇଛି। ସରକାର ଏ ଦିଗରେ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନ ସହ ସ୍ୱେଚ୍ଛାସେବୀ ସଂଗଠନମାନେ, ପରିବାର ପରିଜନମାନେ ସମସ୍ତଙ୍କୁ ଏ ଦିଗରେ ସଚେତନତା ଆଣିବାକୁ ପଡ଼ିବ। ଆତ୍ମହତ୍ୟା ଯେ ସବୁ ସମସ୍ୟାର ସମାଧାନ ନୁହେଁ, ଏ କଥାଟିକୁ ସବୁସ୍ତରରେ କହି ବୁଝାଇବାକୁ ପଡ଼ିବ। ମୋର ମନେହୁଏ, ଭାରତ ସରକାର ଓ ରାଜ୍ୟ ସରକାରମାନେ ସ୍କୁଲ ଓ କଲେଜରେ ବି ପାଠ୍ୟକ୍ରମରେ ଆତ୍ମହତ୍ୟାରୁ ନିବୃତ୍ତ ରହିବା ନିମନ୍ତେ ସଚେତନତାଧର୍ମୀ କାହାଣୀ ଓ ପ୍ରବନ୍ଧମାନ ପ୍ରଚଳନ କରିବା ଉଚିତ। କେବଳ ବୟସର ଚାପଲ୍ୟରେ ନୁହେଁ, ପରିଣତ ବୟସରେ ବି ଆତ୍ମହତ୍ୟାର ମାତ୍ରା ବୃଦ୍ଧି ପାଉଛି। ଆମ ପାରିବାରିକ ଜୀବନ ଆଜି ଏତେ ବିଗାଡ଼ି ଯାଉଛି ଯେ ପାରସ୍ପରିକ ଦାୟବଦ୍ଧତା, ସ୍ନେହ-ବନ୍ଧନ ସବୁ ଧୂଳିସାତ୍ ହେବାରେ ଲାଗିଛି। ପୁଣି ଗୋଟିଏ ଘରର ଜଣେ ଆରଜଣକୁ ନାନା ସମସ୍ୟାରେ ସମ୍ମୁଖୀନ କରାଇ ନିଜର ଆର୍ଥିକଦିଗ ବଢ଼ାଇବା ପାଇଁ ଷଡ଼ଯନ୍ତ୍ର ରଚୁଛି। ଅବିଶ୍ୱାସର ନଈରେ ସଂପର୍କର କୂଳ ଲଙ୍ଘି ଅସମୟରେ ଦୁଃଖର ବନ୍ୟା ପ୍ଳାବିତ ହେଉଛି। ଏସବୁ ମୂଳରେ ଆମ ଶିକ୍ଷାରେ ନୈତିକତାର ବାର୍ତ୍ତା ଅଧିକ ରହୁନଥିବାରୁ, କେବଳ ରୋଜଗାର ମେସିନ ହେବା ନିମନ୍ତେ ପାଠ୍ୟ ଖସଡ଼ା ପ୍ରସ୍ତୁତ ହୋଇଚାଲିଥିବାରୁ ନୂଆପିଢ଼ି କ୍ରମଶଃ ବସ୍ତୁପ୍ରେମ, ପଦବି ମୋହ, ଚିତ୍ତଚାଞ୍ଚଲ୍ୟର ନବନବ ଆନନ୍ଦଲାଭର ମାନସିକତା ଭିତରେ ଜୀବନ ଯାତ୍ରାପଥର ପ୍ରକୃତ ସଦାଚାର, ସତ୍‌ପଥ, ସତ୍‌ସଙ୍ଗ, ସତ୍‌କର୍ମ ଜନିତ ମାନବୀୟ ଈଶ୍ୱରଦତ୍ତ ଗୁଣଗୁଡ଼ିକର ଆଉ ପ୍ରକଟ ହେଉନାହିଁ। ଅନ୍ତତଃ ଆର୍ଯ୍ୟାବର୍ତ୍ତ ଦେବଭୂମି, ତପୋଭୂମି, ଭାରତବର୍ଷ ପରିପ୍ରେକ୍ଷୀରେ ବିଶ୍ୱର ସବୁଠୁ ଜନବହୁଳ ଜନସଂଖ୍ୟାର ଦେଶ ଆମ ଭାରତବର୍ଷରେ ଆମ ଚିନ୍ତା-ଚେତନାର ଯେଉଁ ଉତ୍ତରଣ ଘଟିବା କଥା, ତାହା ସୁଦୂର ପରାହତ ହେବାକୁ ବସିଛି। ଗ୍ଲୋବାଲାଇଜେସନ୍ ହେତୁ ଜଗତୀକରଣ ସମୟରେ ଭାରତୀୟ ଜୀବନଧାରାର ସଂସ୍କାର ଓ ସଂସ୍କୃତିର ଅବକ୍ଷୟ ଏହାର ଏକ ପ୍ରମୁଖ କାରଣ ହୋଇଛି। ଘରର ଜ୍ୟେଷ୍ଠମାନେ ତାଙ୍କ ପରପିଢ଼ିଙ୍କୁ ପୋଥିପୁରାଣର କାହାଣୀ କହି, ପଢ଼ାଇ, ଶୁଣାଇ ସେମାନଙ୍କ ଭାବନାଜଗତକୁ ଅନେକ ପରିମାଣରେ ଶୁଦ୍ଧ, ପବିତ୍ର କରାଉଥିଲେ। ସଂସାର ବନ୍ଧନର କର୍ମ, କର୍ତ୍ତବ୍ୟ ଓ ମନୁଷ୍ୟତ୍ୱର ପରାକାଷ୍ଠା ପ୍ରଦର୍ଶନର ମହାମନ୍ତ୍ର ଶିଖାଇ ଦେଉଥିଲେ। ଫଳରେ ଅବାଟକୁ ନୂଆପିଢ଼ି ବେଶି ଯାଇପାରୁନଥିଲେ। ଗୋଟିଏ ଚେତନାଗତ ସଂସ୍କାର ସେମାନଙ୍କ ମସ୍ତିଷ୍କରେ ଧାରଣ ହେଉଥିଲା। ଏବେ ତ ଆଧୁନିକଜ୍ଞାନ କୌଶଳ ପରିପୂର୍ଣ୍ଣ ସମୟର ଯୁଗ, ଏତେବେଳେ ଆମ ଉଚ୍ଚଶିକ୍ଷିତ ପିତାମାତା ପିଲାମାନଙ୍କୁ ଅର୍ଥରୋଜଗାରର ମେସିନ୍ କରାଇବାର ପ୍ରକ୍ରିୟାରେ ଯେତେ ତତ୍ପର ତାଙ୍କ ପିଲାଙ୍କ ମଧ୍ୟରେ ଶିକ୍ଷା ଦେଉନାହାଁନ୍ତି ଜୀବନ-ଜିଇଁବା ସମ୍ପର୍କରେ। ଭୁଲ ଠିକ୍‌ର ବିଚାର, ସର୍ବୋପରି ଜନ୍ମ-ମୃତ୍ୟୁର ରହସ୍ୟ ରୋମାଞ୍ଚ, ଜୀବନମୁକ୍ତିର ପଥ ଯେ ସକଳସୃଷ୍ଟିର ସର୍ବନିୟନ୍ତାଙ୍କ କରୁଣା କଣିକା, ତାହା ଯେ ଆମ ଜୀବାତ୍ମା, ଆମେ ତାଙ୍କର ଅଂଶବିଶେଷ, ତାହାର ସତ୍ ସଂଚାଳନ ଆମର ପରମକର୍ତ୍ତବ୍ୟ, ଏଭଳି ଜୀବନ ଜିଇଁବାର ଗୂଢ଼ତତ୍ତ୍ୱକୁ ତାକୁ କିଛି ପରିମାଣରେ ଶିଖାଇ ପାରିଲେ ହିଁ ସେ ଅସମୟରେ ଏହି ଦୁର୍ମୂଲ୍ୟ ଜୀବନକୁ ନିଧନ କରିବାର ସଂକଳ୍ପ ନିଅନ୍ତା ନାହିଁ। ଚେତନାର ଉତ୍ତରଣ ବିନା ଏହାର ନିରାକରଣ କେବେ ସମ୍ଭବ ହୋଇନପାରେ।


୨୦୨୫, ମାର୍ଚ୍ଚ ୮ ତାରିଖ ଆନ୍ତର୍ଜାତିକ ମହିଳା ଦିବସର କେତେକ ଗଣମାଧ୍ୟମରେ କେତୋଟି ଆତ୍ମହତ୍ୟା ବିବରଣୀ ଯାହା ଦୃଷ୍ଟିକୁ ଆସିଲା ତାହା ଏତେ ମର୍ମଭେଦୀ, ଯାହାକୁ ଏଠାରେ ଉଦ୍ଧାର କରାଯାଇପାରେ। ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା ବ୍ଲକ୍ ଅଞ୍ଚଳର ଚିଆଁପଦା ଗ୍ରାମର ୩୦ ବର୍ଷୀୟ ଯୁବକ ନିଜ ୫୦ ବର୍ଷୀୟା ମା'କୁ କାଠଫାଳିଆରେ ପ୍ରହାର କରି ମାରିଦେଲା। ସେହିଭଳି ଖଇନି ଖାଇବାରେ ବାରଣ ପାଇଁ ଜଣେ ବ୍ୟକ୍ତି ତା' ପରିବାର ତିନିଜଣଙ୍କୁ ହତ୍ୟାକଲା। ବହୁଚର୍ଚ୍ଚିତ ଆମ ରାଜ୍ୟର କିଟ୍‌ରେ ଅଧ୍ୟୟନରତା ନେପାଳୀଛାତ୍ରୀ ଜଣକ ପ୍ରେମିକର ପ୍ରତାରଣାର ଶିକାର ହୋଇ ଫାଶୀଲଗାଇ ଆତ୍ମହତ୍ୟା କଲା। ୨୪ ଫେବୃଆରୀରେ ସୋର ପୌରାଞ୍ଚଳ ଲିଙ୍ଗପଡ଼ା ଗ୍ରାମର ୨୫ବର୍ଷର ଜ୍ୟୋତିର୍ମୟୀ ରଣାକୁ ପ୍ରେମିକ ବିଶ୍ୱରଞ୍ଜନ ପୁହାଣ ଧାରୁଆ ଛୁରୀରେ ଗଳାକାଟି ହତ୍ୟା କରିବା ପରେ ନିଜେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କଲାବେଳେ ଧରା ପଡ଼ିଯାଇଥିଲା। ସେହି ଭଳି ଉତ୍ତରପ୍ରଦେଶର ଆଗ୍ରା ସହରରେ ଟିସିଏସ୍ ଇଞ୍ଜିନିୟର ମାନବ ଶର୍ମା ମାତ୍ର ଏକବର୍ଷ ବୈବାହିକ ଜୀବନରେ ସ୍ତ୍ରୀର ପରକୀୟାରେ ଅତିଷ୍ଠ ହୋଇ ସାତ ମିନିଟ୍‌ର ଏକ ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଦେଇ ଆତ୍ମହତ୍ୟା କରିଛନ୍ତି। ଏ ତ ମାତ୍ର କେତୋଟି ଉଦାହରଣରେ କୁହାଗଲା। ଦିନକୁ ଦିନ ଏହାର ମାତ୍ରା ବୃଦ୍ଧି ପାଉଛି। ଘରଠାରୁ ଶିକ୍ଷାକ୍ଷେତ୍ର, ବ୍ୟବସାୟିକ କ୍ଷେତ୍ର, ଚାକିରି କ୍ଷେତ୍ର, ସର୍ବତ୍ର ଏହି ଆତ୍ମହତ୍ୟାର ମାନସିକତା ବଢ଼ିବାରେ ଲାଗିଛି। ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ଥରେ ଜଣେ ଯଦି ଆତ୍ମହତ୍ୟା ଭଳି ଚରମନିଷ୍ପତ୍ତି ମନ ମଧ୍ୟକୁ ଆଣିନେଲା, ତେବେ ତାହାହିଁ ସମସ୍ୟାର ସର୍ବଶେଷ ସମାଧାନ ବୋଲି ସେ ଧରିନେଇ କେବେ ନା କେବେ ତାହା କରିବସେ। କାଉନସେଲିଂ ଅଭାବରୁ ହିଁ ଏହା ବଳବତ୍ତର ହୋଇଯାଉଛି। ଏହାର ନିରାକରଣ ଦିଗରେ ସବୁ ସ୍ତରରେ ଉଦ୍ୟମ କରାଯିବା ଉଚିତ।

♥ ସୂନାରୂଇ, ବି.କଟିସାହି, ସିଂଳା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
ମୋ: ୮୯୧୭୨୫୫୪୯୩

॥ ଅର୍ଥନୀତି ॥

# ଏସ ଆଇ ପି ନିବେଶ ତତ୍ତ୍ୱ

ଉଦୟ ନାରାୟଣ ଦାସ



ଏଯାଏଁ ବି ଆମ ଭିତରେ ନବେ ଭାଗ ଶିକ୍ଷିତ ଓ ରୋଜଗାରକ୍ଷମ ବ୍ୟକ୍ତି ମାନେ ଏଇ sipରେ ନିବେଶ କଥା କହିଲେ ଆଶଙ୍କିତ ହୁଅନ୍ତି ଓ ବୁଝନ୍ତି ଏହା ଏକ ଜୁଆ ଖେଳ ପରି। sip ରେ ଅର୍ଥ ରଖିଲେ ଏହା ବୁଡ଼ି ଯାଏ। ସେମାନଙ୍କ ଭୟର କାରଣ ବି ଅମୂଳକ ନୁହେଁ।

ଆଜିର ସମୟ ରେ ଆମ ପାଇଁ ବଡ ନିବେଶ କାରି ସଂସ୍ଥା ହେଇ ଆସିଛି **sip** ରେ ଅର୍ଥ ନିବେଶ। ଆମେ ପାରମ୍ପରିକ ଭାବେ ଆମର ଅର୍ଥ ପୋଷ୍ଟ ଅଫିସ ବା ବ୍ୟାଙ୍କରେ **fixed deposit** ବା ରେକାରିଂ **deposit** କରି ସୁଧ ପାଉ ଥିଲୁ।କିନ୍ତୁ ଏବେ ଆମ ପାଖକୁ ଆସୁଛି ଷ୍ଟସ୍କ୍ର ରେ ନିବେଶ କଥା।**sip** ହେଉଛି **systematic investment plan** ବା ଓଡ଼ିଆରେ 'ନିୟମିତ ନିବେଶ ଯୋଜନା'। ଏଇ **sip** ସମ୍ପର୍କିତ ଆମେ ଭଲ ଭାବେ ବୁଝିବା ଓ ସଚେତନ ହେବାର ପ୍ରକୃଷ୍ଟ ସମୟ ଆମ ଆଗରେ ଚାଲେଞ୍ଜ ହେଇ ଛିଡ଼ା ହେଇଛି,ଏହାକୁ ଆମେ କେତେ ମାତ୍ରାରେ ଗ୍ରହଣ କରିବୁ। ଏଯାଏଁ ବି ଆମ ଭିତରେ ନବେ ଭାଗ ଶିକ୍ଷିତ ଓ ରୋଜଗାରକ୍ଷମ ବ୍ୟକ୍ତି ମାନେ ଏଇ **sip**ରେ ନିବେଶ କଥା କହିଲେ ଆଶଙ୍କିତ ହୁଅନ୍ତି ଓ ବୁଝନ୍ତି ଏହା ଏକ ଜୁଆ ଖେଳ ପରି। **sip** ରେ ଅର୍ଥ ରଖିଲେ ଏହା ବୁଡ଼ି ଯାଏ। ସେମାନଙ୍କ ଭୟର କାରଣ ବି ଅମୂଳକ ନୁହେଁ। ସେମାନେ ଜାଣିଛନ୍ତି **sip**ରେ ନିବେଶ ଅର୍ଥ ସେୟାର ବଜାରରେ ଅର୍ଥ ପରୋକ୍ଷ ଭାବେ ବିନିଯୋଗ ହେବ। ସେୟାର ବଜାର ଯେମିତି ଉପରକୁ ଯାଏ ସେମିତି ତଳକୁ ବି ଖସିଥାଏ। ସେମାନେ ଆଶଙ୍କା କରନ୍ତି ସେୟାର ତଳକୁ ଖସିଲେ **sip** ର ମୂଲ୍ୟ ହ୍ରାସ ହେଇ ସେମାନଙ୍କ ବହୁ କଷ୍ଟ ସାଧ ଅର୍ଥ ପାଣିରେ ମିଶି ଯିବ।

କିନ୍ତୁ ଆସନ୍ତୁ ଆମେ **sip**ରେ ନିବେଶ କରିବା ପୂର୍ବରୁ ସେ ସମ୍ପର୍କରେ ସବୁ କଥା ପୁଙ୍ଖାନୁ ପୁଙ୍ଖ ବୁଝିବା।

ପ୍ରଥମେ ଜାଣିବା **sip**ର ସଂଜ୍ଞା କଣ:ଏହା ହେଉଛି ଏକ ଶୃଙ୍ଖଳିତ ଓ ନିୟମିତ ନିବେଶ ମାର୍ଗ। ଏଥିରେ ଜଣେ ବ୍ୟକ୍ତି ନିୟମିତ ସମୟ ବ୍ୟବଧାନରେ (ମାସେ,ତିନି ମାସେ ବା ବର୍ଷେ) ଅର୍ଥ ନିବେଶ କରି ପାରିବେ। ଯାହା ପରୋକ୍ଷ ଭାବେ ସେୟରରେ ନିବେଶ ହେବ।ଏଥିରେ ଏମିତି ନିମ୍ନ ସୁଫଳ ମିଳିବ ନିଶ୍ଚୟ।

୧: ଏହା ବ୍ୟକ୍ତିର **timing risk** କୁ ଲାଘବ କରିଦିଏ ନିୟମିତ ଓ ନିର୍ଦ୍ଦିଷ୍ଟ ଅର୍ଥ ବିନିଯୋଗ ଯୋଗୁ।

୨: ବ୍ୟକ୍ତି ଭିତରେ ଦୀର୍ଘ ସମୟ ପାଇଁ ସଂଚୟ ପାଇଁ ଗୋଟେ ବଡ ଉର୍ଜା ଜାତ କରେ ଓ ଧନ ତିଆରି କରିବାର ସୁଯୋଗ ଦେଇ ଥାଏ।

୩: ବ୍ୟକ୍ତର ସୁବିଧା ଓ ସାମର୍ଥ୍ୟ ମୁତାବକ ନିବେଶର ସୁବିଧା ଦିଏ ଓ ଆବଶ୍ୟକ ସମୟରେ ଅର୍ଥ ଉଠାଣର ବି ସୁବିଧା ଦିଏ।

୪: ଗୋଟେ ଦୀର୍ଘ ମିଆଦି ସମୟ ପରେ ବ୍ୟକ୍ତିକୁ ଆଶାତୀତ ଅର୍ଥ ର ଅଧିକାରୀ କରିଦିଏ।

ହଁ **sip** କିପରି ଉତ୍ତମ ନିବେଶ ସେ ସମ୍ପର୍କରେ ସୂଚନା ଦେଇ ଆପଣଙ୍କ ଭୟକୁ ଲାଘବ କରିବାକୁ ପଡ଼ିବ।

ବ୍ୟକ୍ତି ଭାବନ୍ତି ସେୟାର ବଜାର ର ଅସ୍ଥିରତା ହିଁ **sip** ରେ ନିବେଶ ଅର୍ଥକୁ କମାଇ ଦିଏ ଓ ବ୍ୟକ୍ତି ଙ୍କ ମୁଣ୍ଡ ବିନ୍ଧାର କାରଣ ହେଇ ଥାଏ।

କିନ୍ତୁ **sip**ରେ ଅର୍ଥ ନିବେଶ ହେଲେ ତାହା ସେୟାରର **nav** ମୂଲ୍ୟର କିଣା ଯାଏ।ଯେତେବେଳେ ସେୟାର ବଜାର ଉଚ୍ଚ ରେ ଥାଏ ସେୟାର **nav** ମୂଲ୍ୟ ଅଧିକ ହେତୁ କମ୍ ୟୁନିଟ କିଣା ଯାଏ ଓ ସେୟାର ମୂଲ୍ୟ କମ୍ ଥିଲା ବେଳେ **nav** ମୂଲ୍ୟ କମ୍ ହେତୁ **sip** ରେ ଅଧିକ ୟୁନିଟ କିଣି ହୁଏ।

ତେଣୁ ସେୟାର ବଜାର ଖସିଲେ **sip** ର କ୍ଷତି ନ ହେଇ ବରଂ ପ୍ରଚୁର ଲାଭ ହିଁ ହେଇ ଥାଏ ପରୋକ୍ଷ ଭାବେ। ବେଶୀ ୟୁନିଟ କ୍ରୟ ହେଉଥିବା ଯୋଗୁଁ ଯେତେବେଳେ ସେୟାର ଦର ବଢେ ଅଧିକ ୟୁନିଟ ହେତୁ ଆପେ ଆପେ **sip**ର ମୂଲ୍ୟ ବୃଦ୍ଧି ହେଇ ଥାଏ।

ତେଣୁ **sip**, ନିବେଶ ପାଇଁ ସର୍ବୋତ୍ତମ ଉପାୟ ବୋଲି ବିବେଚିତ ହୁଏ।

ଆଜି ଏଇଠି ଥାଉ ଆମ **sip** ବିଚାର ଓ ତର୍ଜମା।

♥ ଚୁନଭାଟି କଲୋନୀ, ବାଲେଶ୍ୱର

ଛୋଟ ଗପ

# ମେଲୋଡି ଝିଅ

ହେମନ୍ତ ସାହୁ



ଫେବୃଆରୀ ମାସ, ବିବାହ ଭୋଜିର ମାସ। ଗାଁରେ ବରାତି ପାର୍ଟିର ଆଗମନ ସମୟ, ମିଷ୍ଟର୍ ପେନସିଲ୍ ଓ ଚନ୍ଦନ ତା ସହ ମାଖୁନୁ । ଲୋକେ କହୁଥାନ୍ତି ଗାଁ ରେ ପ୍ରଥମ କରି ବରାତିରେ ମେଲୋଡି ଆସିବ । ମାଖୁନୁ ଓ ଚନ୍ଦନ କହିବାରୁ ମିଷ୍ଟର୍ ପେନସିଲ୍ ମେଲୋଡି ଦେଖିବା ପାଇଁ ଯାଉଛନ୍ତି । ମିଷ୍ଟର୍ ପେନସିଲ୍ ଦୂରରୁ ନଜର ପକାଇଲେ ଦେଖିଲେ ମେଲୋଡି ଗାଡ଼ି ଉପରେ ଦୁଇଟି ଝିଅ ନାଚୁଥାନ୍ତି। ତାଙ୍କ ମୁହଁରେ ପାଖା ପାଖି ଦୁଇ ଇଂଚ ମେକପ୍ ତା ସହିତ ଧଳା ଲାଇଟ୍ ଯୋଗୁଁ ସେମାନେ ଓଡ଼ିଆ ଫିଲ୍ମର କୌଣସି ଅଭିନେତ୍ରୀ ଭଳି ଦିଶୁଥାନ୍ତି । ମିଷ୍ଟର୍ ପେନସିଲ୍ ତଥା ଚନ୍ଦନ ଓ ମାଖୁନୁ ମେଲୋଡି ଗାଡ଼ି ପାଖକୁ ଗଲେ । ଜଣେ ପିଲା ତା ମୁଣ୍ଡରେ ଲମ୍ବା ଲମ୍ବା କେଶ, ସେ ମେଲୋଡିରେ ନାଚୁଥିବା ଝିଅ ମାନଙ୍କୁ ଦେଖି ଖରାପ ଖରାପ ଇସାରା କରୁଥାଏ । ସେ ମେଲୋଡି ଝିଅମାନେ ବି ତାହା ଦେଖିକି ହସି ଦେଉଥାନ୍ତି । ଏହା ଦେଖି ମାଖୁନୁ କହୁଥାଏ 'ମିଷ୍ଟର୍ ପେନସିଲ୍ ଦେଖିଲେ ଏଇ ମେଲୋଡି ଝିଅମାନେ କେତେ ଅଶ୍ଳୀଳ ହୋଇଥିବେ ତାଙ୍କ ମୁହଁରେ ଟିକେ ବି ଲଜ୍ଜା ନାହିଁ । ଚନ୍ଦନ କହୁଥାଏ, ଏମିତି ଶରୀରର ଅଙ୍ଗ ପ୍ରଦର୍ଶନ କରି ପଇସା କମାଇବା ଛଡ଼ା ଏମାନଙ୍କୁ ଅଲଗା କେଉଁ କାମ ମିଳୁ ନାହିଁ କି, ଛି ଛି ଏମିତି ଝିଅମାନେ ଆମ ସଂସ୍କୃତି ଖରାପ କରୁଛନ୍ତି। ଏପରି ଝିଅ ମାନଙ୍କୁ ହିଁ ଚରିତ୍ରହୀନ ନାରୀ କୁହନ୍ତି।

ମିଷ୍ଟର୍ ପେନସିଲ୍ ଦେଖିଲେ ମେଲୋଡି ଗାଡ଼ି ଉପରେ ଦୁଇଜଣ ନାଚୁଥିବା ଝିଅଙ୍କର ମଧ୍ୟରେ ଜଣେ ଝିଅ ଗଳାରେ 'ମଙ୍ଗଳ ସୂତ୍ର' ପିନ୍ଧିଥାନ୍ତି । ଏହା ପେନସିଲ୍ ଦେଖି ଆଶ୍ଚର୍ଯ୍ୟ ହେଲେ । ଏଇ ଝିଅକୁ କେମିତି ତା ସ୍ୱାମୀ ଏମିତି ମେଲୋଡ଼ିରେ ନାଚିବା ପାଇଁ ଅନୁମତି ଦେଉଛି ? ବରାତିରେ ନାଚୁଥିବା ଲୋକମାନେ ଅନେକ ଅଶ୍ଳୀଳ ଇସାରା କରୁଥାନ୍ତି କିନ୍ତୁ ମେଲୋଡି ଝିଅ ମାନଙ୍କର ମୁହଁରେ ହସ ହସ ଭାବ ଦେଖିବାକୁ ମିଳୁଥିଲା। ପେନସିଲ୍ ଦେଖିଲେ ଝିଅଙ୍କ ଆଖିରେ କ୍ରୋଧର ଜ୍ୱାଳାମୁଖୀ ଜଳୁଥାଏ । ହସୁଆ ମୁହଁରେ ବି ମିଛୁଆ ସିମେଣ୍ଟ ପୋତି ବି ସେମାନେ ନାଚୁଆନ୍ତି ।


ବରାତି ନାଚ ସରିଲା । ସମସ୍ତେ ଭୋଜି ଖାଇ ଯିବାକୁ ବାହାରିଲେ । ମିଷ୍ଟର୍ ପେନସିଲ୍, ଚନ୍ଦନ ଓ ମାଖୁନୁ ମଧ୍ୟ ଖାଇବାକୁ ଗଲେ । ଭୋଜି ଖାଇ ସାରି ତିନି ଜଣ ଫେରୁଥାନ୍ତି, ଦୁଇ ଝିଅର କାନ୍ଦିବାର ଶବ୍ଦ ଶୁଣିଲେ। ଶବ୍ଦ ଆସୁଥାଏ ମେଲୋଡି ଗାଡ଼ିର ଭିତରୁ, ମିଷ୍ଟର୍ ପେନସିଲ୍ ପାଖକୁ ଯାଇ ଦେଖିଲେ ଦୁଇ 'ମେଲୋଡି ଝିଅ' ମୁହଁରେ ରୁମାଲ୍ ଦେଇ କାନ୍ଦୁଥାନ୍ତି। ମିଷ୍ଟର୍ ପେନସିଲ୍ ସେମାନଙ୍କର ପାଖକୁ ଯିବାରୁ ସେମାନେ ଚୁପ୍ ଚାପ୍ ରୁମାଲ୍‌ରେ ମୁହଁ ପୋଛିବାର ଅଭିନୟ କଲେ । ମିଷ୍ଟର୍ ପେନସିଲ୍ ମେଲୋଡି ଝିଅ ମାନଙ୍କର କାନ୍ଦିବାର ପଛ କାହାଣୀ ଜାଣିବାକୁ ଚେଷ୍ଟା କଲେ । ଜାଣିବାକୁ ପାଇଲେ ଗୋଟେ ଝିଅର ନା ଅହଲ୍ୟା ଓ ଅନ୍ୟ ଝିଅର ନା ଅଞ୍ଜଳି । ସେମାନେ ଦୁହେଁ ଦୁଇ ଭଉଣୀ । କୋରୋନା-୧୯ ସମୟରେ ସେମାନଙ୍କ ବାପାମାଆଙ୍କର ମୃତ୍ୟୁ ଘଟିଥିଲା । ଅନେକ ସମୟ ଧରି ବହୁତ ଲୋକଙ୍କଠୁ ଋଣ ମଧ୍ୟ ଆଣିଥିଲେ । ଅହଲ୍ୟାକୁ ତା ବଡ଼ବାପା ଜଣେ ମଦୁଆ ପିଲା ସାଥିରେ ବିବାହ କରି ଦେଇ ସମସ୍ତ ଜମିବାଡ଼ି ତାଙ୍କ ନିଜ ନାଁରେ କରି ନେଇଥିଲେ । ଅହଲ୍ୟାର ସେଇ ମଦୁଆ ସ୍ୱାମୀ ହିଁ ଏ ମେଲୋଡିର ମାଲିକ ବେଶୀ ଟଙ୍କା ପଇସା ଆଶାରେ ଅହଲ୍ୟା ଓ ଅଞ୍ଜଳିକୁ ନାଚିବାକୁ ବାଧ କରେ । ଯେବେ ନାଚିବା ପାଇଁ ମନା କଲେ ଦୁହେଁଙ୍କ ସାଥିରେ ମାରପିଟ୍ ବି କରେ । ମାଆବାପାଙ୍କ ନେଇଥିବା ଋଣକୁ ଶୁଝିବା ପାଇଁ ସେମାନେ ନିଜ ଉପରେ ଚରିତ୍ରହୀନର ସେଇ ମିଛୁଆ ପାଉଡର ମାଖି ଦେଉଛନ୍ତି । ମଦୁଆ ସ୍ୱାମୀର କଥା ମାନିବା ଛଡ଼ା ତାଙ୍କ ପାଖରେ ଅନ୍ୟ କୌଣସି ବାଟ ବି ପାଇନାହାନ୍ତି । ଅନାଥ ନ ହୋଇ ଅନାଥ ଭଳି ସେମାନଙ୍କର ପରିସ୍ଥିତି ଆଉ ସେମାନେ କଣ କରିପାରିଥାନ୍ତେ ... ?

ସତକଥା, ଜଣେ ବ୍ୟକ୍ତିର ପରିସ୍ଥିତି ନଜାଣି ସେ ଭଲ ନା ଖରାପ ତାହା ଅନୁମାନ କରିବା ଠିକ୍ ନୁହଁ । କାରଣ ସମସ୍ତଙ୍କର ପରିସ୍ଥିତି ସମାନ ନୁହଁ । କିଛି କିଛି ସ୍ଥାନରେ ଦୃଷ୍ଟିକୋଣକୁ ମଧ୍ୟ ପରିସ୍ଥିତି ହିସାବରେ ପରିବର୍ତ୍ତନ କରିବାକୁ ପଡେ । ଜଣେ ଲୋକଙ୍କୁ ବୁଝିବାକୁ ହେଲେ ସର୍ବପ୍ରଥମେ ତା ଜୀବନର ପରିସ୍ଥିତିକୁ ବୁଝିବାକୁ ପଡ଼ିବ, ଏକଥା ଭାବୁଥିଲା ମି. ପେନସିଲ୍ ।

♥ ରେଗଡ଼ା, ଏମ ରାମପୁର,
କଳାହାଣ୍ଡି ପିନ ୭୬୬୧୦୨
ମୋ - ୬୩୭୧୮୨୭୦୩୧

ପଢ଼ିବା ପରେ...

# ଗୋପଯାତ୍ରା ...






ଗତାନୁଗତିକ ଧରାବନ୍ଧା ଶବ୍ଦ ଆଉ ଭାବଠୁଁ ସେ ମୁକୁଳି ପାରନ୍ତି ସହଜରେ। ନୂଆ ନୂଆ ଭାବ ଆଉ ଶବଦର ଅଠାରେ ଛନ୍ଦି ପାରନ୍ତି ପାଠକର ହୃଦୟ। ଓଡ଼ିଆ ପଦ୍ୟ ସାହିତ୍ୟର ସେନାପତି ସେ, ସେନାପତି ପ୍ରଦ୍ୟୁମ୍ନ କେଶରୀ। ଏକଦା ତାଙ୍କର ଏକକ କାବ୍ୟଗ୍ରନ୍ଥ ପୁତନା ତାଙ୍କୁ ରାତାରାତି ଆଣି ଦେଇଥିଲା ପ୍ରସିଦ୍ଧି। ଦୀର୍ଘ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଓଡ଼ିଆ ସାହିତ୍ୟରେ ଚଳଚଞ୍ଚଳ ଏଇ ସାରସ୍ୱତ ସାଧକଙ୍କର କବିତା ସଂକଳନ ଗୋପଯାତ୍ରା ପ୍ରେମ, ଆନନ୍ଦ ଓ ମୁକ୍ତିର ଏକ ଭିନ୍ନ ପ୍ରତୀକ।

ଅଧିକାଂଶ କବିତାରେ କବି ନିଜକୁ ଉତ୍‌ପୀଡ଼ିତ ବସୁଦେବ ରୂପେ ଚିତ୍ରିତ କରିବା ସହିତ ଅଧର୍ମର ବିନାଶ ଏବଂ ଧର୍ମର ଉତ୍ଥାପନ ନିମିତ୍ତ ସ୍ୱର ଉତ୍ତୋଳନ କରିଛନ୍ତି। ଏଠି କବିର ପୀଡ଼ା ବା ଯନ୍ତ୍ରଣା ତା ବ୍ୟକ୍ତିଗତ ନୁହେଁ ତାହା ସମାଜର, ସମାଜରେ ଘୃଣ୍ୟ ଅବହେଳିତ ହୋଇ ରହିଥିବା ବ୍ୟକ୍ତି ବିଶେଷଙ୍କର। ସେଇ ମେଘ ମେଦୂରିତ ଅନ୍ଧାରରାତି, ଯନ୍ତ୍ରଣା ଜର୍ଜରିତ ମୁହୂର୍ତ୍ତରୁ ମୁକୁଳିବା ପାଇଁ କବିଟିଏ ଶବ୍ଦର ମଶାଲ ଜାଳୁଥାଏ। ସେଇ ମଶାଲ ହିଁ କଳାରାତିର ଅବସାନ ଘଟାଏ ଆଉ ଗୋପପୁରର ପଥ ପ୍ରଦର୍ଶକ ସାଜେ।

ତାଙ୍କ କବିତା ସବୁ ଗଭୀର ଅନୁଭବର କଥା କୁହେ। ମଧୁର ଭାବାବେଗର ଚମତ୍କାର ପରିପ୍ରକାଶ।

ଫର୍ଚ୍ଚା ଆଲୁଅ ନୁହେଁ / ଅନ୍ଧାର ଭିତରେ ହିଁ ଛପିଥାଏ / ସେଇ ଅଭୁଲା ଖୁସିର ମୁକ୍ତ ମହକ।

( ଖୋଲା ବେଶ, ପୃ : ୧୩ )

ପ୍ରଥମ କବିତା ହିଁ ପାଠକକୁ ମନ୍ତ୍ରମୁଗ୍ଧ କରିବ।

ପୁତନା କାବ୍ୟ ପରି ପୁନଷ୍ଟ ପୁତନା କବିତା ବି ଲୁହ, ସ୍ୱପ୍ନ, ପ୍ରାପ୍ତି, ଅପ୍ରାପ୍ତିର କଳାତ୍ମକ ପରିପ୍ରକାଶ।

ସେ ଫଗୁଣ /ମୋ' ଆଡ଼କୁ ଚାହୁଁ କି ନ ଚାହୁଁ / ମୁଁ ତାକୁ ଚାହିଁବା ମାତ୍ରକେ / ମୋ ଛାତିର ଶୂନ୍ୟ ଜାଗା ସବୁ / ପାଲଟି ଯାଏଁ ସୁଗନ୍ଧ ଅରଣ୍ୟ।

( ପୁନଷ୍ଟ ପୁତନା, ପୃ : ୨୬ )

ରାତି ସଦାବେଳେ ଭୟଙ୍କର ନୁହେଁ କି ଯନ୍ତ୍ରଣାର କଥା କୁହେନି। ଶୁଣାଏନି ସଦାବେଳେ ହିଂସ୍ର ହେଣ୍ଟାଳ। ରାତି ବି ଆଲୁଅର କଥା କୁହେ। ସେଥିପାଇଁ କବି ଅନ୍ଧାରକୁ ଭଲ ପାଆନ୍ତି।

ରାତି ଯେତେ କଳା ହେବ / ସେତେ ସଅଳ ଶୁଭିବ / ଶୁଭ ସକାଳର କୁଆଁ କୁଆଁ।

( ମରଣର ମାଆ ରୂପ, ପୃ : ୪୯ )

ନିହାତି ମାମୁଲି ଦୃଶ୍ୟ ବି ବେଳେ ବେଳେ କବିକୁ କରେ ଭାବୁକ ଆଉ ଦାର୍ଶନିକ। ସେଥିପାଇଁ ବୋଧେ ଗୋଟିଏ ମଲା ନାଳି ପିମ୍ପୁଡ଼ିକୁ ଦେଖି କବି ଲେଖିଛନ୍ତି ଲାଭା।

ସେ ଲଣ୍ଠନ ହେଉ କି / ଲୁହା କଣ୍ଟା / ହାତୀର ଶୁଣ୍ଢ ହେଉ କି / ବିଛାର ନାହୁଡ଼ / ସବୁ ସ୍ୱାଭିମାନୀ ଆତ୍ମା ଭିତରେ / ଲୁଚି ରହିଥାଏ / ଗୋଟେ ଗୋଟେ ପିମ୍ପୁଡ଼ିମନ୍ଦା।

( ଲାଭା, ପୃ : ୫୯ )

କେତେ ଗୁଡ଼ିଏ କବିତାରେ କବି ନିଜକୁ ଖୋଜିବାର ପ୍ରୟାସ କରିଛନ୍ତି, ନିଜ ଭିତରେ ଥିବା ଈଶ୍ୱରୀୟ ସତ୍ତାକୁ ଉପଲବ୍ଧି କରିବାକୁ ଯତ୍ନବାନ ହୋଇଛନ୍ତି। ଦେହର ଅଗନାଅଗନି ବନସ୍ତ ଭିତରେ ପ୍ରେମ ଆଉ କରୁଣାର ବୀଜ ବୁଣି ତାକୁ ଆଲୋକିତ କରିବାକୁ ସଫଳ ହୋଇଛନ୍ତି। ସେମିତି ସବୁ କବିତା ହେଲା ଉଜ୍ଜଳ ଅରଣ୍ୟ, ହୃଦୟର ନବ ଜନ୍ମ, ଜଙ୍ଗଲ ବୁଲା ଇତ୍ୟାଦି।

ଏଥର ଜଙ୍ଗଲ ବୁଲି ଯିବି ତ/ ମୁଁ ଏକା ଯିବି / ଆଉ ଦେଖିବି / ମୋ ଭିତରେ ଥିବା ଗହନ ଜଙ୍ଗଲ...

( ଜଙ୍ଗଲ ବୁଲା, ପୃ : ୭୯ )

କେତେକ କବିତାର ସରଳ ଭାଷା ଏବଂ ପ୍ରତୀକାତ୍ମକ ବିମ୍ବ ପ୍ରୟୋଗ ପାଠକକୁ ବାନ୍ଧି ରଖିବ ଫେବିକୁଇକ ଅଠା ପରି।

ଜହ୍ନରାତି : / ଗୋଟେ ଧଳା ଗାଈର ଚମଡ଼ା।/ ଜହ୍ନରାତି : ତୁଠରେ ଏକ ପାଖିଆ ପଡ଼ିଥିବା / ଗୋଟେ ବିଧବାର ଛୁଆଁ ଲୁଗା /.... ଅଳିଆ ଗଦାରେ ପଡ଼ିଥିବା / ଗୋଟେ ଗର୍ଭବତୀ ନାବାଳିକାର ଲୁଚାଣିଆ ପାପ

( ଜହ୍ନରାତି, ପୃ : ୧୧୭ )

ଶ୍ରୀକ୍ଷେତ୍ରର ମହାତ୍ମ୍ୟ ବର୍ଣ୍ଣନା କଲାବେଳେ ତାଙ୍କର ଭାବନା ନୀଳଚକ୍ର ପରି ବେଶ୍ ଊର୍ଦ୍ଧ୍ୱ, ଯେଉଁଠି ପାଠକଟିଏ ପାଦ ନୁହେଁ ଗୋଇଠି ଟେକି ଚାହିଁବ।

ଆମ ଗାଁଆ : ଗୋଟେ ଗୀତଗାଁଆ / ତା' ଛାତିରେ ଥରେ ଶୋଇ ପଡ଼ିଲେ / ବୁଝିହୁଏ ଗୋଟେ ଗୋଟେ ଗୀତ / କେମିତି କରିଦିଏ ଅର୍ଥିତକୁ 'ଅତିବଡ଼ୀ'/ ଅଚ୍ଛବ ଯବନକୁ 'ଭକ୍ତକବି'।

( ପୁରୀ, ପୃ : ୧୧୧ )

ଶେଷ କବିତା 'ଗୋପଯାତ୍ରା' ଅସଂଖ୍ୟ କାଳରାତ୍ରିର ଅବସାନ ଘଟାଇ ମାନବ ଜାତିକୁ ଦେଖାଉଛି ବଞ୍ଚିବାର ନୂଆ ରାହା। କିଟିକିଟି ଅନ୍ଧାର ସମ୍ମୁଖରେ ନତଜାନୁ ନ ହୋଇ ଅସୀମ ଧୈର୍ଯ୍ୟ ଓ ସାହସ ସୃଷ୍ଟିକରି ଧର୍ମ ପ୍ରତିଷ୍ଠା କରିବାର ସଂକଳ୍ପ -

ମୁଁ କ'ଣ ତାକୁ ଗେଲ କରୁ କରୁ / ଦେଖେଇ ପାରିବିନି / କାଠହଣା ଚଢ଼େଇର ଥଣ୍ଟ ପାହାର ସହି / ଗଛ ଗଣ୍ଡିରେ / କେମିତି ଗଢ଼ି ହୋଇଯାଏ / ଗୋଟେ କମନୀୟ କୋଣାର୍କ !

( ଗୋପଯାତ୍ରା, ପୃ : ୧୩୭ )

ବାସ୍ତବିକ ଗୋପଯାତ୍ରା ପୁରାଣ ସହିତ ସମକାଳର ବାସ୍ତବତାକୁ ସଂଯୁକ୍ତ କରିବାର ଏକ ବଳିଷ୍ଠ ଯୋଗାସୂତ୍ର। ଏଥିରେ ଆନନ୍ଦ ଅଛି, ପ୍ରେମ ଅଛି, ମୁକ୍ତି ବି ଅଛି। ଅଧର୍ମର ବିନାଶ ଏବଂ ଏକ ଆନନ୍ଦମୟ ଅଭିଯାନର ସଫଳ ବାର୍ତ୍ତାବହ 'ଗୋପଯାତ୍ରା '। ♥



ସମୀକ୍ଷା : ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# ସୁକନ୍ୟା ସାହିତ୍ୟ ସଂସଦର କମ୍ବଳ ବଂଟନ



ବାଲିଆପାଳ, ୦୮/୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଗୁନାପୁର ଗ୍ରାମର ସନାତନ ସିଂ ଙ୍କ ବାସଭବନ ସମ୍ମୁଖରେ ଗ୍ରାମର ଅସହାୟ ଆଦିବାସୀ ମହିଳାମାନଙ୍କୁ ସୁକନ୍ୟା ସାହିତ୍ୟ ସଂସଦ ବାଲିଆପାଳ ତରଫରୁ କମ୍ବଳ ତଥା କିଛି ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାହିତ୍ୟ ସଂସଦର ସଭାନେତ୍ରୀ ସ୍ନେହଲତା ନାୟକ ପୌରହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂସଦର ଉପଦେଷ୍ଟା ବ୍ୟଙ୍ଗକବି ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ,ସମ୍ବାଦ ସାହିତ୍ୟ ଘରର ସଭାପତି ଝାଡେଶ୍ୱର ପ୍ରଧାନ ଯୋଗଦେଇ ସୁକନ୍ୟା ସାହିତ୍ୟ ସଂସଦର ଏଭଳି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂସଦର ସଦସ୍ୟା ଗୀତାରାଣୀ ସାହୁ ,ମିତାରାଣୀ ପାଣିଗ୍ରାହୀ ଏବଂ ରଶ୍ମିତା ସି ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସମାଜସେବୀ ସନାତନ ସିଂ ସଂସଦର ସମସ୍ତ କର୍ମକର୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଉଦଳା ମହାବିଦ୍ୟାଳୟ ଗଣିତ ବିଭାଗର ପାଠଚକ୍ର

ଉଦଳା , ୦୮/୩ (ନି.ପ୍ର): ଉଦଳା ମହାବିଦ୍ୟାଳୟ ଗଣିତ ବିଭାଗର ୨୦୨୪-୨୫ ଶିକ୍ଷାବର୍ଷର ପାଠଚକ୍ର ଅନୁଷ୍ଠିତ ହୋଇ ଯାଇଛି । 'ହାରମୋନିକ କନଭେକ୍ସ ଖୋଜି ମାପି ଏଣ୍ଡ ଇଟସ୍ ଆପ୍ଲିକେସନ ଟୁ ମିନିମାକ୍ସ ପ୍ରୋବ୍ଲେମ୍' ବିଷୟବସ୍ତୁ ଉପରେ ଅନୁଷ୍ଠିତ ପାଠଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଯତିନ କୁମାର ମହାକୁଡ଼ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସି ପ୍ରଶଂସା କରିଥିଲେ । ବିଭାଗୀୟ ମୁଖ୍ୟା ତପସ୍ୱିନି ବେହେରା ବିଷୟବସ୍ତୁ ଉପରେ ସୂଚନା ଦେବା ସହ ଛାତ୍ର ଛାତ୍ରୀ ମାନଙ୍କୁ ଗବେଷଣାର ଉପଯୋଗିତା ବିଷୟରେ ବୁଝାଇଥିଲେ । ପାଠଚକ୍ରରେ ସମ୍ମାନନୀୟ ଅତିଥି ଭାବରେ ପ୍ରଶାସନ ମୁଖ୍ୟ ଡ଼. ଆଲୋକ ରଂଜନ ପ୍ରଧାନ ଯୋଗଦେଇ ଗବେଷଣାରେ ନିଜର ଅନୁଭୂତି ମାଧ୍ୟମରେ ଏହାର ଆବଶ୍ୟକତା ଦର୍ଶାଇଥିଲେ । ଗଣିତ ବିଭାଗର ଅଧ୍ୟାପିକା ଡ଼. ମୀନାକ୍ଷି ପରିଡ଼ା ବିଷୟବସ୍ତୁ ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ପାଠଚକ୍ରରେ ଗଣିତ ସମ୍ମାନର ଛାତ୍ର ଛାତ୍ରୀ ଯଥା- କରିସ୍ମା, ଜୟସ୍ମିତା, ଜିନେଲିଆ, ଆଶିଷ, ପାର୍ବତି, ପ୍ରଶାନ୍ତ ପ୍ରମୁଖ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ପରେ ପ୍ରଶ୍ନ ଉତର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଅଧ୍ୟାପକ ବନମାଳି ସିଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲଙ୍ଗଳେଶ୍ୱରରେ ଆର୍ନ୍ତଜାତିକ ମହିଳା ଦିବସ ପାଳିତ



ବାଲିଆପାଳ, ୦୮/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ସ୍ଥିତ କାଳିଝାଟି ପଡ଼ିଆ ରେ ଓଡ଼ିଶା ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମହାସଂଘ ପକ୍ଷରୁ ଆର୍ନ୍ତଜାତୀକ ମହିଳା ଦିବସ ପାଳିତ ହୋଇଯାଇଛି । ସଂଘ ର ଆବାହକ ସୁବଳ ଚନ୍ଦ୍ର ଦାସ ଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରକୃତି ମିତ୍ର ସୁମନ୍ତ କୁମାର ଜେନା ଯୋଗଦେଇ ସାମାଜିକ, ରାଜନୈତିକ, ଅର୍ଥନୈତିକ କ୍ଷେତ୍ରରେ ମହିଳା ଙ୍କୁ ପ୍ରତିଷ୍ଠିତ କରାଇବା ଦିଗରେ ଜନସଚେତନତା ସୃଷ୍ଟି କରାଇବା ପାଇଁ ୧୯୭୭ ମସିହା ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସ ୮ ତାରିଖ କୁ ବିଶ୍ୱ ବ୍ୟାପି ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଆସୁଛି ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ସମାଜସେବୀ ସୌମ୍ୟଦିପ ଚକ୍ରବର୍ତ୍ତୀ ମହିଳା ଙ୍କୁ ସମ୍ମାନ, ସବୁ କ୍ଷେତ୍ରରେ ଅଗ୍ରାଧିକାର, ନାରୀ ଶଶକ୍ତକରଣ, ମହିଳା ଶିକ୍ଷିତ ହେଲେ ସମାଜ ଶିକ୍ଷିତ ହେବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ରାଜ୍ୟ ମହାସଂଘ ର ସଭାନେତ୍ରୀ ସାରଦା ଗିରି, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ସମାଜସେବୀ ପ୍ରଫୁଲ୍ଲ କୁମାର ପାତ୍ର ବସନ୍ତ ସେନାପତି ପ୍ରମୁଖ ଯୋଗଦେଇ ମହିଳା ମାନଙ୍କ ସୁରକ୍ଷା, ମାତୃଜାତି କୁ ସମ୍ମାନ ଏବଂ ସମାଜ ପାଇଁ ମହିଳା ମାନଙ୍କ ର ଅତୁଳନୀୟ ଅବଦାନ ରହିଥିବା କଥା କହିଥିଲେ । ମହାସଂଘ ର ଜିଲ୍ଲା ସଭାନେତ୍ରୀ ରଞ୍ଜୁଲତା ଗିରି ଅତିଥି ପରିଚୟ ଓ ସଂଘ ର ରୂପ ରେଖ ବିଷୟରେ ସୁଚନା ପ୍ରଧାନ କରିଥିଲେ । ଏହି ଅବସରରେ ଭୋଗରାଇ ଆରୁହାବୃତ୍ତି ର ଆଦର୍ଶ ମହିଳା ବାସନ୍ତୀ ଜେନା ଙ୍କୁ ନାରୀ ଶ୍ରେଷ୍ଠ ସମ୍ମାନ ୨୦୨୫ ପ୍ରଧାନ କରାଯାଇଥିଲା । ମମତା ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ସୁଭଦ୍ରା ହିତାଧିକାରୀ ଓ ଅଙ୍ଗନୱାଡ଼ି ଦିଦିଙ୍କ ପଥପ୍ରାନ୍ତ ସଭା

ବସ୍ତା , ୦୮/୩ (ନି.ପ୍ର): ସଦର ବ୍ଲକ ସଦର ଗ୍ରାମାଞ୍ଚଳ ପ୍ରକଳ୍ପ ଅନ୍ତର୍ଭୁକ୍ତ ୩ ଟି ସ୍ଥାନରେ ସୁଭଦ୍ରା ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ନଗ୍ରମ୍ ପଞ୍ଚାୟତ ରେ କାଳୀ ପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ , ଆଙ୍କୋ ପଞ୍ଚାୟତ ରେ ଆଙ୍କୋ ସରକାରୀ ପ୍ରାଥମିକ ବିଦ୍ୟାଳୟ, ସାର୍ଥା ପଞ୍ଚାୟତ ରେ ସାର୍ଥା ବାତ୍ୟା ଆଶ୍ରୟ ସ୍ଥଳୀରେ ରେ ଶିଶୁ ବିକାଶ ପ୍ରକଳ୍ପ ( ଗ୍ରାମାଞ୍ଚଳ ) ଅଧିକାରିଣୀ ଶ୍ରୀମତୀ ରଙ୍ଗଲତା ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଉକ୍ତ ସଭା କାର୍ଯ୍ୟ କୁ ଉଦ୍ଘାଟନ କରିଥିଲେ । ଏହି ପଥ ପ୍ରାନ୍ତ ସଭାରେ ସୁଭଦ୍ରା ହିତାଧିକାରୀ , ଅଙ୍ଗନୱାଡ଼ି କର୍ମୀ , ସୁପରଭାଇଜର ଓ ଗ୍ରାମବାସୀ ଙ୍କ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି ସଭାରେ ସୁଭଦ୍ରା ପାଣ୍ଠି ସଦୁପଯୋଗ ବିଷୟରେ ପାଲା, କ୍ଷୁଦ୍ର ନାଟ୍ୟ , ସଙ୍ଗୀତ ମାଧ୍ୟମରେ ସଚେତନତା କରାଯାଇଥିଲା । ସମସ୍ତ ମା ମାନେ ଏହାକୁ ମନଭରି ଉପଭୋଗ କରିଥିଲେ ।

# ଆନ୍ତର୍ଜାତୀକ ମହିଳା ଦିବସ ପାଳିତ




ସୋର, ୦୮/୩ (ନି.ପ୍ର): ସୋର କୋର୍ଟ ତାଲୁକ ଆଇନ ସହାୟତା କମିଟି ତରଫରୁ ଆନ୍ତର୍ଜାତୀକ ମହିଳା ଦିବସ ଅବସରରେ ସୋର ବ୍ଲକ ଅନ୍ତର୍ଗତ ସାରଳା କାଂଶବାଂଶ ଉଚ୍ଚ ବିଦ୍ୟାଳୟ,ସାଣ୍ଟପଡା ପ୍ରାଙ୍ଗଣରେ ମହିଳା ମାନଙ୍କ ଆଇନ ଓ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସୋର କୋର୍ଟର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଶ୍ରୀମତୀ ମିନାକ୍ଷୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ମାନଙ୍କୁ ଦୃଢ ବିଶ୍ୱାସ ସହ ଆଗକୁ ବଢିବା ପାଇଁ ଆହ୍ୱାନ କରିଥିଲେ । ନାରୀ ଶିକ୍ଷିତ ହେଲେ ସମାଜ ଶିକ୍ଷିତ ହେବ ଓ ଦେଶର ଉନ୍ନତି ହେବ ବୋଲି ମତବ୍ୟକ୍ତ କରିଥିଲେ । ବରିଷ୍ଠ ସିଭିଲ ଜଜ୍ ତଥା ତାଲୁକ ଆଇନ୍ ସଚେତନତା କମିଟିର ଅଧକ୍ଷା ଶ୍ରୀମତୀ ଶିଲା ପ୍ରିୟଦର୍ଶିନୀ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀମାନଙ୍କୁ ସଚେତନ କରିବା ସହ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ବ୍ୟବସ୍ଥା ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ । ସିଭିଲ ଜଜ୍ ଶ୍ରୀ ରାକେଶ କୁମାର ସାହୁ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀ ରାଜେଶ କୁମାର ଦାସ ଉକ୍ତ ସଭାରେ ଉପସ୍ଥିତ ରହି ମହିଳା ମାନଙ୍କୁ ପ୍ରଚଳିତ ଆଇନ୍ ଗୁଡିକ ବିଷୟରେ ବୁଝାଇବା ସହିତ ମହିଳା ମାନେ ଆଇନ ସଚେତନ ହୋଇ ନିଜକୁ ନାରୀ ସଶକ୍ତିକରଣ ଆନ୍ଦୋଳନରେ ସାମିଲ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନଜିବୀ କାହ୍ନୁ ଚରଣ ବେହେରା ଅତିଥି ପରିଚୟ ଦେବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଲିଗାଲ ରିଟେନର ଶ୍ରୀମତୀ ସସ୍ମିତା ରାଉତ ଲିଗାଲ ଏଡ୍ ତରଫରୁ ଯୋଗାଇ ଦିଆ ଯାଉଥିବା ନିଶୁଳ୍କ ଆଇନ ସହାୟତା ବିଷୟରେ ଅବଗତ କରାଇ ଥିଲେ । ସୋର କୋର୍ଟର ବରିଷ୍ଠ ଆଇନଜୀବୀ ଧିରେନ୍ଦ୍ର କୁମାର ଦାସ୍ ଉପସ୍ଥିତ ହୋଇ ଆଜିର ନାରୀ ମାନଙ୍କ ସ୍ୱାଧୀନତା ଓ ସମାନତା ଉପରେ ମତ ରଖିଥିଲେ । ଲିଗାଲଏଡ୍ କର୍ମଚାରୀ ଜ୍ୟୋତି ପ୍ରକାଶ ସେଠୀ,ବିଶ୍ୱ ରଞ୍ଜନ ବାରିକ ଓ ସ୍ୱେଚ୍ଛାସେବୀ ସନତ କୁମାର ପାତ୍ର , ଶଶିକାନ୍ତ କର, ସୁଶାନ୍ତ ଦାସ, ସୁକାନ୍ତୀ ସାହୁ, ସ୍ମିନିମୟୀ କର, ମୋନାଲିସା ଦାସ,ସହକାରୀ ଶିକ୍ଷକ ଭରତ କୁମାର ପାତ୍ର ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ । ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର କବି ଆମ ଦେଶରେ ନାରୀମାନେ ଯୁଗେ ଯୁଗେ ମହିୟସୀ ବୋଲି କହିବା ସହ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ଶେଷ କରିଥିଲେ ।

# ଫିଟ୍ ଇଣ୍ଡିଆ: କଳିଙ୍ଗ କନ୍ୟା ଐତିହ୍ୟ ଏବଂ ଶକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ

କଟକ, ୦୮/୩ (ନି.ପ୍ର): ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କଟକ ସତ୍ୟବ୍ରତ ଷ୍ଟାଡିୟମଠାରେ ''ଫିଟ୍ ଇଣ୍ଡିଆ: କଳିଙ୍ଗ କନ୍ୟା ଐତିହ୍ୟ ଏବଂ ଶକ୍ତି'' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ କ୍ରୀଡ଼ା ପ୍ରାଧିକରଣ ପକ୍ଷରୁ ମହିଳାଙ୍କ ସଶକ୍ତିକରଣ ଏବଂ ଫିଟନେସକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

# ଆରୁହା ପଞ୍ଚାୟତରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ଜଳେଶ୍ୱର, ୦୮/୩ (ନି.ପ୍ର): ଆଜି ହେଉଛି ଅନ୍ତର୍ଜାତୀୟ ମହିଳା ଦିବସ । ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ସାରା ବିଶ୍ୱରେ ପାଳନ କରାଯଉ ଥିବା ବେଳେ ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତରେ ସରପଞ୍ଚ ତପନୀ ଭୂୟାଁଙ୍କ ଅଧ୍ୟକ୍ଷତାରେ ମହିଳା ଦିବସ ପାଳନ ହୋଇଯାଇଛି । ସମାଜରେ ମହିଳାଙ୍କୁ ସମାନ ଅଧିକାର,ନ୍ୟାୟ ପ୍ରଦାନ ଓ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହା ଦିବସ ପାଳିତ ହେଉଛି । ମହିଳାଙ୍କୁ ସଶକ୍ତ କରିବା ଲାଗି ଏହି ଦିନକୁ ସମର୍ପିତ କରାଯାଇଛି । ଆଜିର ଯୁଗରେ ସବୁ କ୍ଷେତ୍ରରେ ଆଗକୁ ବଢ଼ିଲେଣି ନାରୀ । ଅନେକ କ୍ଷେତ୍ରରେ ସେମାନେ ପୁରଷଙ୍କୁ ମଧ ପଛରେ ପକାଇଦେଇଛନ୍ତି । ଚାଷ କାମ ଠାରୁ ଆରମ୍ଭ କରି ମହାକାଶ ଯାତ୍ରା ହେଉ କିମ୍ବା କ୍ରୀଡ଼ା,ବିଜ୍ଞାନ ସବୁ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କଲେଣି ମହିଳାମାନେ । ତେବେ ସେମାନେ କିପରି ଆହୁରି ଆଗକୁ ଆଗକୁ ବଢ଼ିପାରିବେ,ସେ ଦିଗରେ ଆଜି ସାରା ବିଶ୍ୱରେ ଏହି ଦିବସକୁ ପାଳନ କରାଯାଉଛି ବୋଲି ପଞ୍ଚାୟତ ସମିତି ସଦସ୍ୟା ମଧୁମିତା ମହାନ୍ତି,ସାମ୍ବାଦିକ ମନୋଜ କୁମାର ଭୂୟାଁ, ସମାଜ ସେବୀ ଶ୍ରିକଣ୍ଠ ମହାନ୍ତି,ନାଏବ ସରପଞ୍ଚ ବରୁଣ କୁମାର ଜେନା,ଏଡିଇଓ ବିନୋଦ ବେହେରା, ଜୟନାରାୟଣ ଜେନା ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦ ରୁ ଉର୍ଦ୍ଧ ମହିଳା ମାନେ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ଜନ ଔଷଧି ଦିବସ ପାଳିତ

ଭଦ୍ରକ, ୦୮/୩ (ନି.ପ୍ର): ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜନ ଔଷଧି ଦିବସ ପାଳିତ ହୋଇଯାଇଛି । ଭଦ୍ରକ ସହର ମୁଖ୍ୟ ରାସ୍ତା ମୁଖ୍ୟ ଡାକଘର ନିକଟସ୍ଥ ଜନ ଔଷଧି କେନ୍ଦ୍ର ପରିସରରେ ଏହି ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁଲଭ ମୂଲ୍ୟରେ ଗୁଣବତ୍ତାର ବିଭିନ୍ନ ଔଷଧ ଉପଲବ୍ଧ କରାଯିବା ନେଇ ଜନଔଷଧି କେନ୍ଦ୍ର ଯୋଜନା ପ୍ରଧାନମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଜପା ଜିଲ୍ଲା ଅଧକ୍ଷ ଭଗବାନ ପଣ୍ଡା, ଡା. ଅମୂଲ୍ୟ କୁମାର ଦାସ, ଡି.ପି.ଏମ୍. ସରିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ସୂଚନା ଯୋଗ୍ୟକି ଭଦ୍ରକ ଜିଲ୍ଲାରେ ସମୁଦାୟ ୧୭ଟି ଜନ ଔଷଧି କେନ୍ଦ୍ର ଅଛି । ଏହି କେନ୍ଦ୍ର ମାନଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଲୋକମାନଙ୍କୁ ବଜାର ଦରଠାରୁ ୭୦ ରୁ ୮୦ ପ୍ରତିଶତ କମ୍ ମୂଲ୍ୟରେ ଔଷଧ ଯୋଗାଇ ଦିଆଯାଉଛି । ଏହି ଯୋଜନାରେ ଗରିବ, ନିମ୍ନମଧବିତ୍ତ ଲୋକମାନେ କିଭଳି ଅଧିକ ଉପକୃତ ହେବେ ସେ ନେଇ ଅଧିକ ସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

# ମାନଗୋବିନ୍ଦପୁର ସରକାରୀ ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ବିଜ୍ଞାନ କର୍ମଶାଳା

ବଡ଼ସାହି , ୦୮/୩ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ମାନଗୋବିନ୍ଦପୁର ସରକାରୀ ଉ. ପ୍ରା. ବିଦ୍ୟାଳୟରେ ୭୮ ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନ୍ମଥ କୁମାର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସହକାରୀ ଶିକ୍ଷକ ପ୍ରଦୀପ କୁମାର ଜେନା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ କରାଇଥିଲେ । ନମିତା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଡ଼ ରଜନୀ କାନ୍ତ ମହାପାତ୍ର , ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ମାଣତ୍ରୀ , ସ୍ୱତନ୍ତ୍ର ଅତିଥି ସନ୍ତୋଷ କୁମାର ବେହେରା ପ୍ରଧାନ ଶିକ୍ଷକ ଶାଳଗାଁ ପଞ୍ଚାୟତ ମୁଖ୍ୟ ବକ୍ତା ରାକେଶ କୁମାର ମହାପାତ୍ର ସମିତି ସଭ୍ୟ ସମ୍ମାନୀୟ ଅତିଥି ଶମ୍ଭୁନାଥ ବେହେରା ଆଞ୍ଚଳିକ ସାଧନ ସଂଯୋଜକ ଯୋଗ ଦେଇଥିଲେ । ନରୋତ୍ତମ୍ ଜେନା ଇଂରାଜୀ ଶିକ୍ଷକ ସୁଲଗ୍ନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟ ସହକାରୀ ଶିକ୍ଷକ କିରଣ କୁମାର ନାୟକ , ସୁମିତ୍ରା ବେହେରା , ତିଲୋତ୍ତମା ପ୍ରଧାନ , ଭୁବନ କୁମାର ସିଂହ , ଦିବ୍ୟଜ୍ୟୋତି ମହାନ୍ତ ଏବଂ କମିଟିର ଚେୟାରମ୍ୟାନ କାର୍ତ୍ତିକ ଚନ୍ଦ୍ର ବେହେରା ସହଯୋଗ କରିଥିଲେ । ଓଡ଼ିଶାର ପ୍ରବୀଣ ବିଜ୍ଞାନ ଶିକ୍ଷକ କଳ୍ପତରୁ ପାତ୍ରଙ୍କ ଦ୍ୱାରା ଏକ ' ବିଜ୍ଞାନ କର୍ମଶାଳା ' ଆୟୋଜିତ ହୋଇଥିଲା , ଆଜିର ଶିକ୍ଷା ବ୍ୟବସ୍ଥାରେ ସଂସ୍କୃତି ଓ ବିଜ୍ଞାନ ଓତଃ ପ୍ରୋତ ଭାବେ ଜଡ଼ିତ ହେଲେ ସମାଜର ଉନ୍ନତି ଅପରିହାର୍ଯ୍ୟ ହେବ ବୋଲି ଅତିଥି ବୃନ୍ଦ ବକ୍ତବ୍ୟ ରଖିଥିଲେ । ଶେଷରେ କିରଣ କୁମାର ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଅଚ୍ୟୁତଙ୍କ ପୁରୁଣା...

ଏପରିକି ଓଟିଭି ପ୍ରତିନିଧିମାନେ କିସ୍ ଛାତ୍ରଛାତ୍ରୀଙ୍କୁ ଧମକାଇ ବାଇଟ୍ ନେବା ସହ ଫୋନ୍ କରି କିସ୍ ଛାଡ଼ି ଚାଲିଯିବାକୁ ଧମକ ଦେବା, ଏବଂ ଲୁଚିଛପି ଡ୍ରୋନ୍ ଜରିଆରେ ଛାତ୍ରୀ ନିବାସର ଫଟୋ ଉତ୍ତୋଳନ କରୁଛନ୍ତି । ତେବେ ଏଭଳି ଅତି ତଳସ୍ତରର ହାସ୍ୟାସ୍ପଦ ଏବଂ କପୋଳକଳ୍ପିତ ଅଭିଯୋଗକୁ ଓଟିଭି ଦୃଢ଼ଭାବେ ଖଣ୍ଡନ କରିବା ସହ ସ୍ପଷ୍ଟ କରିଦେବାକୁ ଚାହେଁ ଯେ, ଓଟିଭି ଜରିଆରେ କିଟ୍ ଓ କିସ୍ କେଳେଙ୍କାରୀର ସତ ସବୁ ପଦାକୁ ଆସିବା ପରେ ଇଏ ପ୍ରତିଷ୍ଠାତା ଅଚ୍ୟୁତଙ୍କ ବାଉଳାପଣର ନିଦର୍ଶନ । କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଓଟିଭି ଉପରେ ଅଚ୍ୟୁତ ସାମନ୍ତଙ୍କ ପ୍ରାୟୋଜିତ ସଂଘ ଦୋଷ ଲଦୁଥିବା ବେଳେ, ମୂଳ ପ୍ରସଙ୍ଗରେ କିନ୍ତୁ ଏଯାଏଁ ପୂରା ତୁଣ୍ଡି ବାନ୍ଧିଛନ୍ତି ଅଚ୍ୟୁତ । ତାଙ୍କ ପାଇଁ ଯେମିତି ରାଜ୍ୟ ଓ ଦେଶର ସମ୍ମାନ କିଛି ମାଇନା ରଖେନି । ଯେଉଁ କାଣ୍ଡ ପାଇଁ ବିଦେଶରେ ରାଜ୍ୟ ବଦନାମ୍ ହେଲା, ଦେଶ ଦୁର୍ନାମ ମୁଣ୍ଡେଇଲା, ନେପାଳ ସହ ସଂପର୍କ ଖରାପ ହେବା ଭଳି ସ୍ଥିତି ଉପୁଜିଲା ଘଟଣାର ୨୦ ଦିନ ପରେ ବି ସେନେଇ ଅଚ୍ୟୁତ ଥରୁଟିଏ ବି ମୁହଁ ଖୋଲୁ ନାହାନ୍ତି କାହିଁକି ? ଯଦି ଛାତ୍ରୀ ଆତ୍ମହତ୍ୟା ପ୍ରସଙ୍ଗରେ କର୍ତ୍ତୃପକ୍ଷଙ୍କର କୌଣସି ଦୋଷ ତ୍ରୁଟି ନାହିଁ ତାହେଲେ ସ୍ପଷ୍ଟୀକରଣ ରଖିବାରେ ସମସ୍ୟା କେଉଁଠି ? ତେବେ ଏହା ଭିତରେ ଓଟିଭି ପ୍ରସାରଣ କରିଥିବା କିଛି ରିପୋର୍ଟ ଓ ତାକୁ ଭିତ୍ତିକରି ଉଠାଇ ଆସିଥିବା ପ୍ରମୁଖ ପ୍ରଶ୍ନ ହେଲା ନେପାଳୀ ଛାତ୍ରୀ ଜଣକ ଆତ୍ମହତ୍ୟା କରିବା ପୂର୍ବରୁ ପୂର୍ବତନ ବୟଫ୍ରେଣ୍ଡ ଦେଉଥିବା ନିର୍ଯାତନା ସଂପର୍କରେ କିଟର ଓଜଙ୍ଗ ବା ଇଣ୍ଟରନ୍ୟାସନାଲ ରିଲେସନ୍ ଅଫିସରେ ଅଭିଯୋଗ କରିଥିଲେ ନା ନାହିଁ ? ଆତ୍ମହତ୍ୟା ପରେ ଘଟଣାକୁ ରଫାଦଫା କରିବାକୁ କର୍ତ୍ତୃପକ୍ଷ ଚେଷ୍ଟା କରିଥିଲେ ନା ନାହିଁ ? ନ୍ୟାୟ ପାଇଁ ଧାରଣାରେ ଥିବା ନେପାଳୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଦେଶ ନାଁ ନେଇ ଗାଳିଗୁଲଜ କରାଯିବା, ସିକ୍ୟୁରିଟି ଲଗାଇ ମାଡ଼ ମରାଯିବା, କେବଳ ନେପାଳୀ ପିଲାଙ୍କ ପାଇଁ ହଷ୍ଟେଲ୍ ସାଇନ୍‌ଏଡାଏ ଡିକ୍ଲାର କରି ଅମାନବୀୟ ଢଙ୍ଗରେ ବିଦା କରି ଦିଆଯିବା, ଏପରିକି ଜୋରଜବରଦସ୍ତ କଟକ ରେଳ ଷ୍ଟେସନରେ ଛଡ଼ାଯିବା ଭଳି ଘଟଣା ଘଟିଛି କି ନାହିଁ ? ଏହା ବ୍ୟତିତ କିଟ୍ ୟୁନିଭର୍ସିଟିରେ ନିୟମିତ ଭାବେ ଛାତ୍ରଛାତ୍ରୀ ଆତ୍ମହତ୍ୟା ଘଟଣା ଘଟୁଛି ନା ନାହିଁ ? କିସ୍ ରୁ ଆଦିବାସୀ ପିଲାମାନେ ନିଖୋଜ ହେଉଛନ୍ତି କି ନାହିଁ ? କିସ୍ ରେ ଅସ୍ୱାସ୍ଥ୍ୟକର ପରିବେଶରେ ଏବଂ ଅଯତ୍ନରେ ପିଲାମାନେ ରହୁଛନ୍ତି ନା ନାହିଁ ? ଏ ନେଇ ଅତୀତରେ ଖୋର୍ଦ୍ଧା ସିଡବ୍ଲୁସି ଦେଇଥିବା ରିପୋର୍ଟ ସତ କି ନୁହେଁ ? ଏପରିକି କିଟ୍ ଓ କିସ୍ କର୍ତ୍ତୃପକ୍ଷ ଇଡକୋ ଓ ଜଙ୍ଗଲ ଜମି ଜବର ଦଖଲ କରି ସଂସ୍ଥାର ବିସ୍ତାର କରିଛନ୍ତି ନା ନାହିଁ ? କାରଣ ପୂର୍ବରୁ ବିଧାନସଭାରେ ମଧ ଜମି କେଳେଙ୍କାରୀ ତଥ୍ୟ ଆସିଥିଲା, ଏପରିକି ବରିଷ୍ଠ ନାଗରିକମାନେ ସେମାନଙ୍କ ଜମି ହଡ଼ପ କରିଥିବା ଘଐଜଉ ଟିମ୍ ଆଗରେ ବଖାଣିଛନ୍ତି । ତେଣୁ ଓଟିଭି ଯାହା ଦେଖାଇଛି, ତଥ୍ୟ ପ୍ରମାଣ ସହ, ଅଭିଯୋଗକାରୀଙ୍କ ବିବୃତ୍ତି ଆଧାରରେ ହିଁ ଦର୍ଶକଙ୍କ ସାମ୍ନାକୁ ଆଣିଛି । ତେବେ ବାରମ୍ବାର ଯୋଗାଯୋଗ ସତ୍ତ୍ୱେ ନା ଅଚ୍ୟୁତ ନା ତାଙ୍କ ସଂସ୍ଥା କେହି ବି ଏସବୁ ପ୍ରଶ୍ନ ବାବଦରେ ସ୍ପଷ୍ଟୀକରଣ ରଖୁଛନ୍ତି ।

### ଓଡ଼ିଶାରେ ମିଶିବା...

ଏପରିକି ସାଂସ୍କୃତିକ ଦିଗରୁ ମଧ ଆମକୁ ଶୋଷଣର ଶିକାର ହେବାକୁ ପଡିଛି । ଅତୀତରେ ଓଡ଼ିଶା ସହିତ ମିଶିବା ଏକ ଐତିହାସିକ ଭୁଲ ଥିଲା ବୋଲି କହିଛନ୍ତି । ସମ୍ବଲପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପିର ଅନ୍ୟାନ୍ୟ ବିଧାୟକ ମାନେ ମଧ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରୁ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଉଥିବା ବେଳେ ଉଦଘୋଷିକା ସମସ୍ତଙ୍କୁ ଛିଡା ହେବାକୁ ଅନୁରୋଧ କରିଥିଲେ । ଅନ୍ୟ ସମସ୍ତ ଉପସ୍ଥିତ ଅତିଥି ଛିଡା ହୋଇଥିବା ବେଳେ ଜୟ ନାରାୟଣ ନିଜ ଆସନରେ ବସି ରହିଥିଲେ । ଏହାକୁ ନେଇ ମଧ ବିବାଦ ଦେଖା ଦେଇଛି । ଜୟ ନାରାୟଣଙ୍କ ପାଇଁ ବିବାଦ ନୂଆ କଥା ନୁହେଁ । ପୂର୍ବରୁ ଏକ ରାଲି ସମୟରେ ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ମାଡ ମାରିଥିଲେ ଜୟ ନାରାୟଣ । ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ରାଲି ସମୟରେ ମହିଳା ପୋଲିସ ଅଧିକାରୀଙ୍କୁ ହାତ ଉଠାଇଥିଲେ ଜୟ ନାରାୟଣ ।

### ଆସିଲା 'ସୁଭଦ୍ରା'...

ସୁଭଦ୍ରା ଯୋଜନା ପାଇଁ ୧ କୋଟି ୮ ଲକ୍ଷ ଆବେଦନ କରିଛନ୍ତି । ମାର୍ଚ୍ଚ ୩୧ ମଧ୍ୟରେ ଆବେଦନ କରିଥିବା ହିତାଧିକାରୀଙ୍କୁ ସର୍ଭେ କରି ସାମିଲ କରିବେ ସରକାର । ସେମାନଙ୍କୁ ରାକ୍ଷୀ ପୂର୍ଣ୍ଣିମାରେ ଏକାଥରକେ ୩ଟି କିସ୍ତି ଅର୍ଥାତ ୧୫ ହଜାର ଟଙ୍କା ମିଳିବ । ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ଯୋଜନାରୁ ବାଦ୍ ପଡ଼ିବେନି ତାକୁ ଗୁରୁତ୍ୱ ଦେଇ ସରକାର ସବୁପ୍ରକାର ଅନୁକୂଳ ପଦକ୍ଷେପ ନେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

### ଜେଲ ଗଲେ...

ଏଥି ସହ ତିନୋଟି ବହୁତଳ ବିଶିଷ୍ଟ କୋଠା, ପୁରୀରେ ଦୁଇଟି ବେନାମୀ ଫ୍ଲାଟ, ବିଭିନ୍ନ ସ୍ଥାନରେ ୧୧ ଟି ପ୍ଲଟ, ୧୪ ଏକର ପରିମିତ ଜାଗାରେ ଫାର୍ମ ହାଉସ ,ଦୁଇଟି ବେନାମୀ ଚାରିଚକିଆ ଥିବା ଜାଣିବାକୁ ପାଇଛି ଭିଜିଲାନ୍ସ । ଏକ ୪ ବିଏଚକେ ଫ୍ଲାଟ ପାଇଁ ଏକ କୋଟି ନଗଦ ଟଙ୍କା ଆଡ଼ଭାନ୍ସ ମଧ ଦେଇଥିଲେ ପ୍ରଦୀପ ମହାନ୍ତି । ଏସବୁ ସମ୍ପତିର ସନ୍ତୋଷଜନକ ଉତର ଦେଇପାରି ନଥିବା କାରଣରୁ ଆଜି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

### ଲୋକସଭା ଆସନ ସୀମା...

ଲୋକସଭା ସୀମା ପୁର୍ନଗଠନ ଲୋକସଂଖ୍ୟା ଆଧାରରେ ହୁଏ । ଶେଷ ସୀମା ପୁନର୍ଗଠନ ୨୦୦୨ରେ ୧୯୭୧ ଜନସଂଖ୍ୟା ଆଧାରରେ ହୋଇଥିଲା । ଏଥିରେ ଲୋକସଭା ଆସନ ସଂଖ୍ୟା ୫୪୩ରେ ସୀମିତ ଥିଲା । ଯାହା ୧୯୭୩ ସୀମା ପୁନର୍ଗଠନ ସମୟର ଆସନ ସଂଖ୍ୟା ସହ ସମାନ ଥିଲା । ଏବେ ୨୦୨୬ରେ ସୀମା ପୁର୍ନଗଠନ ହେବାକୁ ମୋଦୀ ସରକାର ସଜବାଜ ହେଲେଣି । ସ୍ୱାଭାବିକ ଭାବେ ଏହା ଜନସଂଖ୍ୟା ଆଧାରରେ ହେବ । ଏହା ହେଲେ ଜନସଂଖ୍ୟା ନିୟନ୍ତ୍ରଣରେ ସଫଳତା ପାଇଥିବା ଦକ୍ଷିଣଭାରତୀୟ ରାଜ୍ୟଗୁଡିକ କ୍ଷତିଗ୍ରସ୍ତ ହେବା ସ୍ୱାଭାବିକ । ଅନ୍ୟପକ୍ଷରେ ଅଧିକ ଜନସଂଖ୍ୟା ବିଶିଷ୍ଟ ଉତରଭାରତୀୟ ରାଜ୍ୟଗୁଡିକର ଲୋକସଭା ଆସନ ସଂଖ୍ୟା ଯଥେଷ୍ଟ ସଂଖ୍ୟାରେ ବୃଦ୍ଧି ପାଇବ ଯାହାକୁ ହିଁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ବିରୋଧ କରୁଛନ୍ତି । ଏହି ସମ୍ପର୍କରେ ସବୁ ଦକ୍ଷିଣଭାରତୀୟ ରାଜ୍ୟଗୁଡିକୁ ଏକାଠି କରିବାକୁ ଷ୍ଟାଲିନ ଉଦ୍ୟମ କରିଛନ୍ତି । ତେଲେଙ୍ଗାନା. ମୁଖ୍ୟମନ୍ତ୍ରୀ ଏଥିରେ ତାଙ୍କ ସହ ଅଛନ୍ତି । କର୍ଣ୍ଣାଟକ କଂଗ୍ରେସ ସରକାର ଷ୍ଟାଲିନଙ୍କୁ ମଧ ନିଶ୍ଚୟ ସମର୍ଥନ କରିବେ । ଏଥିରେ କେରଳରେ ମଧ ସମର୍ଥନ ରହିବ । ମାତ୍ର ଏନଡିଏ ଅର୍ନ୍ତଗତ ଆନ୍ଧ୍ର ଚନ୍ଦ୍ରବାବୁ ନାଇଡୁଙ୍କ ସମର୍ଥନ ନେଇ କୌଣସି ସୂଚନା ନାହିଁ । କିଛି ନହେଲେ ୨୦୨୬ରେ ହେବାକୁ ଥିବା ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଡିଏମକେକୁ ସୀମା ପୁର୍ନଗଠନ ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ରାଜନୈତିକ କରଣ କରିବାକୁ ସୁଯୋଗ ମିଳିଗଲା ।

### ଫ୍ୟୁଚର ବାଲେଶ୍ୱର...

ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଓଡ଼ିଶୀ ନୃତ୍ୟ ପରିବେଶଣ କରାଯାଇଥିଲା । ଆଇନଜୀବୀ ରଂଜନ କୁମାର ପାଣିଗ୍ରାହୀ । ଅତିଥିମାନଙ୍କୁ ମଂଚ ଆହ୍ୱାନ କରିବା ସହ ସମାଜସେବୀ ତଥା ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ କରିଥିଲା । ସମ୍ମାନୀୟ ମଞ୍ଚାସୀନ ଅତିଥିମାନଙ୍କ ସମେତ ଉପସ୍ଥିତ ସମସ୍ତ ନିମନ୍ତ୍ରିତ ଭଦ୍ର ମହିଳାମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଯଶୋଧାରା ଦାସ, ଚିତ୍ରା ପାତ୍ର, ବୀଣାପାଣି ରାଉତ, ପ୍ରିୟ ପର୍ଣ୍ଣା ପାଣିଗ୍ରାହୀ, ସୁନୀତା ସ ମଧୁସ୍ମିତା, ନାୟକ, ବନ୍ଦନା ପଢ଼େଇ, ଛବିରାଣୀ ନନ୍ଦ, ଶୁଭସ୍ମିତା ପାତ୍ର, ସରୋଜିନୀ ବିଶ୍ୱାଳ, ସୁମତି ଘଢ଼େଇ, ରଂଜିତା ମହାନ୍ତି, ଦମୟନ୍ତି ମହାକୁଡ଼, ଆଦି ଉପସ୍ଥିତ ଥିବା ସମୟରେ ଅନ୍ୟମାନଙ୍କ ମଧରେ ବିଧାନଚନ୍ଦ୍ର ରାୟ ସାହିତ୍ୟିକ ସୃଷ୍ଟିଧର ପରିଡ଼ା, ଗୋବିନ୍ଦ ଚନ୍ଦ୍ର ଭୋଇ, ସତ୍ୟନାରାୟଣ ରଣା, ଆଇନଜୀବୀ ସତ୍ୟଜିତ୍ ମିଶ୍ର, ସମାଜସେବୀ ସତ୍ୟେନ୍ଦ୍ର ଦାସ, ମୃତ୍ୟୁଞ୍ଜୟ ଜେନା, ସୌମ୍ୟରଞ୍ଜନ, ପାତ୍ର, ମୃତ୍ୟୁଞ୍ଜୟ ତ୍ରିପାଠି, ଭବାନୀଶଂକର ପଣ୍ଡା, କୈଳାସ ଦାସ ଆଦି ଉପସ୍ଥିତ ଥିଲେ । ଦୁକୁଲ ଚନ୍ଦ୍ର ଘଢ଼େଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଲବାଣୀ ନିପୀଡିତ ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ

କନ୍ଧମାଳ, ୦୮/୩ (ନି.ପ୍ର): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିପୀଡିତ ତରଫରୁ ଏକ ମହିଳା ସମାବେଶ ଗୁମାଗଡ ଗ୍ରାମପଂଚାୟତର ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶକୁ ଗୁମାଗଡ ସରପଂଚ ପ୍ରତାପ ଚନ୍ଦ୍ର କହଁର ସଭାପତିତ୍ୱ କରିଥିଲେ । ନାଏବ ସରପଂଚ ଶ୍ରୀମତୀ ରୋଜାଲିନ ସାହୁ ଏବଂ ଏ .ଡି .ଇ .ଓ. ଉଗ୍ରସେନ କହଁର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସଭା ଅନୁଷ୍ଠିତ ହେବା ପୂର୍ବରୁ ଗୁମାଗଡ ପଂଚାୟତର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀରୁ ସଭ୍ୟା ଓ କିଶୋରୀ ବାଳିକା ସମେତ ମୋଟ ୫୦ ଜଣ ମହିଳା ସହରରେ ଏକ ଶାନ୍ତି ଶୋଭା ଯାତ୍ରା କରିଥିଲେ । ଏହି ଶୋଭାଯାତ୍ରାରେ ମହିଳା ଶସକ୍ତିକରଣ ବିଷୟରେ ବାର୍ତା ଦିଆଯାଇଥିଲା । ଉକ୍ତ ସମାବେଶରେ ନିପୀଡିତର ବରିଷ୍ଠ ମହିଳା କର୍ମୀ ଶ୍ରୀମତୀ ଜ୍ୟୋସ୍ନାରାଣୀ ଦାଶ ସ୍ୱାଗତ ଅଭିଭାଷଣ ରଖିଥିଲେ । ଫିଜିଓଥେରାପିଷ୍ଟ ଡାଃ. ସୁଚିତ୍ରା ବେହେରା ଏବଂ ସ୍ୱତନ୍ତ୍ର ଶିକ୍ଷୟିତ୍ରୀ ଦିପ୍ତିମୟୀ ପରିଡା ନାରୀ ଅଧିକାର ଓ ଆଇନ ନାରୀ ସୁରକ୍ଷା, ନାରୀ ସମସ୍ୟା ଏବଂ ମହିଳା ମାନଙ୍କର ଶାରୀରିକ ପ୍ରଜନନ ସ୍ୱାସ୍ଥ୍ୟ ବିଷୟରେ ଆଲୋକପାତ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ବାରିପଦା ଠାରେ ପାଳିତ ହେଲା ୫୧ତମ ବିଶ୍ୱ ଆନ୍ତର୍ଜାତୀୟ ମହିଳା ଦିବସ

ବାରିପଦା , ୦୮/୩ (ନି.ପ୍ର): ଆଜି ୫୧ତମ ବିଶ୍ୱ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ବରହମପୁର ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ଭବ୍ୟ ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ନାରୀ ଶକ୍ତିକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟର ଏକ କୋଟିରୁ ଉର୍ଦ୍ଧ ମହିଳାଙ୍କୁ ଡିବିଟି ଜରିଆରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ଆଜି ବାରିପଦା ସ୍ଥିତ ଛଉ ପଡିଆ ଠାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗର ମାନ୍ୟବର କ୍ୟାବିନେଟ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାରସକଣା ବିଧାୟକ ଶ୍ରୀ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଶ୍ରୀ ଜଲେନ ନାଏକ, ବାଙ୍ଗରିପୋଷୀ ବିଧାୟିକା ସୁଶ୍ରୀ ସଞ୍ଜଲୀ ମୁର୍ମୁ, ଶ୍ରୀ କାନ୍ଦ୍ରା ସୋରେନ ଓ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ଯୋଗ ଦେଇଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଆନ୍ତର୍ଜାତୀୟ ଦିବସ ପାଳନ ଇତିହାସର ସ୍ମୃତି ଚାରଣ କରି କହିଥିଲେ କି ଅତୀତରେ ଭାରତରେ ନାରୀ ଶକ୍ତିକୁ ଗୁରତ୍ୱ ଦେଇ ସଶକ୍ତ କରିବାରେ ଯେଉଁ ଅନନ୍ୟ ବ୍ୟକ୍ତିତ୍ୱ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ସେ ହେଉଛନ୍ତି ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପାୟୀ ଏବଂ ବର୍ତମାନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଓ ଲୋକଙ୍କ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନ ରେ କାର୍ଯ୍ୟକାରୀ କରାଯାଇଥିବା ସୁଭଦ୍ରା ଯୋଜନା ମାଧ୍ୟମରେ ନାରୀଶକ୍ତି ଅଧିକ ସଶକ୍ତ ଓ ସମୃଦ୍ଧ ହୋଇଛି। ଆଜି ମୟୁରଭଞ୍ଜ ଜିଲ୍ଲାର ୫, ୯୨, ୭୯୯ଜଣ ମହିଳାଙ୍କ ବ୍ୟାଙ୍କ ଖାତାକୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ରାଶି ଯାଇଛି। ଅନ୍ୟାନ୍ୟ ଅତିଥିମାନେ ମଧ୍ୟ ଏହି ଯୋଜନା ସମ୍ବନ୍ଧରେ ନିଜ ନିଜ ସୁଚିନ୍ତିତ ମତାମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇ ସାଧନାରେ ଆଲୋଚନାଚକ୍ର: ବୈଷୟିକ ଜ୍ଞାନ ପ୍ରୟୋଗ ଦ୍ୱାରା ଋତୁଭିତ୍ତିକ ଚାଷ ପାଇଁ ଆହ୍ୱାନ

ବାଲେଶ୍ୱର, ୦୮/୩ (ନି.ପ୍ର): ଜଳବାୟୁ ଅନୁକୂଳ କୃଷି ବ୍ୟବସ୍ଥା ପରିପ୍ରେକ୍ଷୀରେ ଫସଲ ଉପରେ ବର୍ଷାପାତ ସହ ତାପମାତ୍ରାର ପ୍ରଭାବ ସମ୍ପର୍କରେ ସମ୍ପର୍କରେ ଅଧିକ ଅନୁଶୀଳନର ଆଦି ଆବଶ୍ୟକତା ରହିଛି । ତେଣୁ ଭିନ୍ନ ଭିନ୍ନ ସ୍ଥାନରେ ଜଳବାୟୁ ଅନୁରୂପକ ଫସଲ ଅମଳ କରିବାକୁ ଆହ୍ୱାନ ଦେଇଛନ୍ତି ସାଇ ସାଧନା ସାଇନ୍ସ କଲେଜର ଚେୟାରମେନ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ । ସାଇ ସାଧନା ବିଜ୍ଞାନ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗ ଦ୍ୱାରା



ଆୟୋଜିତ ଆଲୋଚନା ଚକ୍ରରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଅଧକ୍ଷ ଶ୍ରୀ ପ୍ରିୟବ୍ରତ ବେହେରା ଫସଲର ଉତ୍ପାଦକତା ଶକ୍ତି ବୃଦ୍ଧି ପାଇଁ ସମ୍ବଳ ପରିଚାଳନାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ତଥା ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଅନାଦି ଚରଣ ଗାଁଣ କୃତ୍ରିମ ବୁଦ୍ଧିମତା ପରି ନୂତନ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ ଦ୍ୱାରା ଜଳ ଓ ପ୍ରାକୃତିକ ସମ୍ବଳର ବିନିଯୋଗ ହେଲେ ଉତ୍ପାଦନ ବୃଦ୍ଧି ହୋଇ ପାରିବ ବୋଲି କହିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧାପିକା ସୁଜାତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧାପିକା ହିରଣମୟୀ ହେମ୍ବ୍ରମ। ଭିଭି ପ୍ରବନ୍ଧ ପାଠ କରିଥିଲେ ଛାତ୍ରୀ ସୁଚିତ୍ରା ସାହୁ ଓ ଛାତ୍ର ଶ୍ରୀ ଭବାନୀ ଶଙ୍କର ନାୟକ । ଏଥି ସହିତ ଅଧାପକ ଚିନ୍ମୟ ଗିରି, ତାପସ କୁମାର ମହାନ୍ତ, ଦିପ୍ତି ପ୍ରକାଶ ସିଂ, ଅଧାପିକା ରୁମାରାଣୀ ଘୋଷ ପ୍ରମୁଖ ଆଲୋଚନା ଚକ୍ରଟିକୁ ସଫଳ କରିବାରେ ସହାୟତା କରିଥିଲେ।

# ହେଲଦୀ ଲାଇଫ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ




ବାଲେଶ୍ୱର, ୦୮/୩ (ନି.ପ୍ର): ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ୍ ନେଚର କିୟର ଏଣ୍ଡ ଯୋଗିକ ସାଇନସ ପରିସରରେ ଆନ୍ତର୍ଜାତିୟ ମହିଳା ଦିବସ ପାଳିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଲକି ଇଣ୍ଟରନ୍ୟାସନାଲର ମୁଖ୍ୟ କ୍ରୀଷ୍ଟା ଦାସ, ମୁଖ୍ୟ ବକ୍ତା ଅବସର ପ୍ରାପ୍ତ ଅଧାପିକା ଛବି ରାଣି ଦାସ, ନାରୀ ଶକ୍ତି ଓ ନାରୀର ସୃଜନଶୀଳ ଶକ୍ତି ସହନଶୀଳ ଶକ୍ତି ଉପରେ ଆଲୋକ ପାତ କରିଥିଲେ। ବିକଶିତ ଭାରତ ପାଇଁ ନାରୀ ଶକ୍ତିର ଆବଶ୍ୟକତା ରହିଛି । ସତୀ ଅନୁସୟା, ମା' ସାବିତ୍ରୀ ରାଣୀ ଲକ୍ଷ୍ମୀବାଇ, କଳ୍ପନା ଚାଉଲା, ଆମର ରାଷ୍ଟ୍ରପତି ଦୌପଦୀ ମୁର୍ମୁ ସେମାନେ ନାରୀ ଜାତିର ଆଦର୍ଶ । ନାରୀ ପରିବାର ସହିତ ଶାନ୍ତ ରହିଲେ ଯୋଗ, ପ୍ରାଣାୟମ ସହିତ ପ୍ରାକୃତିକ ଚିକିତ୍ସା ଉପରେ ମାଷ୍ଟର ଡିଗ୍ରୀ ଏମ.ଏ ଇନ୍ ଯୋଗା, ଡିପ୍ଲୋମା ଇନ ଯୋଗ ଉପରେ ଡିଗ୍ରୀ ପ୍ରାପ୍ତ କରି ସରକାରୀ ଚାକିରି କରିବା ସହିତ ପରିବାରକୁ ନିଜେ ନିରୋଗ ହେଲେ ଦେଶ ସୁଦୃଢ଼ ରୋଗମୁକ୍ତ ସମାଜ ତିଆରି ହୋଇ ପାଇବ, ଅନୁଷ୍ଠାନର ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ ଶ୍ରୀମାଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ, ଶ୍ରୀମା' ଯୋଗ ପ୍ରାଣାୟାମ, ଧ୍ୟାନ, କଠିନ ବ୍ୟାୟାମ ୨ ଘଣ୍ଟା ପ୍ରତିଦିନ କଲେ । ନାରୀର ମନ ଶରୀର ଠିକ୍ ରହିବ । ଓଭମଚଷ୍ମ କଲେଜର ନିର୍ଦ୍ଦେଶକ ଡାକ୍ତର ଚିତ୍ତରଂଜନ ସାହୁ, ଡ. କେରେଲିୟାନ ଜର୍ମାନ ବୈଜ୍ଞାନିକ ନାରୀର ଅରା ଶକ୍ତି ଉପରେ ଫୋଟ ଉଠାଇ ତୁଳସୀ ଗଛକୁ ନାରୀ ବୋଲି ପୁରାଣ ଲେଖାଅଛି ଧ୍ୟାନ, ଜପ ଓ ଯୋଗ, ପ୍ରାଣାୟାମ କଲେ ଶରୀରର ଜ୍ୟୋତି ବା ଅରା ଶକ୍ତି ୪ ଗୁଣୁ ବଢ଼ି ଥାଏ, ମନରେ ସକରାତ୍ମକ ଚିନ୍ତା ବଢ଼େ, ନାରୀ ସତୀ, ଶାନ୍ତି, ଶକ୍ତି ଧାରଣ କରିପାରିବ । ପରିଚାଳନା କରିଥିଲେ ଅଧାପିକା କ୍ରାନ୍ତି କ୍ରୀର୍ଷ୍ଣା ପାଣିଗ୍ରାହୀ ଶେଷରେ ଧନ୍ୟବାଦ ଅଧାପିକା ଅନିତା ମିଶ୍ର ଦେଇଥିଲେ ।

# ପାରାଦୀପ ସ୍ୱାକ୍ଷରତା ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ପାରାଦୀପ, ୦୮/୩ (ନି.ପ୍ର): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆଜି ପାରାଦୀପ ସାକ୍ଷ୍ୟରତା ସମିତି ପକ୍ଷରୁ ଅଫିସରସ୍ କ୍ଲବରେ ଏକ ପ୍ରେରଣାଦାୟକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏ.କେ. ବୋଷ, ବନ୍ଦର ପରାମର୍ଶଦାତା (ଟ୍ରାଫିକ୍) ଯୋଗ ଦେଇ ପ୍ରତିଦିନ ମହିଳା ମାନଙ୍କୁ



ସଶକ୍ତ କରିବା ଓ ପ୍ରେରଣା ଦେବା ପାଳନ କରିବା ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଶ୍ରୀମତୀ ସୁଚିସ୍ମିତା ବୋଷ, ଶ୍ରୀମତୀ ସ୍ମୃତି ସ୍ୱାଇଁ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ପାରାଦୀପ ପୌରପାଳିକା ଏବଂ ଏ.କେ. ସାହୁ, ସିନିୟର ଡିଟିଏମ୍, ପିପିଏ ମଧ ସାମିଲ ହୋଇଥିଲେ।ଏହି ଅବସରରେ, ପୋର୍ଟ କ୍ଲବ, ଲେଡିଜ୍ ୱିଙ୍ଗ ପାରାଦୀପର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ବୃକ୍ଷରୋପଣ ଅଭିଯାନ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ରେ ସଙ୍ଗଠନ ର ସଭାପତି, ସଚିବ, କୋଷାଧକ୍ଷ ଏବଂ ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବହୁ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା।

SAI SADHANA SCIENCE COLLEGE
A FULLY +2 SCIENCE & ARTS RESIDENTIAL COL-
Dibyasingpur, Udala, Dist: Mayurbhanj
SUMMER COURSE
Admission is going on
Admission Starts from :
Date : 10.03.2025
Summer Course
Starts from : 20.03.2025
Courses Fee : Rs. 4000.00
(Free Fooding & Lodging)
: Documents :
Xerox Copy of Admit Card (HSC),
Aadhar Card & Photo (4 copies)
SAI SADHANA
TALENT TEST - 2025
(Inter High School) on Dt.09.03.2025
-: Documents :-
HSC (10th) Admit Card Original
Exam. Time: 10.30 AM to 11.30 AM
Subject of Exam (Multiple Choice) (Math = 20 marks + Science = 20 Marks + English = 20Marks) = 60 marks
Result publication and prize distribution will be on same day at 2.00PM
1st Prize: Rs.2000/- | 2nd Prize: Rs.1500/- | 3rd Prize: Rs.1000/-
-: Venue :-
SAI SADHANA SCIENCE COLLEGE
-: Contact No :-
9437294587, 8328874537
9437443950, 9438317887
Consolation Prize:
500/-
up to rank-10
Sd/- P.C Bindhani, Chairman

# ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନର ସିଧାପ୍ରସାରଣ କାର୍ଯ୍ୟକ୍ରମ

## ବାଲେଶ୍ୱର ଜିଲ୍ଲାରୁ ଦ୍ୱିତୀୟ କିସ୍ତି ପାଇଲେ ୫୮୪୩୧୦ ହିତାଧିକାରୀ

ବାଲେଶ୍ୱର, ୦୮/୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଗଂଜାମ ଜିଲ୍ଲାର ବ୍ରହ୍ମପୁର ସହରର ଆମ୍ବପୁଆ ଠାରେ ରାଜ୍ୟର ୧ କୋଟି ୬୪ ହଜାର ମହିଳାଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି । ଏହି ଅବସରେରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ଉତ୍କଳ ବାଳାଶ୍ରମ ପରିସରଠାରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡା ଏବଂ ଯୁବସେବା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ କହିଥିଲେ ଯେ ସୁଭଦ୍ରା ଯୋଜନା ଆଜି ଏକ ବିପ୍ଲବରେ ପରିଣତ ହୋଇଛି। ଏହି ଯୋଜନା ଦ୍ୱାରା କିଶୋରୀମାନଙ୍କଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ବୟସର ମହିଳାମାନେ ସଶକ୍ତ ଏବଂ ସମୃଦ୍ଧ ହୋଇପାରିବାର ବ୍ୟବସ୍ଥା କରାଯାଉଛି । ଏହା ରାଜ୍ୟର ପ୍ରତ୍ୟେକ ସୁଭଦ୍ରାଙ୍କ ମନରେ ଏକ ନୂତନ ଆଶା ଓ ବିଶ୍ୱାସର




ସଂଚାର କରିପାରିଛି। ସମ୍ମାନିତ ଅତିଥି ଭାବେ ମାନ୍ୟବର ସାଂସଦ ବାଲେଶ୍ୱର ଶ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ସାଶକ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ନୀଳଗିରି ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ, ମାନ୍ୟବର ବିଧାୟକ ବାଲେଶ୍ୱର ସଦର ଶ୍ରୀ ମାନସ ଦତ୍ତ, ମାନ୍ୟବର ଅଧକ୍ଷା ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ ଓ ମାନ୍ୟବର ଅଧକ୍ଷା ସଦର ବ୍ଲକ ଶ୍ରୀମତୀ ସୁନିତା ବେହେରା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଗତ ୯ ମାସ ମଧ୍ୟରେ ଓଡିଶା ସରକାର ତଥା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବାଲେଶ୍ୱର ଜିଲ୍ଲାରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ କହିବା ସହ ସମସ୍ତେ ସୁଭଦ୍ରା ଯୋଜନାରେ ପାଇଥିବା ଟଙ୍କାକୁ ସଦୁପଯୋଗ କରି ବିକଶିତ ଓଡିଶା ଓ ବିକଶିତ ଭରତ ଗଠନରେ ଭାଗୀଦାରୀ ହେବା ପାଇଁ ଉତ୍ସାହିତ କରିଥିଲେ । ସୂଚନାଯୋଗ୍ୟକି, ଆଜି ବାଲେଶ୍ୱର ଜିଲ୍ଲାରୁ ସର୍ବମୋଟ ୫୮୪୩୧୦ ଜଣ ହିତାଧିକାରୀ ଦ୍ୱିତୀୟ କିସ୍ତିର ଟଙ୍କା ନିଜ ବ୍ୟାଙ୍କ ଖାତାରେ ପାଇଛନ୍ତି । ସମସ୍ତେ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ କାର୍ଯ୍ୟକ୍ରମ ଦେଖିବା ସହ ଜିଲ୍ଲା ମହିଳା ଏବଂ ଶିଶୁ ବିକାଶ ବିଭାଗରେ କାର୍ଯ୍ୟରତ ନିଷ୍ଠାପର କର୍ମଚାରୀଙ୍କୁ ସମ୍ମାନିତ କରିଯାଇଥିଲା । ଏତଦବ୍ୟତୀତ ୫୧ତମ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲାର ଛାତ୍ରଛାତ୍ରୀ ଏବଂ ଅଙ୍ଗନବାଡି କର୍ମୀ ଓ ହେଲପର ମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ଓ କର୍ମୀଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ହେମନ୍ତ କୁମାର ସିଂ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ଡିଏସଡବ୍ଲୁଓ ଶ୍ରୀମତୀ ଗୌରୀ ନାୟକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଚାମ୍ପିଅନ ହେବା ପାଇଁ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ହେବ ଲଢ଼େଇ ଆଜି

ନୂଆଦିଲ୍ଲୀ, ୦୮/୩- ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଫାଇନାଲ ମ୍ୟାଚ୍ ରବିବାର (୯ ମାର୍ଚ୍ଚ) ଦିନ ଦୁବାଇରେ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଖେଳାଯିବ। ଏହା ଠିକ୍ ଗୋଟିଏ ସପ୍ତାହ ପୂର୍ବେ ହୋଇଥିବା ଗ୍ରୁପ୍ ପର୍ଯ୍ୟାୟ ମୁକାବିଲାର ପୁନରାବୃତି ହେବ, ଯେଉଁଠାରେ ଭାରତ ଏକ ଚମତ୍କାର ବିଜୟ ହାସଲ କରିଥିଲା। ଭାରତ ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଂଟରେ ଅପରାଜିତ ରହିଛି, ଯେତେବେଳେ ନ୍ୟୁଜିଲାଣ୍ଡ ନିଜର ଲୟ ଖୋଜିବା ପାଇଁ ବିଭିନ୍ନ ସ୍ଥାନରେ ଚାରୋଟି ମ୍ୟାଚ୍ ଖେଳିଛି। ନ୍ୟୁଜିଲାଣ୍ଡର ଦୁବାଇରେ ଖେଳିବାର ଅଭିଜ୍ଞତା ଅଛି ଏବଂ କାଗଜପତ୍ରରେ ସେମାନେ ଭାରତକୁ ଏକ କଠିନ ଚ୍ୟାଲେଞ୍ଜ ଦେବାକୁ ପ୍ରସ୍ତୁତ ଥିବା ଦେଖାଯାଉଛି। ଭାରତକୁ ସେମାନଙ୍କର ଅନ୍ତିମ ଏକାଦଶ ସମ୍ପର୍କରେ ଏକ ବଡ଼ ନିଷ୍ପତି ନେବାକୁ ପଡିବ - କୁଲଦୀପ ଯାଦବଙ୍କ ସ୍ଥାନରେ ଜଣେ ଅତିରିକ୍ତ ପେସର ଖେଳାଇବା ଉଚିତ କି ? ତଥାପି, ଏହା ବାମହାତୀ ନ୍ୟୁଜିଲାଣ୍ଡ ବ୍ୟାଟସମ୍ୟାନଙ୍କ ବିପକ୍ଷରେ ସେମାନଙ୍କ ପାଖରେ ଗୋଟିଏ କମ୍ ପ୍ରଭାବଶାଳୀ ସ୍ପିନ୍ ବିକଳ୍ପ ଛାଡିଦେବ। ଦୁବାଇର ପିଚ୍ ଧୀର ଏବଂ ଟର୍ଣ୍ଣିଂ ହୋଇଛି, ଯାହା ସ୍ପିନରମାନଙ୍କୁ ସାହାଯ୍ୟ କରିଛି। ଏପର୍ଯ୍ୟନ୍ତ ଖେଳାଯାଇଥିବା ଚାରୋଟି ମ୍ୟାଚ୍‌ରେ, ଯେଉଁ ଦଳ ସ୍ପିନରମାନେ ପ୍ରଭାବଶାଳୀ ଥିଲେ ସେମାନେ ବିଜୟ ହାସଲ କରିବାରେ ସଫଳ ହୋଇଛନ୍ତି। ଭାରତର ସ୍ପିନରମାନେ ଦ୍ରୁତ ଏବଂ ସିଧା ବୋଲିଂ କରିବାରେ ପାରଙ୍ଗମ, ଯାହା ଏହି ପିଚ୍‌ରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida